RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -160 ସଂଖ୍ୟା-୧୬୦
ଭୁବନେଶ୍ୱର, ଗୁରୁବାର, ୦୪ ସେପ୍ଟେମ୍ବର ୨୦୨୫
Bhubaneswar, Thursday, 04, September, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ପାରାଦ୍ୱୀପରେ ମିଳିତ ସମରାଭ୍ୟାସ ସାଗର କବଚ୍-୨



ପାରାଦୀପ,୩।୯(ନି.ପ୍ର.): ପାରାଦ୍ୱୀପରେ ଦୁଇ ଦିନିଆ ମିଳିତ ସମରାଭ୍ୟାସ ସାଗର କବଚ୍-୨ ଆରମ୍ଭ ହୋଇଛି । ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଉପକୂଳର ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ପ୍ରତ୍ୟକ ବର୍ଷ ଦୁଇଥର ଆୟୋଜିତ ହେଉଛି ଏହି ମିଳିତ ସମରାଭ୍ୟାସ ସାଗର କବଚ୍ ।

ଚ଼ଳିତ ବର୍ଷର ଦ୍ୱିତୀୟ ସମରାଭ୍ୟାସ ସାଗର କବଚ୍-୨ ଦୁଇଦିନ ଧରି ଗଭୀର ସମୁଦ୍ରରେ ଆରମ୍ଭ ହୋଇଯାଇଛି । ଏହି ମିଳିତ ସମରାଭ୍ୟାସରେ ଜଳପଥରେ ହେଉଥିବା ଆତଙ୍କବାଦୀ ଆକ୍ରମଣ ଓ ଅନୁପ୍ରବେଶକାରୀଙ୍କୁ କିପରି ପ୍ରତିରୋଧ କରାଯାଇପାରିବ ଏହାର ସମସ୍ତ କଳାକୌଶଳ ପ୍ରଦର୍ଶନ କରୁଛନ୍ତି ୧୮ରୁ ଉର୍ଦ୍ଧ୍ୱ ବିଭାଗ । ଗଭୀର ସମୁଦ୍ରରେ ଭାରତୀୟ ନୌସେନା, କୂଳରେ ତଟରକ୍ଷୀ ବାହିନୀ, ସାମୁଦ୍ରିକ ଥାନା ପୁଲିସ ଓ ମତ୍ସ୍ୟ ବିଭାଗ ପଇଁତରା ମାରିବା ସହିତ ଅନ୍ୟ ବିଭାଗ ଗୁଡିକ ସ୍ଥଳଭାଗରେ ଉପକୂଳକୁ ସୁରକ୍ଷା ଯୋଗାଉଛନ୍ତି । ସାଗର କବଚ୍-୨ ଦୁଇଦିନ ଧରି ଗଭୀର ସମୁଦ୍ରରେ ଆରମ୍ଭ ହୋଇଯାଇଛି । ଏହି ମିଳିତ ସମରାଭ୍ୟାସରେ ଜଳପଥରେ ହେଉଥିବା ଆତଙ୍କବାଦୀ ଆକ୍ରମଣ ଓ ଅନୁପ୍ରବେଶକାରୀଙ୍କୁ କିପରି ପ୍ରତିରୋଧ କରାଯାଇପାରିବ ଏହାର ସମସ୍ତ କଳାକୌଶଳ ପ୍ରଦର୍ଶନ କରୁଛନ୍ତି ୧୮ରୁ ଉର୍ଦ୍ଧ୍ୱ ବିଭାଗ ।

ଏହି ୧୮ରୁ ଉର୍ଦ୍ଧ୍ୱ ବିଭାଗ ଇଣ୍ଡିଆନ ନ୍ୟାଭି, କୋଷ୍ଟଗାର୍ଡ, ସିଆଇଏସଏଫ, ମତ୍ସ୍ୟ ବିଭାଗ, ମେରାଇନ ପୁଲିସ, କଷ୍ଟମ ବିଭାଗ, ଅଗ୍ନିଶମ ବିଭାଗ ଓ ଓଡିଶା ପୁଲିସ, ବନ ବିଭାଗ, ପାରାଦ୍ୱୀପ ବନ୍ଦର ପ୍ରଭୃତିକୁ ଦୁଇଟି ବିଭାଗରେ ବିଭକ୍ତ କରାଯାଇଛି । ରେଡ ଟିମ ଆତଙ୍କବାଦୀଙ୍କ ରୂପରେ ଜଳପଥରୁ ଆସି ସ୍ଥଳପଥରେ ପ୍ରବେଶ କରି ଆକ୍ରମଣ କରିବାକୁ ଯୋଜନା କରିବେ ଏବଂ ଏହି ଆକ୍ରମଣକୁ ପଣ୍ଡ କରିବା ପାଇଁ ବ୍ଲୁ ଟିମ ସ୍ଥଳଭାଗରେ ପ୍ରତିରୋଧ କରିବା ସହିତ ଆକ୍ରମଣ ଉଦ୍ୟମକୁ ପଣ୍ଡ କରିବେ । ଆଜି ସକାଳୁ ଜଳପଥ ସମେତ ସ୍ଥଳପଥରେ ସମରାଭ୍ୟାସ ଆରମ୍ଭ ହୋଇଯାଇଛି । ୨୬/୧୧ ମୁମ୍ବାଇ ଆକ୍ରମଣ ପରେ ସମଗ୍ର ଭାରତ ବର୍ଷ ରେ ଥିବା ଉପକୂଳ ବନ୍ଦର ମାନଙ୍କରେ ଆୟୋଜିତ ହେଉଛି ଏହି ମିଳିତ ସମରାଭ୍ୟାସ ସାଗର କବଚ୍- ୨ । ଏନେଇ ପାରାଦୀପର ବିଭିନ୍ନ ସମ୍ବେଦନଶୀଳ ଅଂଚ଼ଳରେ ସୁରକ୍ଷା କର୍ମୀମାନେ ସଜାଗ ରହିଥିବା ଦେଖିବାକୁ ମିଳିଛି ।

## ଶ୍ରୀମନ୍ଦିର ସୁରକ୍ଷା ନେଇ ସବ୍‌କମିଟି ଗଠନ
### ଧାଡି ଦର୍ଶନକୁ ଅନୁମୋଦନ

ପୁରୀ,୩।୯(ନି.ପ୍ର.): ଶ୍ରୀମନ୍ଦିର ପରିଚ଼ାଳନା କମିଟିର ପ୍ରଥମ ବୈଠକ ବୁଧବାର ଶେଷ ହୋଇଛି । ପରିଚ଼ାଳନା କମିଟି ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ ପାଢୀ ସୂଚ଼ନା ଦେଇ କହିଛନ୍ତି, ଶ୍ରୀମନ୍ଦିର ସୁରକ୍ଷା ନେଇ ୧୪ ସବ୍‌କମିଟି ଗଠନ ହୋଇଛି । ୧୪ ସବ୍‌କମିଟି ମଧ୍ୟରୁ ୪ଟି ଷ୍ଟାଚ୍ୟୁଟାରୀ ସବ୍‌କମିଟି । ଷ୍ଟାଚ୍ୟୁଟାରୀ ସବ୍‌କମିଟି - ଅର୍ଥ, ନୀତି, ରତ୍ନଭଣ୍ଡାର, ଅପିଲ୍ କମିଟି ଗଠନ କରାଯାଇଛି । ଗିରିଶ ଚ଼ନ୍ଦ୍ର ମୁର୍ମୁଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ନେଇ ସବ୍‌କମିଟି ଗଠନ କରାଯାଇଛି । ଶ୍ରୀଜଗନ୍ନାଥ ତତ୍ତ୍ୱ, ଗବେଷଣା, ପ୍ରକାଶନ ଓ ପ୍ରସାର ସବ୍‌କମିଟି ଗଠନ କରାଯାଇଛି । ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ସବ୍‌କମିଟି ଗଠନ ହୋଇଛି । ସେବକ କଲ୍ୟାଣ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସବ୍‌କମିଟି ଗଠନ ହୋଇଛି । ସେହିପରି ମୁଖ୍ୟପ୍ରଶାସକଙ୍କ ଅଧ୍ୟକ୍ଷତାରେ ବିଧି ସବ୍‌କମିଟି ଗଠନ କରାଯାଇଛି । ନୀତି ପ୍ରଶାସକଙ୍କ ଅଧ୍ୟକ୍ଷତାରେ ନୀତି ସମନ୍ୱୟ ସବ୍‌କମିଟି ଗଠନ କରାଯାଇଛି ।ନାଟମଣ୍ଡପରେ ଧାଡି ଦର୍ଶନ ବ୍ୟବସ୍ଥାକୁ ପରିଚ଼ାଳନା କମିଟିରେ ଅନୁମୋଦନ ମିଳିଛି । ସୁପରିଚ଼ାଳନା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ହୋଇଛି । କମିଟିରେ ୯ ଜଣ ସଦସ୍ୟ ଅଛନ୍ତି, ସବୁ ଦିଗରୁ ଅନୁଧ୍ୟାନ କରିବେ । ସମ୍ପୃକ୍ତ ନିଯୋଗ ସହ ଭଲ ଭାବେ ଆଲୋଚ଼ନା କରିବେ । ଯେପରି ଭାବେ ମହାପ୍ରଭୁଙ୍କ ନୀତି ବିଳମ୍ବିତ ନ ହେବ ଗୁରୁତ୍ୱ ଦେବେ । ପ୍ରଥମେ ପରୀକ୍ଷାମୂଳକ ଭାବେ ଧାଡି ଦର୍ଶନକୁ ଲାଗୁ କରାଯିବ ।



ଆବଶ୍ୟକତା ପଡିଲେ ଜିଲ୍ଲାପାଳଙ୍କ ନେତୃତ୍ୱାଧୀନ କମିଟି ସଂଶୋଧନ କରିବ । ଖୁବ୍ ଶୀଘ୍ର ଧାଡି ଦର୍ଶନ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଉଛି । ନାଟମଣ୍ଡପରେ ବାତାନୁକୁଳ କରିବା ପାଇଁ ଏଏସଆଇ ମଧ୍ୟ ଅନୁମୋଦ ଦେଇଛି ।

## ଜିଏସ୍‌ଟି ବୈଠକରେ ବଡ଼ ନିଷ୍ପତ୍ତି : ଏବେ କେବଳ ୫% ଓ ୧୮% ଟିକସ ଲାଗୁ

**ନୂଆଦିଲ୍ଲୀ,୩।୯(ଏଜେନ୍ସି):** ଜିଏସଟି ପରିଷଦର ୫୬ତମ ବୈଠକରେ ଆଜି ବହୁତ ବଡ଼ ନିଷ୍ପତ୍ତି ନିଆଯାଇଛି । ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ୨୦୧୭ ପରେ ଜିଏସ୍‌ଟିର ସବୁଠାରୁ ବଡ଼ ସଂସ୍କାର ଜିଏସ୍‌ଟି ୨.୦ ଘୋଷଣା କରିଛନ୍ତି । ଏହି ସରଳୀକୃତ ଦୁଇହାର ଗଠନ (୫% ଓ ୧୮%) ଅତ୍ୟାବଶ୍ୟକ ସାମଗ୍ରୀ, ଔଷଧ ଓ ଅଟୋମୋବାଇଲ୍‌ର ଦାମ୍ ହ୍ରାସ କରିବ, ଯେତେବେଳେ ସୌଖୀନ ଓ ତମାଖୁ ଜାତୀୟ ଦ୍ରବ୍ୟ ପାଇଁ ୪୦% ନୂଆ ଟିକସ ସ୍ଲାବ୍ ପ୍ରବର୍ତ୍ତନ ହୋଇଛି ।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଏସଟି ସ୍ଲାବକୁ ହ୍ରାସ କରି କେବଳ ଦୁଇଟି କରାଯାଇଛି । ଏବେ ସାରାଦେଶରେ କେବଳ ୫ ଓ ୧୮ ପ୍ରତିଶତ ସ୍ଲାବ୍ ଲାଗୁ ହେବ । ୧୨ ଓ ୨୮ ପ୍ରତିଶତ ସ୍ଲାବକୁ ବନ୍ଦ କରିଛନ୍ତି କେନ୍ଦ୍ର ସରକାର । ଏହି ନୂତନ ସ୍ଲାବ ଆସନ୍ତା ୨୨ ତାରିଖରୁ ଲାଗୁ ହେବ । ବିଶେଷ କରି ସୌଖୀନ ଓ ତମାଖୁ ଜାତ ସାମଗ୍ରୀ ଉପରେ ୪୦% ସ୍ଲାବ୍ ଲାଗୁ ହୋଇଥିବାବେଳେ ଶସ୍ତା ହେବ ଅତ୍ୟାବଶ୍ୟକ ସାମଗ୍ରୀ ।

ବୈଠକ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ସାଧାରଣ ଲୋକଙ୍କୁ ଧ୍ୟାନରେ ରଖି ଏହି ସଂସ୍କାର କରାଯାଇଛି । ସାଧାରଣ ଲୋକଙ୍କ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଉପରେ ଲାଗୁ ହୋଇଥିବା ପ୍ରତ୍ୟେକ ଟିକସର ସମୀକ୍ଷା କରାଯାଇଛି ଏବଂ ଅଧିକାଂଶ କ୍ଷେତ୍ରରେ ହାରକୁ ବ୍ୟାପକ ଭାବରେ ହ୍ରାସ କରାଯାଇଛି । ଏଥିରେ ଚ଼ଷୀ ଏବଂ କୃଷି କ୍ଷେତ୍ର ସହିତ ସ୍ୱାସ୍ଥ୍ୟ କ୍ଷେତ୍ର ମଧ୍ୟ ଉପକୃତ ହେବେ । ବିଶେଷ କରି ରୁଟି, ପରଟା, ଛେନା ପନିର ଉପରେ କୌଣସି ଟିକସ ରହିବ ନାହିଁ । ପାସ୍ତା, ଚକୋଲେଟ, କଫି ଉପରେ ୧୮% ବଦଳରେ ୫% ଟିକସ ଲାଗୁ ହେବ । ଏୟାର କଣ୍ଡିସନର, ଟିଭି, ଛୋଟ କାର ଏବଂ ମୋଟରସାଇକେଲ ଉପରେ ୧୮% ଟିକସ ଲାଗୁ ହେବ ।ସେହିପରି ଯେଉଁ ସାମଗ୍ରୀ ଉପରେ ଜିଏସଟି ୫%କୁ ହ୍ରାସ କରାଯାଇଛି । ସେଗୁଡ଼ିକ ମଧ୍ୟରେ କେଶ ତେଲ, ଟଏଲେଟ୍ ସାବୁନ୍, ସାମ୍ପୁ, ଟୁଥବ୍ରସ୍, ଟୁଥପେଷ୍ଟ, ସାଇକେଲ, ରୋଷେଇ ଘରର ସାମଗ୍ରୀ, ନମକିନ, ଭୁଜିଆ, ସସ୍, ପାସ୍ତା, ଚକୋଲେଟ୍, କଫି ଏବଂ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ଅନ୍ତର୍ଭୁକ୍ତ । ଏହା ସହ ୩୩ଟି ଜୀବନ ରକ୍ଷାକାରୀ ଔଷଧ ଉପରେ ଜିଏସ୍‌ଟିକୁ ଶୂନ୍ୟ କରାଯାଇଛି ।

ଶସ୍ତା ହେବ ଅତ୍ୟାବଶ୍ୟକ ସାମଗ୍ରୀ: ଚୁଟି ତେଲ, ସାବୁନ, ଶାମ୍ପୁ, ଟୁଥବ୍ରଶ୍ ଓ ସାଇକେଲ୍ ଏବେ ୧୮%ରୁ ୫% ଟିକସ ଦେବ । କ୍ଷୀର, ପନୀର ଓ ଭାରତୀୟ ରୁଟି ଜିଏସ୍‌ଟିରୁ ମୁକ୍ତ, ଅର୍ଥାତ୍ ୫%ରୁ ଶୂନ୍ୟ । ନମକୀନ, ଭୁଜିଆ, ସସ୍, ପାସ୍ତା, କର୍ଣ୍ଣଫ୍ଲେକ୍ସ, ମାଖନ ଓ ଘିଅ ଏବେ ୫% ସ୍ଲାବ୍‌ରେ । ୩୩ଟି ଜୀବନ ରକ୍ଷାକାରୀ ଔଷଧ ୧୨%ରୁ ଶୂନ୍ୟ ଏବଂ ଚଷମା ଓ ଗଗଲ୍‌ସ ୨୮%ରୁ ୫% ଟିକସ ଦେବ ।

ଅଟୋମୋବାଇଲ୍ ଓ ଗୃହ ନିର୍ମାଣରେ ରିହାତି: ସିମେଣ୍ଟର ଟିକସ ୨୮%ରୁ ୧୮% ହେବ ୩୫୦ ସିସିରୁ କମ୍ ମୋଟରସାଇକେଲ, ତିନିଚକିଆ ଓ ଛୋଟ କାର ୨୮%ରୁ ୧୮% ଏବଂ ବସ୍, ଟ୍ରକ୍ ଓ ଆମ୍ବୁଲାନ୍ସ ମଧ୍ୟ ୧୮% ସ୍ଲାବ୍‌ରେ ସମସ୍ତ ଅଟୋ ପାର୍ଟସ୍ ଏକୀକୃତ ୧୮% ଟିକସ ଦେବ ।ସୌଖୀନ ଦ୍ରବ୍ୟରେ ୪୦% ଟିକସ: ପାନ ମସଲା, ସିଗାରେଟ, ଗୁଟଖା, ଚିନିଯୁକ୍ତ ଏରେଟେଡ୍ ଜଳ, କ୍ୟାଫେନେଟେଡ୍ ଓ ଫଳଭିତ୍ତିକ ପାନୀୟ ଏବଂ ମାଧ୍ୟମ ଓ ବଡ଼ କାର, ୩୫୦ ସିସି ଉପରେ ମୋଟରସାଇକେଲ, ୟାଟ୍ ଓ ବ୍ୟକ୍ତିଗତ ବିମାନ ଉପରେ ୪୦% ସିନ୍ ଟ୍ୟାକ୍ସ ଲାଗୁ ହେବ ।ହସ୍ତଶିଳ୍ପ ଓ ମୁଖ୍ୟ ଶିଳ୍ପକୁ ପ୍ରୋତ୍ସାହନ: ହସ୍ତଶିଳ୍ପ, ମାର୍ବଲ, ଗ୍ରାନାଇଟ୍ ବ୍ଲକ୍ ଓ ଚମଡ଼ା ମଧ୍ୟବର୍ତ୍ତୀ ସାମଗ୍ରୀରେ ଟିକସ ୧୨%ରୁ ୫% ହେବ ନାଚୁରାଲ୍ ମେନ୍ଥଲ୍ ମଧ୍ୟ ୫% ସ୍ଲାବ୍‌ରେ ।ସିମେଣ୍ଟ ଉପରେ ଜିଏସଟି ୨୮% ରୁ ୧୮% କୁ ହ୍ରାସ । ୩୩ଟି ଜୀବନରକ୍ଷକ ଔଷଧ ଏବଂ ଔଷଧ ଉପରେ ଜିଏସଟି ୧୨% ରୁ ଶୂନକୁ ହ୍ରାସ ଏବଂ ୩ଟି ଜୀବନରକ୍ଷକ ଔଷଧ ଏବଂ କର୍କଟ, ବିରଳ ରୋଗ ଏବଂ ଅନ୍ୟାନ୍ୟ ଗୁରୁତର ଦୀର୍ଘକାଳୀନ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ଉପରେ ୫% ରୁ ଶୂନକୁ ହ୍ରାସ । ଅନ୍ୟାନ୍ୟ ସମସ୍ତ ଔଷଧ ଏବଂ ଔଷଧ ଉପରେ ଜିଏସଟି ୧୨% ରୁ ୫% କୁ ହ୍ରାସ ।ଚିକିତ୍ସା, ଶଲ୍ୟଚିକିତ୍ସା, ଦନ୍ତ କିମ୍ବା ପଶୁଚିକିତ୍ସା ବ୍ୟବହାର ପାଇଁ କିମ୍ବା ଭୌତିକ କିମ୍ବା ରାସାୟନିକ ବିଶ୍ଳେଷଣ ପାଇଁ ବ୍ୟବହୃତ ବିଭିନ୍ନ ଚିକିତ୍ସା ଉପକରଣ ଏବଂ ଉପକରଣ ଉପରେ ଜିଏସଟି ୧୮% ରୁ ୫% କୁ ହ୍ରାସ । ୱେଡିଂ ଗଜ୍, ବ୍ୟାଣ୍ଡେଜ୍, ଡାଇଗ୍ନୋଷ୍ଟିକ୍ କିଟ୍ ଏବଂ ରିଏଜେଣ୍ଟ, ରକ୍ତ ସର୍କରା ମନିଟରିଂ ସିଷ୍ଟମ୍ (ଗ୍ଲୁକୋମିଟର୍) ଚିକିତ୍ସା ଉପକରଣ ଇତ୍ୟାଦି ବିଭିନ୍ନ ଚିକିତ୍ସା ଉପକରଣ ଏବଂ ଯୋଗାଣ ଉପକରଣ ଉପରେ ଜିଏସଟି ୧୨% ରୁ ୫% କୁ ହ୍ରାସ । ୩୫୦ସିସି ସହ ସମାନ କିମ୍ବା ତା'ଠାରୁ କମ୍ ଛୋଟ କାର ଏବଂ ମୋଟରସାଇକେଲ୍ ଉପରେ ଜିଏସଟି ୨୮% ରୁ ୧୮% କୁ ହ୍ରାସ । ବସ୍, ଟ୍ରକ୍, ଆମ୍ବୁଲାନ୍ସ ଇତ୍ୟାଦି ଉପରେ ଜିଏସଟି ୨୮% ରୁ ୧୮% କୁ ହ୍ରାସ ।

ସମସ୍ତ ଅଟୋ ପାର୍ଟସ ଉପରେ ସେମାନଙ୍କର ଏଚଏସ କୋଡ୍ ନିର୍ବିଶେଷରେ ୧୮% ସମାନ ଜିଏସଟି ହାର; ତିନି ଚକିଆ । ଯାନ ଉପରେ ଜିଏସଟି ୨୮% ରୁ ୧୮% କୁ ହ୍ରାସ ।ମାନବ ନିର୍ମିତ ଫାଇବର ଉପରେ ଜିଏସଟି ହାର ୧୮% ରୁ ୫% କୁ ଏବଂ ମାନବ ନିର୍ମିତ ସୂତାକୁ ୧୨% ରୁ ୫% କୁ ହ୍ରାସ କରି ମାନବ ନିର୍ମିତ ବୟନ କ୍ଷେତ୍ର ପାଇଁ ଦୀର୍ଘ ଦିନ ଧରି ବିଳମ୍ବିତ ଇନଭର୍ଟେଡ୍ ଶୁଳ୍କ ଢାଞ୍ଚାର ସଂଶୋଧନ । ସଲଫ୍ୟୁରିକ୍ ଏସିଡ୍, ନାଇଟ୍ରିକ୍ ଏସିଡ୍ ଏବଂ ଆମୋନିଆ । ଉପରେ ଜିଏସଟି ୧୮% ରୁ ୫% କୁ ହ୍ରାସ କରି ସାର କ୍ଷେତ୍ରରେ ଇନଭର୍ଟେଡ୍ ଶୁଳ୍କ ଢାଞ୍ଚାର ସଂଶୋଧନ ।ଅକ୍ଷୟ ଶକ୍ତି ଉପକରଣ ଏବଂ ସେଗୁଡ଼ିକର ଉତ୍ପାଦନ ପାଇଁ ଅଂଶ ଉପରେ ଜିଏସଟି ୧୨% ରୁ ୫% କୁ ହ୍ରାସ ।ପ୍ରତିଦିନ ପ୍ରତି ୟୁନିଟ୍ ୭,୫୦୦ ଟଙ୍କା କିମ୍ବା ସମାନ ମୂଲ୍ୟର ହୋଟେଲ ଆବାସ ସେବା ଉପରେ ଜିଏସଟି ୧୨% ରୁ ୫% କୁ ହ୍ରାସ ।ଜିମ୍, ସେଲୁନ୍, ନାପିତ, ଯୋଗ କେନ୍ଦ୍ର ଇତ୍ୟାଦି ସେବା ସମେତ ସାଧାରଣ ଲୋକଙ୍କ ଦ୍ୱାରା ବ୍ୟବହୃତ ସୌନ୍ଦର୍ଯ୍ୟ ଏବଂ ଶାରୀରିକ ସୁସ୍ଥତା ସେବା ଉପରେ ଜିଏସଟି ୧୮% ରୁ ୫% କୁ ହ୍ରାସ ।

## ବ୍ୟବସାୟ ନିୟମ ସହଜ କରିବାକୁ ଜିଏସ୍‌ଟି ପରିଷଦର ଅନୁମୋଦନ



ନୂଆଦିଲ୍ଲୀ,୩।୯: ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) କାଉନସିଲ୍ ବ୍ୟବସାୟମାନଙ୍କ ଉପରେ ଅନୁପାଳନ ବୋଝ ହ୍ରାସ କରିବା ପାଇଁ କିଛି ପଦକ୍ଷେପଗୁଡ଼ିକୁ ମଞ୍ଜୁରି ଦେଇଛି । ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ଏମ୍‌ଏସ୍‌ଏମ୍‌ଇ (ମଧ୍ୟମ, ଛୋଟ ଓ କ୍ଷୁଦ୍ର ଉଦ୍‌ଯୋଗ) ଏବଂ ଷ୍ଟାର୍ଟ-ଆପଗୁଡ଼ିକ ପାଇଁ ନିବନ୍ଧନ ସମୟକୁ ୩୦ ଦିନରୁ ୩ ଦିନକୁ ହ୍ରାସ କରାଯାଇଛି । ଏକ୍ସପୋର୍ଟରମାନଙ୍କ ପାଇଁ ସ୍ୱୟଂଚ଼ାଳିତ ଜିଏସ୍‌ଟି ରିଫଣ୍ଡ୍ ପ୍ରସ୍ତାବମଧ୍ୟ ମଞ୍ଜୁର ହୋଇଛି ।

ବୁଧବାର ଆରମ୍ଭ ହୋଇଥିବା ଦୁଇଦିନିଆ ବୈଠକରେ ଜିଏସ୍ ?ଟି ଟ୍ୟାକ୍ସ ସ୍ଲାବ୍ ?ଗୁଡ଼ିକର ସରଳୀକରଣ ମୁଖ୍ୟ ଏଜେଣ୍ଡା ଥିଲା । କାଉନ୍ସିଲ୍ ସମ୍ମୁଖ୍ୟ ୪ଟି ସ୍ଲାବ୍‌ଗୁଡ଼ିକୁ (୫%, ୧୨%, ୧୮% ଏବଂ ୨୮%) ଅର୍ଦ୍ଧାଧିକ ହ୍ରାସ କରିବା ପାଇଁ ସୁପାରିଶଗୁଡ଼ିକୁ ପରୀକ୍ଷା କରୁଛି । ସରକାର ୨୮% ସ୍ଲାବ୍‌ରେ ୯୦% ସାମଗ୍ରୀଗୁଡ଼ିକୁ ୧୮% ସ୍ଲାବ୍‌କୁ ଏବଂ ୧୨% ସ୍ଲାବରୁ କିଛି ସାମଗ୍ରୀଗୁଡ଼ିକୁ ୫% ସ୍ଲାବ୍ ?କୁ ସ୍ଥାନନ୍ତର କରିବାକୁ ଯୋଜନା କରିଛନ୍ତି । ଏହା ଦେଶରେ କ୍ରୟଶକ୍ତି ବୃଦ୍ଧି କରିବ ଏବଂ ୫୦,୦୦୦ କୋଟି ଟଙ୍କାର ଅନୁମାନିତ ଆୟ କ୍ଷତିକୁ ପରିହର କରିବ । ସୂତ୍ର ଅନୁସାରେ, ଟେକ୍ସଟାଇଲ୍, ଖାଦ୍ୟ, ନବୀକରଣଯୋଗ୍ୟ ଶକ୍ତି, ଅଟୋମୋବାଇଲ୍, ହସ୍ତଶିଳ୍ପ, କୃଷି, ସ୍ୱାସ୍ଥ୍ୟ ଏବଂ ବୀମା ସମେତ ୮ଟି କ୍ଷେତ୍ର ଏହି ହାର ପରିବର୍ତ୍ତନରୁ ଅଧିକ ଲାଭବାନ୍ ହେବ । କିଛି ସାମଗ୍ରୀ ବା ସେବାଗୁଡ଼ିକୁ ଜିଏସ୍ ?ଟି ଢାଞ୍ଚାରୁ ମୁକ୍ତ କରିବାର ପ୍ରସ୍ତାବ ରହିଛି, ଯେପରି ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍, ଯାହା ବର୍ତ୍ତମାନ ୧୮% କର ରହିଛି ।

### ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ

ଭୁବନେଶ୍ୱର: ୩୫ତମ ରାଜ୍ୟ ଚ଼ଳଚ୍ଚିତ୍ର ପୁରସ୍କାର-୨୦୨୩ ଏବଂ ୩୬ତମ ରାଜ୍ୟ ଚ଼ଳଚ୍ଚିତ୍ର ପୁରସ୍କାର-୨୦୨୪ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଛି । ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ୪ ଅକ୍ଟୋବର, ୨୦୨୫ ରିଖ ସୁଦ୍ଧା ଏଣ୍ଟ୍ରି ଫର୍ମ ସହ ଆବଶ୍ୟକ କାଗଜପତ୍ର ଓ ଚ଼ଳଚ଼ିତ୍ରର ସଫ୍ଟ କପି (ପେନ୍ ଡ୍ରାଇଭ)କୁ ରେଜିଷ୍ଟରଡ୍ ପୋଷ୍ଟ/ ସ୍ପିଡ଼ ପୋଷ୍ଟ/ ପାର୍ସଲ ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିପାରିବେ । ୩୫ତମ ରାଜ୍ୟ ଚ଼ଳଚ଼ିତ୍ର ପୁରସ୍କାର-୨୦୨୩ ପାଇଁ ପ୍ରେରିତ ହୋଇଥିବା ଚ଼ଳଚ଼ିତ୍ରଗୁଡିକ ୦୧.୦୧.୨୦୨୩ ରିଖରୁ ୩୧.୧୨.୨୦୨୩ ରିଖ ମଧ୍ୟରେ ଚ଼ଳଚ଼ିତ୍ର ପ୍ରମାଣନ ପତ୍ର ପ୍ରାପ୍ତ ହୋଇଥିବା ଆବଶ୍ୟକ । ସେହିପରି ଭାବେ ୩୬ତମ ରାଜ୍ୟ ଚ଼ଳଚ୍ଚିତ୍ର ପୁରସ୍କାର-୨୦୨୪ ପାଇଁ ପ୍ରେରିତ ହୋଇଥିବା ଚ଼ଳଚ୍ଚିତ୍ରଗୁଡିକ ୦୧.୦୧.୨୦୨୪ ରୁ ୩୧.୧୨.୨୦୨୪ ରିଖ ଅବଧି ମଧ୍ୟରେ ଚ଼ଳଚ୍ଚିତ୍ର ପ୍ରମାଣନ ପତ୍ର ପ୍ରାପ୍ତ ହୋଇଥିବା ଆବଶ୍ୟକ । ଓଡ଼ିଆ ଚ଼ଳଚ୍ଚିତ୍ର ଉପରେ ଓଡ଼ିଆ/ ଇଂରାଜୀ ଭାଷାରେ ଲିଖିତ ଶ୍ରେଷ୍ଠ ଲେଖା ପାଇଁ ପୁରସ୍କାର ନିମନ୍ତେ ଆଗ୍ରହୀ ଲେଖକ/ ଲେଖିକାମାନେ ଆବେଦନ କରିବା ସହିତ ଉକ୍ତ Book/Monographe ଦଶ ଖଣ୍ଡ ନକଲ ତା ୪.୧୦.୨୦୨୫ ରିଖ ସୁଦ୍ଧା ରେଜିଷ୍ଟ୍ରର୍ଡ ପୋଷ୍ଟ/ ସ୍ପିଡ଼ ପୋଷ୍ଟ / ପାର୍ସଲ ମାଧ୍ୟମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିକଟରେ ଦାଖଲ କରିପାରିବେ । ରାଜ୍ୟ ଚ଼ଳଚ଼ିତ୍ର ପୁରସ୍କାର ସମ୍ବନ୍ଧୀୟ ସବିଶେଷ ବିବରଣୀ ଓ ନିୟମାବଳୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବସାଇଟ: culture.odisha.gov.inରେ ଉପଲବ୍ଧ କରାଯାଇଛି ।

## କାହାର ଧମକକୁ ଚ଼ୀନ୍ ଭୟ କରେ ନାହିଁ
### ଆମେରିକାକୁ ଜବାବ ଦେଲେ ଜିନ୍‌ପିଙ୍ଗ

ବେଜିଂ,୩।୯: ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନଠାରୁ ବିଜୟର ୮୦ବର୍ଷ ପାଳନ ଅବସରରେ ଚ଼ୀନର ରାଜଧାନୀ ବେଜିଂରେ ମିଲିଟାରୀ ପରେଡର ଆୟୋଜନ କରାଯାଇଥିଲା । ପ୍ରତିବର୍ଷ ଚ଼ୀନ୍ ସେପ୍ଟେମ୍ବର ୩ରେ ବିଜୟ ଦିବସ ପାଳନ କରିଥାଏ । ଏହି ଅବସରରେ ଏକ ପରେଡ ଅନୁଷ୍ଠିତ ହୁଏ ଏବଂ ରାଷ୍ଟ୍ରପତି ଅଭିବାଦନ ଗ୍ରହଣ କରନ୍ତି । ଏହା ସହିତ ବିଶ୍ୱକୁ ଏହାର ଶକ୍ତି ମଧ୍ୟ ପ୍ରଦର୍ଶନ କରାଯାଏ । ଆଜି ଏହା ପାଳନ ଅବସରରେ ଏକ ପରେଡ ଅନୁଷ୍ଠି ହୋଇଥିଲା । ଯେଉଁଥିରେ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍, କିମ୍ ଜୋଙ୍ଗ ଉନ୍ ଅଂଶଗ୍ରହଣ କରିଥିଲେ । ପରେଡ ସମୟରେ ସି ଜିନ୍‌ପିଙ୍ଗ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନାମ ନନେଇ ତାଙ୍କୁ ପରୋକ୍ଷରେ ଏକ ଉପଯୁକ୍ତ ଜବାବ ଦେଇଛନ୍ତି । ଜିନ୍‌ପିଙ୍ଗ ଅଭିଭାଷଣରେ କହିଛନ୍ତି ଯେ ଚ଼ୀନ୍ କାହାର ଧମକକୁ ଭୟ କରିବ ନାହିଁ, ଏହି ଦେଶ ସର୍ବଦା ଆଗକୁ ବଢିଛି ଓ ବଢିବ । ଟ୍ରମ୍ପଙ୍କ ନାମ ନେଇ କହିଛନ୍ତି ଯେ ମଣିଷ ଗୋଟିଏ ଗ୍ରହରେ ବାସ କରୁଛି, ଆମେ ଏକାଠି କାମ କରିବା ଏବଂ ଶାନ୍ତିରେ ରହିବା ଉଚ଼ିତ । ସେ ଆହୁରି ମଧ୍ୟ କହିଛନ୍ତି ଯେ ବିଶ୍ୱ ଜଙ୍ଗଲ ରାଜକୁ ଫେରିବା ଉଚ଼ିତ ନୁହେଁ, ଯେଉଁଠାରେ ବଡ ଦେଶଗୁଡିକ ଛୋଟ ଏବଂ ଦୁର୍ବଳ ଦେଶମାନଙ୍କୁ ଧମକ ଦେଉଥିଲେ । ଆଜି ବିଶ୍ୱ ପୁଣିଥରେ ଶାନ୍ତି କିମ୍ବା ଯୁଦ୍ଧ, ଆଲୋଚ଼ନା କିମ୍ବା ମୁକାବିଲା ବାଛିବାର ସମ୍ମୁଖୀନ ହୋଇଛି । ଚ଼ୀନ ଇତିହାସ ଏବଂ ମାନ ପ୍ରଗତିରେ ଡାହାଣ ପାଶ୍ୱର୍ରେ ଦୃଢ ଭାବରେ ଛିଡା ହେବ । ସେ କହିଛନ୍ତି ମାନବ ଜାତି ପାଇଁ ଏକ ସହଭାଗୀ ଭବିଷ୍ୟତ ସହିତ ଏକ ସମ୍ପ୍ରଦାୟ ଗଠନ କରିବା ପାଇଁ ଚ଼ୀନ ବିଶ୍ୱ ସହିତ ହାତ ମିଳାଇବ ।



## ପଞ୍ଜାବରେ ସ୍ଥିତି ବେହାଲ୍
### ୭ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ

ଚ଼ଣ୍ଡିଗଡ : ପଞ୍ଜାବରେ ଗତ କିଛି ଦିନ ହେବ ବର୍ଷାର ବିତ୍ପାତ ଜାରି ରହିଛି । ପ୍ରବଳରୁ ଅତି ପ୍ରବଳ ବର୍ଷାରେ ସ୍ଥିତି ବେହାଲ୍ ହୋଇପଡିଛି । ସାରା ରାଜ୍ୟରେ ଜଳବନ୍ଦୀ ସ୍ଥିତି ସହ ପରିସ୍ଥିତି ଅତ୍ୟନ୍ତ ଖରାପ ରହିଛି । ସେହିପରି ରାଜ୍ୟ ସରକାର ୨୩ ଜିଲାକୁ ବନ୍ୟା ପ୍ରଭାବିତ ଜିଲା ଭାବେ ଘୋଷଣା କରିଛି । ବନ୍ୟା କାରଣରୁ ଏଯାଏଁ ପ୍ରାୟ ୩୦ ଜଣଙ୍କ ମୃତ୍ୟୁ ଘଟିଥିବା ଖବର ସାମ୍ନାକୁ ଆସିଛି । ଅନେକ ନଦୀ ସତର୍କ ସୂଚ଼ନା ପାର୍ କରି ସାରିଛି । ଏହାକୁ ଦୃଷ୍ଟିରେ ରଖି ଅନେକ ଜିଲାକୁ ସତର୍କ ସୂଚ଼ନା ଜାରି ହୋଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ପଞ୍ଜାବରେ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ସମସ୍ତ ସ୍କୁଲ୍ ?, କଲେଜ, ବିଶ୍ୱବିଦ୍ୟାଳୟ ଆଦିକୁ ବନ୍ଦ ରଖିବାକୁ ଘୋଷଣା କରାଯାଇଛି ।

ପଞ୍ଜାବରୁ ବନ୍ୟା ସହ ଜଡିତ ଅନେକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି । ପ୍ରବଳ ବର୍ଷା ରାଜ୍ୟର ଅନେକ ଜିଲ୍ଲାର ଅବସ୍ଥାକୁ ଆହୁରି ଖରାପ କରିଦେଇଛି । ପଞ୍ଜାବର ଫିରୋଜପୁରରେ, ଭାରତୀୟ ସେନା ଏବଂ ସ୍ଥାନୀୟ ଲୋକମାନେ ହବିବ୍ ଡ୍ୟାମ୍ ବନ୍ଧ ତଟ ଅଞ୍ଚଳରେ ମରାମତି ପାଇଁ ଏକାଠି କାମ କରୁଛନ୍ତି । ରାଜ୍ୟରେ ପ୍ରବଳ ବର୍ଷା ପରେ ଡ୍ୟାମ୍ ର ଜଳସ୍ତର ବୃଦ୍ଧି ପାଇଛି ।

ଅମୃତସରର ଅଜନଲାର ଗଗ୍ଗୁ ମହଲ ଗାଁରେ ରାସ୍ତାଗୁଡ଼ିକ ପାଣିରେ ବୁଡ଼ି ରହିଥିବାରୁ ଲୋକମାନେ ଯାତାୟତରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ।

ପଞ୍ଜାବରେ ବନ୍ୟା ପରିସ୍ଥିତି ଗୁରୁଦାସପୁର, ପଠାନକୋଟ, ଫାଜିଲ୍କା, କାପୁରଥାଲା, ତାରନ ତରନ, ଫେରୋଜପୁର, ହୋଶିଆରପୁର, ଅମୃତସର, ଜଲନ୍ଧର, ରୂପନଗର, ଫେରୋଜପୁର ଏବଂ ମାନସା ସମେତ ଅତି କମରେ ୧୨ଟି ଜିଲ୍ଲାର ୧୩୦୦ ରୁ ଅଧିକ ଗାଁ ଜଳମଗ୍ନ କରି ରଖିଛି ।

## ନକ୍ସଲ ମୁକ୍ତ ନ ହେବା ଯାଏଁ ଶାନ୍ତିରେ ବସିବୁ ନାହିଁ: କେନ୍ଦ୍ର ଗୃହମନ୍ତ୍ରୀ

ନୂଆଦିଲ୍ଲୀ,୩।୯(ନି.ପ.): ବୁଧବାର ଦିନ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଯେପର୍ଯ୍ୟନ୍ତ ସମସ୍ତ ନକ୍ସଲ ଆତ୍ମସମର୍ପଣ କରିନାହାନ୍ତି କିମ୍ବା ଧରାପଡ଼ି ନାହାନ୍ତି ବା ନିପାତ ନହେବା ପର୍ଯ୍ୟନ୍ତ ମୋଦୀ ସରକାର ଶାନ୍ତିରେ ବସିବେ ନାହିଁ । ଛତିଶଗଡ଼ର କାରେଗୁଟ୍ଟା ପାହାଡ଼ରେ 'ଅପରେସନ୍ ବ୍ଲାକ୍ ଫରେଷ୍ଟ' ସଫଳତାର ସହ ପରିଚ଼ାଳନା କରିଥିବା ସିଆରପିଏଫ, ଛତିଶଗଡ଼ ପୋଲିସ, ଜିଲ୍ଲା ରିଜର୍ଭ ଗାର୍ଡ (ଡିଆରଜି) ଏବଂ 'କୋବ୍ରା' ବାହିନୀର ସୁରକ୍ଷାକର୍ମୀମାନଙ୍କୁ ଅଭିନନ୍ଦନ ଜଣାଇ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଭାରତକୁ ନକ୍ସଲମୁକ୍ତ କରିବା ପାଇଁ ପ୍ରତିବଦ୍ଧ । ସେ କହିଛନ୍ତି, ଯେପର୍ଯ୍ୟନ୍ତ ସମସ୍ତ ନକ୍ସଲ ଆତ୍ମସମର୍ପଣ କରିନାହାନ୍ତି କିମ୍ବା ନିପାତ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ମୋଦୀ ସରକାର ବିଶ୍ରାମ ନେବେ ନାହିଁ।' ଶାହ କହିଛନ୍ତି ଯେ 'ଅପରେସନ୍ ବ୍ଲାକ୍ ଫରେଷ୍ଟ' ସମୟରେ ଯବାନମାନେ ଦେଖାଇଥିବା ସାହସ ନକ୍ସଲ ବିରୋଧୀ ଅଭିଯାନର ଇତିହାସରେ ଏକ ସୁବର୍ଣ୍ଣ ଅଧ୍ୟାୟ ଭାବରେ ମନେ ରଖାଯିବ ।

ସେ କହିଛନ୍ତି ଯେ ଆଇଇଡିର ବିପଦ ସ୍ତ୍ୱେ, ସୁରକ୍ଷା ବାହିନୀ କଠିନ ମନୋବଳ ସହିତ ଅପରେସନ୍ ଚ଼ଳାଇଥିଲେ ଏବଂ ଏକ ପ୍ରମୁଖ ନକ୍ସଲ ବେସ୍ କ୍ୟାମ୍ପକୁ ସଫଳତାର ସହିତ ଧ୍ୱଂସ କରିଥିଲେ । ଗୃହମନ୍ତ୍ରୀ କହିଛନ୍ତି ଯେ କାରେଗୁଟ୍ଟା ପାହାଡ଼ରୁ ନକ୍ସଲମାନଙ୍କ ସାମଗ୍ରୀ ଷ୍ଟୋର ଏବଂ ଯୋଗାଣ ଶୃଙ୍ଖଳାକୁ ଛତିଶଗଡ଼ ପୋଲିସ, ସିଆରପିଏଫ, ଡିଆରଜି ଏବଂ କୋବ୍ରା ଯବାନମାନେ ସାହସର ସହିତ ଧ୍ୱଂସ କରିଥିଲେ । ଶାହା କହିଛନ୍ତି ଯେ ନକ୍ସଲବାଦୀମାନେ ଦେଶର କିଛି ଅନୁନ୍ନତ ଅଞ୍ଚଳରେ ବିପୁଳ କ୍ଷତି ଘଟାଇଛନ୍ତି, ସ୍କୁଲ, ହସ୍ପିଟାଲ ନିର୍ମାଣକୁ ବାଧା ଦେଇଛନ୍ତି ଏବଂ ସରକାରଙ୍କ କଲ୍ୟାଣକାରୀ ଯୋଜନାକୁ ବାଧା ଦେଇଛନ୍ତି ।

ସେ କହିଛନ୍ତି ଯେ ନିରନ୍ତର ନକ୍ସଲ ବିରୋଧୀ ଅଭିଯାନ ଯୋଗୁଁ, ପଶୁପତିନାଥରୁ ତିରୁପତି ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳର ୬.୫ କୋଟି ଲୋକଙ୍କ ଜୀବନରେ ଏକ 'ନୂତନ ସୂର୍ଯ୍ୟୋଦୟ' ଘଟିଛି । ଶାହ ଏହା ମଧ୍ୟ କହିଛନ୍ତି ଯେ ମୋଦୀ ସରକାର ନକ୍ସଲ ବିରୋଧୀ ଅଭିଯାନ ସମୟରେ ଗୁରୁତର ଆହତ ହୋଇଥିବା ସୁରକ୍ଷା କର୍ମୀଙ୍କୁ ସାହାଯ୍ୟ କରିବା ଏବଂ ସେମାନଙ୍କ ଜୀବନକୁ ସହଜ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି । ସେ କହିଛନ୍ତି ଯେ ସରକାର ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ଦେଶରୁ ନକ୍ସଲବାଦକୁ ମୂଳୋତ୍ପାଟନ କରିବାକୁ ପ୍ରତିବଦ୍ଧ । ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାୟ ଏବଂ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ ।





# ରାଉରକେଲା ପୋଲିସ୍ ଦ୍ୱାରା ୨ କିଲୋ ୧୬୦ ଗ୍ରାମ୍ ଗଞ୍ଜେଇ ଜବତ ସହ ଜଣେ ଗିରଫ୍

ରାଉରକେଲା, ୩।୯:(ମନ୍ଥନ)ପୋଲିସ ଜିଲ୍ଲାର ରଘୁନାଥପାଲୀ ଥାନା ପକ୍ଷରୁ ଚଢାଉ କରାଯାଇ ୨ କିଲୋ ୧୬୦ ଗ୍ରାମ୍ ଗଞ୍ଜେଇ ଜବ୍ତ କରାଯିବା ସହ ଏଥିରେ ସମ୍ପୃକ୍ତ ଜଣେ ଗଞ୍ଜେଇ ଚୋରା ଚଲାଣକାରୀକୁ ଗିରଫ୍ କରି କୋର୍ଟ ଚଲାଣ କରାଯାଇଛି । ପୋଲିସର ସୂଚନା ଅନୁସାରେ ମଙ୍ଗଳବାର ଦିନ ସକାଳେ ରଘୁନାଥପାଲି ଥାନାର ସବ୍‌ଇନିସପେକ୍ଟର ହୃଷୀକେଶ ପ୍ରଧାନ କର୍ମଚାରୀମାନଙ୍କ ସହିତ ରଘୁନାଥପାଲି ଥାନା ଅଞ୍ଚଳରେ ପାଟ୍ରୋଲିଂ ଡ୍ୟୁଟି କରୁଥିବା ସମୟରେ ରାଉରକେଲାର ସରକାରୀ ସ୍ୱୟଂଶାସିତ କଲେଜ ପଛ ପାର୍ଶ୍ୱରେ ସିଭିଲ୍ ଟାଉନସିପ୍ ନିକଟରେ ଆସୁଥିବା ରାସ୍ତାରେ ଏକ ଏନଡିପିଏସ୍ ମାମଲା ସଫଳତାର ସହ ଚିହ୍ନଟ କରିଥିଲେ । ଅଭିଯୁକ୍ତ ଦେଓଗଡ ଜିଲ୍ଲା ଅନ୍ତର୍ଗତ କୁଣ୍ଡପିଠା ଗ୍ରାମର 

ଗୋବିନ୍ଦ ମାଝୀ (୪୨ ବର୍ଷ) ହୋଇଥିଲା ବେଳେ ସେ ରଘୁନାଥପାଲ୍ଲୀ ଥାନା ଅନ୍ତର୍ଗତ ପ୍ରେମନଗରରେ ରହୁଛିୟ ଅଭିଯୁକ୍ତ ବେଆଇନ ଭାବରେ ଗଞ୍ଜେଇ ଆଣି ନିକଟବର୍ତ୍ତୀ କଲେଜ ଓ ସ୍କୁଲରେ ପଢୁଥିବା ଛାତ୍ରମାନଙ୍କ ସମେତ ନିରୀହ ଲୋକଙ୍କୁ ଗଞ୍ଜେଇ ବିକ୍ରି କରୁଥିଲେ । ଅଭିଯୁକ୍ତ ଗୋବିନ୍ଦ ମାଝୀ ବିରୋଧରେ ରଘୁନାଥପାଲ୍ଲୀ ଥାନାରେ ଏନଡିପିଏସ୍ ଧାରା ୨୦(b)(ii)(B)ରେ କେସ୍ ନମ୍ବର ୪୯୨ ରୁଜୁ କରାଯିବା ସହିତ ତା ନିକଟରୁ ୨ କିଲୋ ୧୬୦ ଗ୍ରାମ୍ ଗଞ୍ଜେଇ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।



# କୁତରଙ୍ଗ ବିଦ୍ୟାଳୟରେ ପାଠ ପଢାଇଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା,୩।୯:(ମନ୍ଥନ)କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟାର ମଙ୍ଗଳବାର କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କୁତରଙ୍ଗ ଗ୍ରାମପଞ୍ଚାୟତର ପଲ୍ଲୀ ଶିକ୍ଷାଶ୍ରମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କୁ ପାଠ ପଢାଇଛନ୍ତି । ଜିଲ୍ଲାପାଳ ପିଲାମାନଙ୍କୁ ସାଧାରଣ ଜ୍ଞାନ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ଏଥିସହ ପିଲାମାନଙ୍କୁ ସାଧାରଣ ଜ୍ଞାନ ବିଷୟରେ ପ୍ରତିଦିନ ଶିକ୍ଷା ଦେବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ତାଗିଦ କରିଦେଇଥିଲେ । ଛାତ୍ରଛାତ୍ରୀମାନେ ପାଠ୍ୟକ୍ରମ ସହ ସାଧାରଣ ଜ୍ଞାନ ପଢିବା ନିହାତି ଆବଶ୍ୟକ । ସାଧାରଣ ଜ୍ଞାନ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ବେଶ ସହାୟକ ହେବ । ସାଧାରଣ ଜ୍ଞାନ ବିଷୟରେ ଶିଶୁ ବାଟିକା ଓ ବିଦ୍ୟାଳୟ ସ୍ତରରୁ ଶିକ୍ଷାଦାନ ଦିଆଗଲେ ପିଲାଙ୍କ ମଧ୍ୟରେ ପିଲାଟି ଦିନରୁ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି ହେବ । ଫଳରେ ସେମାନେ ଭବିଷ୍ୟତରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବାରେ ଏହି ସାଧାରଣ ଜ୍ଞାନ ବେଶ ସହାୟକ ହେବ ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲାପାଳ ପିଲାମାନଙ୍କୁ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରିଥିଲେ । ଏହାସହ ନିଜେ କେତେକ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ । ପିଲାମାନଙ୍କ ପାଠ ପଢାଇ ସାରିବା ପରେ ଜିଲ୍ଲାପାଳ ଦୁଇଟି ବିଦ୍ୟାଳୟ ପରିସରରେ ପାନୀୟ ଜଳ ବ୍ୟବସ୍ଥା ଅଛି କି ନାହିଁ ତାହା ଯାଞ୍ଚ କରିଥିଲେ । କେଉଁ ଉତ୍ସରୁ ପିଲାମାନଙ୍କୁ ପାନୀୟ ଜଳ ପିଇବାକୁ ଦିଆଯାଉଛି ତାହା ସୁରକ୍ଷିତ ଅଛି କି ନାହିଁ ସେ ସମ୍ପର୍କରେ ଯାଞ୍ଚ କରିଥିଲେ । ପିଲାମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ କହିଥିଲେ । ସେହିପରି ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଦିଆଯାଉଛି କି ନିମ୍ନମାନର ରନ୍ଧା ଖାଦ୍ୟ ଦିଆଯାଉଛି ତାହା ଜିଲ୍ଲାପାଳ ନିଜେ ପରୀକ୍ଷା କରିଥିଲେ । ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟରୁ ଜିଲ୍ଲାପାଳ କିଛି ଖାଇ ତାହାର ମାନ ପରୀକ୍ଷା କରିଥିଲେ । ସେହିପରି ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ରକ୍ଷା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ତାଗିଦ କରିଦେଇଥିଲେ । ପିଲାମାନେ ଆଗାମୀ କାଲିର ଭବିଷ୍ୟତ । ତେଣୁ ଆମ ଭବିଷ୍ୟତ ପୀଢି ଯେପରି କୌଣସି ସମସ୍ୟାରେ ନ ପଡନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଏକ ପେଡ ମା କେ ନାମ ଅଧିନରେ ଲାଗିବ ଅଢେଇ ଲକ୍ଷ ଚାରା

କେନ୍ଦ୍ରାପଡ଼ା,୩।୯:(ମନ୍ଥନ)ଆସନ୍ତା ୧୭ତାରିଖରେ ଏକ ବିଶାଳ ଚାରାରୋପଣ ଅଭିଯାନ ଚାଲିବ । ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ ପାଖାପାଖି ଅଢେଇ ଲକ୍ଷ ଚାରାଗଛ ଲଗାଯିବ । 'ଏକ ପେଡ ମା କି ନାମ ୨.୦'ଅଧୀନରେ ଏହି ସବୁ ଚାରା ଲଗାଯିବ । ଜିଲ୍ଲାରେ ଏହି ଅଭିଯାନକୁ କିପରି ସଫଳତାର ସହ ଆୟୋଜନ କରାଯିବ ସେହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲ୍ଲାପାଳ ରଘୁରାମ ଆର. ଆୟାରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାରେ ସ୍ଥାନୀୟ ଓସ୍ୱାନ ହଲରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା, ଉଦ୍ୟାନ, ବନବିଭାଗ, କ୍ରୀଡ଼ା, ମିଶନ ଶକ୍ତି, ମୃତ୍ତିକା ସଂରକ୍ଷଣ, ସାମାଜିକ ସୁରକ୍ଷା ପ୍ରଭୃତି ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ କଲେଜର ଅଧ୍ୟକ୍ଷଙ୍କ ସମେତ ଭିଡିଓ କନଫରେନ୍ସ ମାଧ୍ୟମରେ ଜିଲ୍ଲାର ସମସ୍ତ ବିଡ଼ିଓ, ତହସିଲଦାର ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଚାରାରୋପଣ ପ୍ରସ୍ତୁତିକୁ ନେଇ ଜିଲ୍ଲାପାଳ ବିଭିନ୍ନ ବିଭାଗୀୟ ଅଧିକାରଙ୍କୁ ପ୍ରସ୍ତୁତି ନେଇ ପଚାରି ବୁଝିଥିଲେ । ଚାରାରୋପଣ ପାଇଁ ସ୍ଥାନ ଏବଂ ଜାଗା ଚିହ୍ନଟ କରାଯିବା ସହିତ ଚାରା ରୋପଣ ସ୍ଥାନ ଗୁଡିକର ରୋଡ଼ମ୍ୟାପ ଚୂଡାନ୍ତ କରିବାକୁ କୁହାଯାଇଛି । ଚାରାରୋପଣ ସହ ମେରୀଲାଇଫ ପୋର୍ଟାଲରେ ତଥ୍ୟ ଏବଂ ଜିଓଟ୍ୟାଗ ଫଟୋ ଅପଲୋଡ଼ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା । ଚାରାଗୁଡିକ ବନବିଭାଗ,ମୃତ୍ତିକା ସଂରକ୍ଷଣ, ଉଦ୍ୟାନ ବିଭାଗ ପ୍ରମୁଖ ଯୋଗେଇ ଦେବେ । ଚାରାରୋପଣ ସହିତ ତା'ର ରକ୍ଷଣାବେକ୍ଷଣ ସଠିକ ଭାବରେ ଯେପରି ହୋଇପାରିବ ସେଥିପାଇଁ ସମସ୍ତେ ଯତ୍ନବାନ ହେବାକୁ ଜିଲ୍ଲାପାଳ କହିଛନ୍ତି । ଏହି ବିଶାଳ ଚାରାରୋପଣ ଅଭିଯାନରେ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ସମେତ ଅନ୍ୟ ସଂସ୍ଥା /ଅନୁଷ୍ଠାନ ଗୁଡିକ ସାମିଲ ହୋଇ ଚାରାରୋପଣ ଅଭିଯାନକୁ ସଫଳ କରିବାକୁ କୁହାଯାଇଛି ।

# ଗଣେଶ ପୂଜା ବିସର୍ଜନ ବେଳେ ନିଆଁ ଲାଗି ନାବାଳକ ଗୁରୁତର

କୁକୁଡାଖଣ୍ଡି,୩।୯:(ମନ୍ଥନ)ନିଆଁ ଲାଗି ଜଣେ ନାବାଳକ ଗୁରୁତର ହୋଇଥିବା ଜଣାପଡ଼ିଛି ଫ ସଦର ଥାନା ଅନ୍ତର୍ଗତ ନଳିହାଡ଼ ଗ୍ରାମରେ ରବିବାର ରାତିରେ ଗଜାନନଙ୍କ ବିସର୍ଜନ ବେଳେ ଏ ଭଳି ଘଟଣା ଘଟିଥିଲା । ଏଥିରେ ସଂପୃକ୍ତ ନାବାଳକ ଗୁରୁତର



ହୋଇଛନ୍ତି । ଆହତ ନାବାଳକ ଜଣକ ହେଲେ ନଳିହାଡ଼ ଗ୍ରାମର ଶିବ ସ୍ୱାଇଁ(୧୪) । ଗ୍ରାମରେ ଗଣେଶ ପୂଜା ହୋଇଥିଲା ରବିବାର ରାତିରେ ଭସାଣି ଲାଗି ଡିଜେ ବାଦ୍ୟର ତାଳେ ତାଳେ ସମସ୍ତେ ନାଚି ନାଚି ପୋଖରୀକୁ ଯାଉଥିଲେ । ଏହି ସମୟରେ ଦୁଇ ନାବାଳକ ହାତରେ ଗୋଟିଏ ବାଡ଼ିରେ କନା ଗୁଡ଼ାଇ ସେଥିରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଖେଳ ଦେଖାଉଥିଲେ ଓ ଏପରି ଏକାଧିକ ଥର କରିବା ଅସାବଧାନତା ହେତୁ ଜଣେ ନାବାଳକଙ୍କ ଦେହରେ ନିଆଁ ଲାଗିଯାଇଥିଲା ସ୍ଥାନୀୟ ଲୋକେ ତୁରନ୍ତ ନିଆଁକୁ ଲିଭାଇ ଦେଇଥିଲେ ମଧ୍ୟ ନାବାଳକଙ୍କ ମୁହଁରୁ ବେକ ପର୍ଯ୍ୟନ୍ତ ଜଳିଯାଇଛି । ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବା ରୁ ଅଧିକ ଚିକିତ୍ସା ପାଇଁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

# ଜିଲ୍ଲାପାଳଙ୍କ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

କେନ୍ଦ୍ରାପଡ଼ା,୩।୯:(ମନ୍ଥନ)କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟାର ମଙ୍ଗଳବାର ପୂର୍ବାହ୍ନରେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରି ମେଡିକାଲ ଅଧିକାରୀଙ୍କ ସହିତ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏଥିସହିତ ଜିଲ୍ଲାପାଳ ଇଣ୍ଡୋର ଓ ଆଉଟ୍ ଡୋର ରୋଗୀ



ମାନଙ୍କୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ । ପରେ ଜିଲ୍ଲାପାଳ ବିଭିନ୍ନ ରେଜିଷ୍ଟର ଏବଂ ଔଷଧ ଗୁଡିକ ଯାଞ୍ଚ କରିଥିଲେ । ରୋଗୀ ମାନେ ଯେପରି ସର୍ବଦା ଉତ୍ତମ ଚିକିତ୍ସା ସେବା ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ମେଡିକାଲ ଅଧିକାରୀ ଏବଂ ଅନ୍ୟ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ ।

# ରାଜ୍ୟ ମହିଳା ଆୟୋଗ ସଦସ୍ୟା ତୁଳସୀ ମହିଳା କଲେଜ ପରିଦର୍ଶନ

କେନ୍ଦ୍ରାପଡ଼ା,୩।୯:(ମନ୍ଥନ)କେନ୍ଦ୍ରାପଡାର ତୁଳସୀ ମହିଳା ମହାବିଦ୍ୟାଳୟକୁ ରାଜ୍ୟ ମହିଳା ଆୟୋଗ ସଦସ୍ୟା ଡ. କଳ୍ପନା ମଲ୍ଲିକ ମଙ୍ଗଳବାର ପରିଦର୍ଶନ କରିଛନ୍ତି । ସେ ମହାବିଦ୍ୟାଳୟର ଅଧ୍ୟକ୍ଷ,ଅଧ୍ୟାପକ, କର୍ମଚାରୀ, ଆଭ୍ୟନ୍ତରୀଣ କମିଟି ଅଧ୍ୟକ୍ଷା ଓ ସଦସ୍ୟ,ସଦସ୍ୟାମାନଙ୍କ ସହ ମହାବିଦ୍ୟାଳୟରେ ଯୌନ ଉତ୍ପୀଡ଼ନ ନିଷେଧ ଆଇନ ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ଛାତ୍ରୀମନଙ୍କ ସହ ମଧ୍ୟ ସିଧାସଳଖ ଆଲୋଚନା ହୋଇଥିଲା । ଯେଉଁଥିରେ ଆଭ୍ୟନ୍ତରୀଣ କମିଟିର ଭୂମିକା, ଯୌନ ଉତ୍ପୀଡନ ବିଷୟକ ନିୟମାବଳୀ, ଓ ସାମଗ୍ରୀ ବ୍ୟବହାର ଓ ଯୌନ ଉତ୍ପୀଡନ ଘଟଣା ସମ୍ବନ୍ଧୀୟ ସଚେତନତା ଉପରେ ଗଭୀର ଆଲୋଚନା ହୋଇଥିଲା । ଏହି ପରିଦର୍ଶନ ଲକ୍ଷ୍ୟ ଥିଲା ଶିକ୍ଷାନୁଷ୍ଠାନରେ ମହିଳାଙ୍କ ପାଇଁ ସୁରକ୍ଷିତ, ସଚେତନ ଓ ସମର୍ଥିତ ପରିବେଶ ସୃଷ୍ଟି କରିବା । ପରିଦର୍ଶନ ସମୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ (ଡିଏସଡବ୍ଲୁଓ) ସୁଷମା ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ସ୍କୁଲ ଏବଂ ଅଙ୍ଗନୱାଡିକେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା,୩।୯:(ମନ୍ଥନ)ଜିଲ୍ଲାପାଳ ରଘୁରାମ ଆର. ଆୟାର ମଙ୍ଗଳବାର ପୂର୍ବାହ୍ନରେ ଡେରାବିଶ ବ୍ଲକ ଅନ୍ତର୍ଗତ ବାରିମୂଳ ପଞ୍ଚାୟତର ସାନ୍ତାଳସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଛନ୍ତି । ସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି, ପାନୀୟ ଜଳ ବ୍ୟବସ୍ଥା, ପରିମଳ, ମଧ୍ୟାହ୍ନଭୋଜନ ଖାଦ୍ୟ, ଛତୁଆ ଇତ୍ୟାଦି ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ଆୟାର ପଚାରିବୁଝିଥିଲେ । ଏଥିସହିତ ଜିଲ୍ଲାପାଳ ସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ରର ରେଜିଷ୍ଟର ଏବଂ ଅନ୍ୟ ଦସ୍ତାବିଜ ଦେଖିଥିଲେ । ଜିଲ୍ଲାପାଳ ସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ରର ପିଲାମାନଙ୍କୁ ପାଠପଢା ବିଷୟରେ ପଚାରିବୁଝିଥିଲେ ।

# ବିଦ୍ୟାଳୟ ସୁପରିଚାଳନା ନିମନ୍ତେ ସରପଞ୍ଚଙ୍କ ତାଗିଦ

ଜଗତସିଂହପୁର,୩।୯:(ମନ୍ଥନ)ରଘୁନାଥପୁର ବ୍ଲକ ତଥା ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉପ୍ରା ବିଦ୍ୟାଳୟର ସୁପରିଚାଳନା ନିମନ୍ତେ ସୋମବାର ପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ସରପଞ୍ଚ ସୁଚିତ୍ରା ପଣ୍ଡା ଅଧ୍ୟକ୍ଷତା କରିଥିଲେୟବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ଉନ୍ନତି,ଶୃଙ୍ଖଳା ରକ୍ଷା,ଉତ୍ତମ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି,ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ଓ ସୈକ୍ଷିକ ବାତାବରଣ ସୃଷ୍ଟି କରିବା ଓ ସର୍ବୋପରେ ଶିକ୍ଷାନୁଷ୍ଠାନ ଭଳି ପବିତ୍ର ମନ୍ଦିରକୁ ରାଜନୈତିକ ହସ୍ତକ୍ଷେପରୁ ଦୁରେଇ ରଖିବା ପାଇଁ ସରପଞ୍ଚ ପଣ୍ଡା ସତର୍କ କରାଇ ଦେଇଥିଲେ । ଏହାଛଡା ଆବଶ୍ୟକ ସମୟରେ ସରପଞ୍ଚ ପଣ୍ଡା ସମସ୍ତ ସହଯୋଗ ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ । ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିକୁଞ୍ଜ କିଶୋର ଦାଶ ଓ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଷମା ଦଳେଇ ସରପଞ୍ଚଙ୍କ ପରାମର୍ଶକୁ ଗ୍ରହଣ କରିବା ସହ ବିଦ୍ୟାଳୟରେ କୌଣସି ବିଶୃଙ୍ଖଳାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ନାଏବ ସରପଞ୍ଚ ଶ୍ରୀନିବାସ ପଣ୍ଡା,ସରପଞ୍ଚଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ପଣ୍ଡା, ୱାର୍ଡସଭ୍ୟା ଆସାଲତା ବେହେରା,କଳ୍ପନା ଦାସ,ମଧୁସ୍ମିତା ଦାସ, ଆଶୁତୋଷ ନନ୍ଦି ପ୍ରକାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ସେପ୍ଟେମ୍ବର ୧୩ ତାରିଖରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୫

ଅନୁଗୋଳ,୩।୯:(ମନ୍ଥନ) ଅନୁଗୋଳ, ତାଳଚେର, ଆଠମଲ୍ଲିକ, ପାଲ୍ଲହଡା, ଛେଣ୍ଡିପଦା ଓ କଂଅରପାଳ ସ୍ଥିତ ଅଦାଲତ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୫ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରୟଧି ମକଦ୍ଦମା ଯଥାଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥାବିଦ୍ୟୁତ ଓ ଜଳ ପୈଠ ବିଲ ସମ୍ବନ୍ଧୀୟ ମାମଲା (ସାଲିସ ବିହୀନ ବିବାଦକୁ ବାଦ ଦେଇ), ବୈବାହିକବିବାଦ (ଛାଡପତ୍ର ବ୍ୟତୀତ)/ ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ(ପେନସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା(ଜିଲ୍ଲା କୋର୍ଟରେ ଓ ଜିଲ୍ଲା/ତାଲୁକ୍ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ) ବୌଦ୍ଧିକ ସମ୍ପତ୍ତି ଅଧିକାର ମାମଲା/ ଖାଉଟିବିବାଦ/ଅନ୍ୟାନ୍ୟ ବିବାଦ କୌଣସି ଅର୍ଥ -ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ, ଅନ୍ୟାନ୍ୟଦେୱାନୀ ମକଦ୍ଦମା ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଏହା ସହିତ ପ୍ରାକ-ମକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ମାମଲା ତଥା ଚେକ ବାଉନସ ମାମଲା, ବ୍ୟାଙ୍କ ଋଣବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଗୁଡ଼ିକ (ସାଲିସ ବିହୀନ ବିବାଦକୁବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ)/ ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମାଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ହୋଇପାରିବ । ଲୋକ ଅଦାଲତରେମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ । ଦୀର୍ଘ ଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହା ଏକ ସୁଯୋଗ ଅଟେ । ସବିଶେଷବିବରଣୀ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିରଣ, ଅନୁଗୋଳ ବା ତାଲୁକ ଆଇନସେବା କାର୍ଯ୍ୟାଳୟତାଳଚେର, ଆଠମଲ୍ଲିକ, ପାଲ୍ଲହଡା, ଛେଣ୍ଡିପଦା ଓ କଂଅରପାଳ ସହିତ ଯୋଗାଯୋଗ କରନ୍ତୁ ।

# ବନ୍ଦ ପଡ଼ିଥିବା ବିଦ୍ୟାଳୟ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ଖଣ୍ଡପଡ଼ା, ୩।୯:(ମନ୍ଥନ)ସନ୍ଧ୍ୟା ହେଲେ ବିଦ୍ୟାଳୟ ହତାରେ ଆସର ଜମୁଥିବା ବେଳେ ରକ୍ଷଣାବେକ୍ଷଣ କରିବାକୁ ଭୁଲିଗଲାଣି ପ୍ରଶାସନ । ଫଳରେ ରକ୍ଷଣାବେକ୍ଷଣ ଅଭାବରୁ ଏବେ ବିଦ୍ୟାଳୟ ଗୁଡିକ ଭୁତକୋଠି ପାଲଟିଲାଣି । ମିଳିଥିବା ସୂଚନା ମୁତାବକ କିଛି ବର୍ଷ ତଳେ ରାଜ୍ୟ ସରକାର ଯେଉଁ ପ୍ରାଥମିକ ବିଦ୍ୟାଳୟରେ ୨୦ ଜଣରୁ କମ ଛାତ୍ରଛାତ୍ରୀ ଥିଲେ ସେଗୁଡିକ ବନ୍ଦ କରିଦେଇ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରାଇଛନ୍ତି । ସେ ସମୟରେ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କ ସୁବିଧା ସୁଯୋଗକୁ ତଥା ବିରୋଧକୁ ଅଣଦେଖା କରାଯାଇଥିଲା । ଖଣ୍ଡପଡ଼ା ବ୍ଲକରେ ଏଭଳି ଏକାଧିକ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଅଭାବ ଦର୍ଶାଇ ଗଣଶିକ୍ଷା ବିଭାଗ ବନ୍ଦ କରି ଦେଇଥିବା ବେଳେ ସମ୍ପୃକ୍ତ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ସରକାରଙ୍କର ହଇରାଣ ହରକତ ହୋଇ ନିକଟସ୍ଥ ବିଦ୍ୟାଳୟ କିମ୍ବା ଅନ୍ୟ ଗ୍ରାମର ବିଦ୍ୟାଳୟକୁ ଯାଇ ପାଠପଢିବା ପାଇଁ ବାଧ୍ୟ ହୋଇଥିଲେ । ତେବେ ବନ୍ଦ ବିଦ୍ୟାଳୟ ଅବସ୍ଥା ବର୍ତ୍ତମାନ ନ କହିବା ଭଲୟ କେଉଁଠାରେ ଘରଗୁଡିକ ବ୍ୟବହାର ହେଉନଥିବାରୁ ଉଇ ହୁଙ୍କା ଚଢି ନଷ୍ଟ ହୋଇଗଲାଣି ତ ଅନ୍ୟ କେଉଁଠାରେ ବିଲ୍ଡିଂଗୁଡିକ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଏପରିକି କିଛି ସ୍ଥାନରେ ପ୍ରଭାବଶଳୀ ଲୋକେ ବିଦ୍ୟାଳୟ ହତାକୁ ନିଜ ସୁବିଧା ଅନୁଯାୟୀ ବ୍ୟବହାର ମଧ୍ୟ କରୁଛନ୍ତି । ବନ୍ଦ ହୋଇଯାଇଥିବା ବିଦ୍ୟାଳୟ ଗୁଡିକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଞ୍ଚାୟତ ସମିତିକୁ ହସ୍ତାନ୍ତର କରିଥିଲେ । ତେବେ ଉକ୍ତ ବିଦ୍ୟାଳୟ ଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତିରାଜ ବିଭାଗକୁ ଦେଇଥିବା ଏବେ ତାହା ଜନବସତି ଠାରୁ ଦୂରରେ ଥିବା ବିଦ୍ୟାଳୟ ଭୂତକୋଠିରେ ପରିଣତ ହୋଇଥିବା ଦେଖିବାକୁ ମିଳିଲାଣି । ସେହିପରି ଗାଁକୁ ଲାଗିକି ରହିଥିବା ବିଦ୍ୟାଳୟ ଗୁଡିକ ଏବେ ପ୍ରଭାବଶାଳିଙ୍କ କବଜାରେ ଥିବା ଦେଖିବାକୁ ମିଳିଛି । କେଉଁଠି ଗାଡି ପାର୍କିଂ ହେଲାଣି ତ ପୁଣି କେଉଁଠି ସଞ୍ଜ ନଇଁଲେ ଭୋଜି ଭାତର ଆସର ଜମୁଛି ।



ଉଲ୍ଲେଖଯୋଗ୍ୟ ଯେ ଗତ ୨୦୨୦ ମସିହାରେ ତତ୍କାଳୀନ ରାଜ୍ୟ ସରକାର ଏକ ଅଭିନବ ଆଇନ ଆଣିବା ସହ ଖଣ୍ଡପଡ଼ା ବ୍ଲକର ୩୩ରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ବନ୍ଦ କରିଦେଇଥିଲେ । କିଛି ବିଦ୍ୟାଳୟକୁ ସବୁଦିନ ପାଇଁ ବନ୍ଦ କରିଦେଇଥିବା ବେଳେ ଅନ୍ୟକିଛିକୁ ନିକଟରେ ଥିବା ବିଦ୍ୟାଳୟରେ ମିଶାଇଦେଇଥିଲେ । ଫଳରେ ଶିକ୍ଷାର ଉନ୍ନତି ତଥା ଭିତ୍ତିଭୂମି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ତିଆରି ହୋଇଥିବା ଏହି କ୍ୟାମ୍ପସ ଗୁଡିକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ଭୁତକୋଠି ପାଲଟିଗଲାଣି ।ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ସରକାରୀ ବିଲଡିଂଗୁଡିକ ଏବେ ଅସୁରକ୍ଷିତ ହୋଇ ପଡିଥିବା ବେଳେ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

# ରାଉରକେଲାରେ ବିମାନସେବା ବନ୍ଦ ହୋଇଥିବାରୁ ସର୍ବଦଳୀୟ ପ୍ରତିବାଦ

ରାଉରକେଲା, ୩।୯:(ମନ୍ଥନ) ରାଉରକେଲା ବିମାନ ବନ୍ଦରରୁ ଦୀର୍ଘ ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ବିମାନ ସେବା ବନ୍ଦ କରାଯାଇଥିବାରୁ ଗତକାଲି ସୋମବାର ଦିନ ଏକ ସର୍ବଦଳୀୟ ବୈଠକରେ ଏହାର ଦୃଢ ପ୍ରତିବାଦ କରାଯାଇଥିଲା । ରାଉରକେଲାରୁ ଶୀଘ୍ର ବିମାନ ସେବା ଚାଲୁ କରାନଗଲେ ଆସନ୍ତା ଦିନରେ ରାଉରକେଲା ବନ୍ଦ କରିବା ସହ ନିର୍ବାଚିତ ଜନପ୍ରତିନିଧିମାନଙ୍କ ଘର ଆଗରେ ଧାରଣା ଦେବା ପାଇଁ ଏହି ସର୍ବଦଳୀୟ ବୈଠକରେ ଚେତାବନୀ ଦିଆଯାଇଛି । ସୋମବାର ଦିନ ଆମ୍ବବାଗାନ ଠାରେ ଡ଼କ୍ଟର ସୁମନ ଦତ୍ତଙ୍କ ଆବାହତ୍ୱରେ ରାଉରକେଲାର ସମସ୍ତ ରାଜନୈତିକ ଦଳ, ଶ୍ରମିକ ସଂଗଠନ, ସାମାଜିକ ଅନୁଷ୍ଠାନର ପ୍ରତିନିଧିମାନେ ଯୋଗ ଦେଇଥିଲେ । ବରିଷ୍ଠ ବିଜେଡି ନେତା ଆଇନଜୀବୀ ଆନନ୍ଦ ଚନ୍ଦ୍ର ମହାନ୍ତି ବୈଠକରେ ସଭାପତିତ୍ୱ କରିଥିଲେ । ସିଆଇଟିୟୁ ଶ୍ରମିକ ସଂଗଠନର ସର୍ବଭାରତୀୟ ଉପସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ବିଷ୍ଣୁ ମହାନ୍ତି, ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ରେଳ ଓ ରୋଡ଼ ୟୁଜର୍ସ ଆସୋସିଏସନର ସଭାପତି ଇଂ ଉତ୍ତମ ସାମଲ, ଅମୂଲ୍ୟ ବରାଳ, ଜଗଦା ସାଂସ୍କୃତିକ ପରିଷଦର ସଭାପତି ସଂଜୀବ ମହାନ୍ତି, ପ୍ରଭାତ କୁମାର ମହାନ୍ତି, ତ୍ରିଲୋଚନ ପରିଡ଼ା, ଥିଙ୍କର୍ସ ଫ୍ରେମର ସଭାପତି ନଳିନୀକାନ୍ତ ଧର, ରାଉରକେଲା



ବାର ଆସୋସିଏସନର ସଭାପତି ଆଡ଼ଭୋକେଟ ସଦାନନ୍ଦ ସାହୁ, ଯାଦବ ସମାଜର ସଭାପତି ହରିହର ବେହେରା, ଖଣ୍ଡାୟତ କ୍ଷତ୍ରିୟ ମହାସଭାର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାୟକ, ଆଦର୍ଶ ପାଠାଗାରର ଉପଦେଷ୍ଟା ଚନ୍ଦ୍ରଶେଖର ଶତପଥି, ସିଆଇଟିୟୁର ଜିଲ୍ଲା ସଭାପତି ରାଜକିଶୋର ପ୍ରଧାନ, ଆପ ଦଳର ସଭାପତି ଆଡ଼ଭୋକେଟ ବିନୟ ତିୱାରୀ, ଭରତ ବାଇ, ରଞ୍ଜନ କୁମାର ଲେଙ୍କା, ୟୁଥ କଂଗ୍ରେସର ଉପସଭାପତି ଇସ୍ତେହାର ମହମ୍ମଦ, ଏସୟୁସିଆଇର ବିଦ୍ୟୁତ ମାହାନ୍ତ, ସିପିଆଇର ପ୍ରଦୋଷ କୁମାର ମହାନ୍ତି, ପ୍ରଭାତ କୁମାର ମହାନ୍ତି, ଯଯାତି କେଶରୀ ସାହୁ, ବିଶ୍ୱଜିତ ମାଝୀ, ଆଡ଼ଭୋକେଟ ରାଜା ମୁର୍ମୁ, ସେଭ ରାଉରକେଲାର ଇଂ ସୁପ୍ରତୀକ ମିଶ୍ର, ସିଟିଜେନ୍ସ ଫୋରମର ସୁଶାନ୍ତ କୁମାର ଦାସ, ବିଶ୍ୱେଶ୍ୱର ଦାସ, କଂଗ୍ରେସ ନେତା ସନ୍ତୋଷ ବିଶ୍ୱାଳ, ଯଯାତି ସାହୁ, ଅନ୍ତର୍ଯ୍ୟାମୀ ଦାସ, ମଧୁସୂଦନ ମହାପାତ୍ର, ଦଶରୁ କିଶାନ, କୁଞ୍ଜବିହାରୀ ରାଉତ ଓ ଅନ୍ୟମାନେ ଆଲୋଚନାରେ ଭାଗ ନେଇ ଦୀର୍ଘ ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ରାଉରକେଲା ବିମାନ ବନ୍ଦରରୁ ବିମାନ ଚଳାଚଳ ବନ୍ଦ ହୋଇଯାଇଥିବାରୁ ଉଦବେଗ ପ୍ରକାଶ କରିବା ସହ ଏ ଦିଗରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉଦାସୀନତାକୁ ସମାଲୋଚନା କରିଥିଲେ । ଆଦିବାସୀ ବହୁଳ ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲାରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ, କଳକାରଖାନା, ହସ୍ପିଟାଲ, ଖଣି ଆଦି ରହିଛି । ଏହି ଜିଲ୍ଲାରୁ ସର୍ବାଧିକ ରାଜସ୍ୱ ଆଦାୟ ହୋଇ ସରକାରଙ୍କ ତହବିଲକୁ ଯାଉଥିଲାବେଳେ ଏ ଅଂଚଳର ଉନ୍ନତି ପାଇଁ କୌଣସି ବଜେଟର ପ୍ରାବଧାନ ନାହିଁ କି ଆଖିଦୃଶିଆ । ପଦକ୍ଷେପ ଗ୍ରହଣ କରାଯାଇନାହିଁ । ହକି ବିଶ୍ୱ କପକୁ ଲକ୍ଷ୍ୟ ରଖି ବିଭିନ୍ନ ସାମାଜିକ ଅନୁଷ୍ଠାନଙ୍କ ଦାବି ଫଳରେ ୨୦୨୩ ମସିହା ଜାନୁଆରୀ ମାସରୁ ବିମାନ ଚଳାଚଳକୁ ନିୟମିତ କରାଯାଇ ଭୁବନେଶ୍ୱର ଓ କଲିକତାକୁ ସଂଯୋଗ କରାଯାଇଥିଲା । ଏ ଅଂଚଳର ବିକାଶ ପାଇଁ ଏହା ସହାୟକ ହେବ ବୋଲି ଆଶା କରାଯାଉଥିଲା ବେଳେ ବିଭିନ୍ନ ସମୟରେ ବିଭିନ୍ନ ଆଳ ଦେଖାଇ ବିମାନସେବାକୁ ଅନିନିୟମିତ କରି ଦୀର୍ଘ ଦୁଇ ମାସ ହେଲା ବନ୍ଦ କରି ଦିଆଯାଇଛି ଅଥଚ ଓଡିଶାର ଅନ୍ୟ ବିମାନ ବନ୍ଦରର ଉନ୍ନତି କରଣ କରାଯାଉଛି । ଯାହା ରାଉରକେଲା ଇସ୍ପାତ କାରଖାନର ସମ୍ପ୍ରସାରଣ ତଥା ଜିଲ୍ଲାର ଉନ୍ନତିରେ ବାଧା ସୃଷ୍ଟି କରିବା ସହ ରାଉରକେଲାବାସୀଙ୍କ ପ୍ରତି ବୈମାତୃକ ମନୋଭାବ ସୃଷ୍ଟି କରୁଛି । ଦୁଇ ଦୁଇ ଥର ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଦ୍ୱାରା ସର୍ଭେ କରାଯାଇଥିଲେ ମଧ୍ୟ ଫଳ ଶୂନ ଓ ଆସନ୍ତା ଏକ ମାସ ଭିତରେ ଯଦି ବିମାନ ଚଳାଚଳକୁ ଆରମ୍ଭ କରା ନଯାଏ ତେବେ ଆଗାମୀ ଦିନରେ ରାଉରକେଲାବାସୀ ସମ୍ପୂର୍ଣ୍ଣ ବନ୍ଦ ପାଳନ କରିବା ସହିତ ନିର୍ବାଚିତ ପ୍ରତିନିଧିମାନଙ୍କ ବାସଭବନ ଆଗରେ ସାମୁହିକ ଧାରଣା ଦେବା ପାଇଁ ସରକାରଙ୍କୁ ଚେତାବନୀ ଦେବା ସହ ରାଉରକେଲାବାସୀଙ୍କୁ ଅନୁରୋଧ କରିଛନ୍ତି । ଆଲୋଚନା ଶେଷରେ ସାମ୍ବାଦିକ ସଂଘର ଉପସଭାପତି ତଥା ସଚେତନ ନାଗରିକ ମଞ୍ଚର ମୁଖପାତ୍ର ବିଶିଷ୍ଟ କବି କୁଞ୍ଜ ବିହାରୀ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଦାବି ହାସଲ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

# ଅବ୍ୟବସ୍ଥାରେ ଆଖଡ଼ାବନ୍ଧ ସାହି

ଗଞ୍ଜାମ,୩।୯:(ମନ୍ଥନ)ଗଞ୍ଜାମ ଏନଏସି ଅନ୍ତର୍ଗତ ୩ ନମ୍ବର ୱାର୍ଡ ଆଖଡ଼ାବନ୍ଧ ସାହି ଅବ୍ୟବସ୍ଥାରେ ରହିଥିବା ଦେଖିବାକୁ ମିଳିଛି । ସାହି ନିକଟରେ ରହିଥିବା ପୋଖରୀ ଟି ଦଳ ଭର୍ତ୍ତିଯୋଗୁଁ ସ୍ଥାନୀୟ ଅଂଚଳବାସୀ ସ୍ନାନ କରିବା ପାଇଁ ସମସ୍ୟା ହେଉଥିବା ଅଭିଯୋଗ କରିଛନ୍ତି ଜୟକୃଷ୍ଣ ରେଡ଼ି, କେଞ୍ଚୁ ଗୌଡ଼ ଅଭିଯୋଗ କରିଛନ୍ତି, କ୍ଷ ତତ ସହିତ ପୋଖରୀ ତୁଠ ରେ ରହିଥିବା ବିଦ୍ୟୁତ ଖୁଣ୍ଟ ରେ ଲାଗିଥିବା ଲାଇଟ ଜଳୁ ନାହିଁ । ଫଳରେ ରାତ୍ର ହେଲେ ମଦ୍ୟପ ଓ ଗଞ୍ଜୁଡ଼ୁ ବ୍ୟକ୍ତି ମାନେ ସେଠାରେ ଆଡା ଜମାଉଥିବା ଅଭିଯୋଗ ହେଉଛି । ଉକ୍ତ ସାହିରେ ୩୫ ରୁ ୪୦ ପରିବାର ରହିଥିବା ବେଳେ ପ୍ରାୟ ୩ ଶହ ଲୋକ ବସବାସ କରୁଛନ୍ତି । ହେଲେ ସାହିର ଡ୍ରେନ ଦୀର୍ଘ ଦିନ ହେଲା ସଫେଇ ହୋଇନଥିବା ଫଳରେ ବର୍ଷା ସମୟରେ ନିଷ୍କାସିତ ହୋଇନାପାରି ସାହି ମଧ୍ୟରେ ଆବର୍ଜନା ଜଳ ପସୁଥିବା ଲକ୍ଷ କରାଯାଉଛି । ଉକ୍ତ ସାହିରେ ଅଙ୍ଗନବାଡି କେନ୍ଦ୍ର ରହିଛି । ବିଦ୍ୟୁତ ସଂଯୋଗ ହୋଇନଥିବା ଯୋଗୁଁପ୍ରାୟ ୨୦ ରୁ ୨୫ ଜଣ କୋମଳମତି ଶିଶୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଙ୍ଗନବାଡି କର୍ମୀ ବବିତା ସେଠି ଅଭିଯୋଗ କରିଛନ୍ତି । ନିକଟରେ ରହିଥିବା ଏକ୍ସ ବୋର୍ଡ ପ୍ରାଥମିକ ବାଳିକା ରହିଛି ସେହି ସ୍କୁଲ ପାଚେରୀ ମଧ୍ୟରେ ରହିଥିବା ଗଛ ମାନଙ୍କରେ ବିଦ୍ୟୁତ ତାର ଓହଳି ପଡି ଲାଗି ରହିଥିବା ଦେଖିବାକୁ ମିଳିଛି । ବର୍ଷା ସମୟରେ ଗଛ କୁ ଛୁଇଁଲେ କରେଣ୍ଟ ମାରୁଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । ସ୍କୁଲ ର ବିଦ୍ୟାର୍ଥୀ ଓ ଅଙ୍ଗନବାଡି ର କୋମଳମତି ଶିଶୁ ଙ୍କ ପାଇଁବିପଦ ରହିଥିବା ଅଂଚଳବାସୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ଘୋର ଅସନ୍ତୋଷ ପ୍ରକାଶ ପାଉଛି ।



# ଗୋପକୁ ଏନଏସି ମାନ୍ୟତାରେ ବିଜେଡ଼ି ପକ୍ଷରୁ ଦାବିପତ୍ର



ଗୋପ,୩।୯:(ମନ୍ଥନ) ପୁରୀ ଜିଲ୍ଲାର ନିମାପଡ଼ା ନିର୍ବାଚନ ମଣ୍ଡଳୀ ର ପ୍ରମୁଖ ଅଞ୍ଚଳ ଟି ହେଉଛି ଗୋପ ବ୍ଲକ । ଏହି ବ୍ଲକ ଟି ୩ଟି ବିଧାନସଭା ଓ ୨ଟି ଲୋକସଭା ନିର୍ବାଚନ ମଣ୍ଡଳୀର କେନ୍ଦ୍ରବିନ୍ଦୁ ଅଟେ । ଏଠାରେ ନେତାଙ୍କ ଅଭାବ ନାହିଁ କିନ୍ତୁ ଇଚ୍ଛାଶକ୍ତି ର ଘୋର ଅଭାବ ରହିଛି ।ଏଠାକୁ ଦୁଇଶହ ବର୍ଷ ପୂର୍ବରୁ ଇଷ୍ଟ ଇଣ୍ଡିଆ। କମ୍ପାନୀର ଆଗମନ ହୋଇଥିଲା ବ୍ୟାପାର ବଣିଜ କରିବା ପାଇଁ ସେଥିପାଇଁ ଯାହା ଯାହା ଆବଶ୍ୟକ ତାହା ହି ସ୍ଥାପନ ହୋଇଥିଲା । ଏଠାରେ ବ୍ରିଟିସରଙ୍କ ଦ୍ୱାରା ୧୮୦୬ ମସିହାରେ ଆଇନୀ ଶୃଙ୍ଖଳା ଦୃଷ୍ଟିରୁ ଏକ ଥାନା ପ୍ରତିଷ୍ଠା ହୋଇଥିଲା ।ଠିକ ସେହିପରି ଜମିଜମାର କିଣାବିକା ଓ ବିବାହ ପଞ୍ଜିକୃତ ଆଦି କାର୍ଯ୍ୟକ୍ରମ ନିମନ୍ତେ ଗୋପ ୧୯୦୦ ମସିହାରେ ଏକ ସବରେଜିଷ୍ଟର ଅଫିସ ପ୍ରତିଷ୍ଠା ହୋଇଥିଲା ।ତାପରେ ଗୋପରେ ସ୍ୱାସ୍ଥ୍ୟ ସେବା ନିମନ୍ତେ ଏକ ମେଡିକାଲ ପ୍ରତିଷ୍ଠା ହୋଇଥିଲା । ଉକ୍ତ ଅଞ୍ଚଳରେ ଶିକ୍ଷାର ବିକାଶ ସହିତ ସାକ୍ଷରତା ହାର ବୃଦ୍ଧି ନିମନ୍ତେ ଗୋପ ଅଞ୍ଚଳ ରେ ୧୯୪୪ ମସିହା ରେ ଏକ ସ୍କୁଲ ପ୍ରତିଷ୍ଠା ହୋଇଥିଲା । ଆଉ ଦୈନିକ ଲୋକଙ୍କ ର ଆବଶ୍ୟତାକୁ ଦୃଷ୍ଟିରେ ରଖି ବ୍ୟବସାୟ ପାଇଁ ପ୍ରଥମେ ସାପ୍ତାହିକ ହାଟ ବ୍ୟବସ୍ଥା ମଧ୍ୟ ଥିଲା । ବିବାହ ବ୍ରତ ଉତ୍ସବ ଆଦି କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ପ୍ରସିଦ୍ଧ ଗୋପ ସାଗରସ୍ନାନ ମେଳଣ ମଧ୍ୟ ଗୋପର ଅନ୍ୟତମ ଖ୍ୟାତି ଅର୍ଜନ କରିଛି । ୧୯୫୨ ମସିହା ସାଧାରଣ ନିର୍ବାଚନ ପରେ ଗୋପ ରେ ଏକ ପଞ୍ଚାୟତ ସମିତି ସ୍ଥାପିତ ହୋଇଥିଲା । ପଞ୍ଚାୟତ ସମିତି ଅଧୀନରେ ଏକାଧିକ ପଞ୍ଚାୟତ ଗଠନ ହୋଇଥିଲା । ପଞ୍ଚାୟତର ସାଧାରଣ ଜନତା ଙ୍କ ସମସ୍ୟାର ସମାଧାନ ନିମନ୍ତେ ମଣ୍ଡଳ ଉନ୍ନୟନ ଅଧିକାରୀ ଓ ପଞ୍ଚାୟତ ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ଦ୍ୱାରା ସମସ୍ୟାର ସମାଧାନ ହେଉଥିଲା । ପରବର୍ତ୍ତୀ ସମୟରେ ଲୋକଙ୍କ ସୁବିଧା ନିମନ୍ତେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବାପରେ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଲୋକ ପ୍ରତିନିଧି ଙ୍କୁ ସାଧାରଣ ଜନତା ଙ୍କ ଦ୍ୱାରା ଚୟନ କରାଗଲା । ସେବେଠୁ ସାଧାରଣ ଜନତା ଙ୍କ ସମସ୍ୟାକୁ ଲୋକପ୍ରତିନିଧିଙ୍କ ଦ୍ୱାରା ସମାଧାନ ନିମନ୍ତେ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ । ପଲ୍ଲୀଠୁ ଦିଲ୍ଲୀ ର ବିକାଶ ହେଉଥିବସ୍ଥଳେ ଗୋପ ଏକ ବୃହତମ ପଞ୍ଚାୟତ କୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିବାରେ ଅସୁବିଧା ରହିଲା କେଉଁଠି ? ଅଧୁନା ଗୋପ ଯାହା ଭୌଗଳିକ, ରାଜନୈତିକ ଓ ଅର୍ଥନୈତିକ ନିର୍ବାଚନ ମଣ୍ଡଳରେ ଗୋପ ଏକ ସ୍ୱତନ୍ତ୍ରତା ବହନ କରେ । ଏଠାରେ ପ୍ରାକ୍ ସ୍ୱାଧୀନତା ବିଦ୍ୟାଳୟ, ଥାନା, ଦୃଷ୍ଟି କୋଣରୁ ସବ୍ରେଜିଷ୍ଟାର କାର୍ଯ୍ୟାଳୟ, ସ୍ୱାସ୍ଥ୍ୟସେବା ପାଇଁ ଚିକିତ୍ସାଳୟ ଅଦ୍ୟାବଧ କାର୍ଯ୍ୟକରି ଆସୁଅଛି । ଆବଶ୍ୟକତା ଅନୁଯାୟୀ ସମସ୍ତ ବନ୍ଦୋବସ୍ତ ରହିଛି ଗୋପକୁ ଏକ ଏନ ଏ ସି ରୂପେ ଗଠନ କରିବା ପାଇଁ ଗତ କାଲି ଗୋପ ବିଜେଡ଼ି ପକ୍ଷରୁ ଏକ ଦାବିପତ୍ର ବିଡ଼ିଓ ଛବିରାଣୀ ସାହୁଙ୍କୁ ପ୍ରଦାନ କରାଯାଇଛି । ଶତାଧିକ ବିଜେଡ଼ି କର୍ମୀମାନେ ଗୋପ ବଜାର ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ମଧ୍ୟରେ ଆସି ଦାବିପତ୍ର ପ୍ରଦାନ କଲେ । ଯୁବନେତା ତ୍ରୈଲୋଚନ ସାହୁଙ୍କ ଆହ୍ୱାନ କ୍ରମେ ଏକ ପୂର୍ବ ପ୍ରସ୍ତୁତି ବୈଠକ ର ଆୟୋଜନ ହୋଇଥିଲା । ତାହା ସର୍ବସମ୍ମତି କ୍ରମେ ଗୋପକୁ ଏକ ଏନ ସି ର ମାନ୍ୟତା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝିଙ୍କ ପାଖକୁ ପଠାଗଲା । ଏହାର ନେତୃତ୍ୱ ନେଉଥିଲେ ବିଜେଡ଼ିର ମହିଳା ନାରୀ ନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ପୂର୍ବତନ ଗୋପ ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ସୁକାନ୍ତ କୁମାର ମହାନ୍ତି, ରମେଶ ବାରିକ ପ୍ରଭୃତି ବ୍ୟକ୍ତିବିଶେଷ । ଗୋଟିଏ ପଟେ ନିମାପଡ଼ା ତା'ସ୍ୱାତନ୍ତ୍ୟ ପାଇଁ କେଉଁ କାଳରୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ର ମାନ୍ୟତା ପ୍ରାପ୍ତ । ଅନ୍ୟ ଏକ ପଟେ କୋଣାର୍କ ତା'ର ଐତିହ୍ୟ ପାଇଁ ଏନ.ଏ.ସି ମାନ୍ୟତା ପ୍ରାପ୍ତ । ଏ ଅଞ୍ଚଳର ବୁଦ୍ଧିଜୀବୀମାନେ ଗୋପକୁ ଅବହେଳା କରିବା ଓ ସରକାରୀ ପ୍ରକାଶ କରିବାର କୌଣସି ଯଥାକାରଣ ଖୋଜି ପାଇପାରୁନାହାନ୍ତି । ଯେଉଁ ଗୋପକୁ ନେଇ ଅନେକ ରାଜନୈତିକ ଲଢ଼େଇ ଲଢ଼ାଯାଏୟ ଗୋପ ବାସୀଙ୍କୁ ଅସୁମାରୀ ରଙ୍ଗୀନ ସ୍ୱପ୍ନ ବୁଣାଯାଏ, ସ୍ୱୟଂ ସ୍ୱାର୍ଥ ସାଧନ ପରେ ରାଜନୈତିକ ବ୍ୟକ୍ତି ବିଶେଷ ଓ ବିଭିନ୍ନ ଦଳ ପ୍ରତିଶ୍ରୁତି ଭୁଲି ଯାଆନ୍ତି । ଗୋପ ଏକ ବିଶାଳ କାୟା ବହନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରୁ ବାଦ୍ ପଡ଼ିଯାଏ ।

## ଅଭିଯୋଗ ଶୁଣାଣିରେ ନାଲକୋ ଜମିହରା ସଂଘ
# ସଂଘର ସଦସ୍ୟମାନଙ୍କ ବିରୁଦ୍ଧରେ ନାଲକୋର ମିଥ୍ୟା ମାମଲା ପ୍ରତ୍ୟାହାର ଦାବି

କୋରାପୁଟ,୩।୯:(ମନ୍ଥନ) ଜିଲ୍ଲା ଅଭିଯୋଗ ଶୁଣାଣି ପ୍ରକୋଷ୍ଠ କୋରାପୁଟ ସହରର ସଦଭାବନା ଗୃହରେ ଅନୁଷ୍ଠିତ ହେଉଥିବା ବେଳେ ନାଲକୋ ବିରୋଧି ଅଭିଯୋଗ ଶୁଣାଣିକୁ ନେଇ ଆବେଦନ ପତ୍ର ମାଧ୍ୟମରେ ନାଲକୋ ଜମିହରା ବିସ୍ଥାପିତ ସଂଘ ଅଭିଯୋଗ ଆବେଦନ କରିଥିଲା। ସଂଘର ସଦସ୍ୟମାନଙ୍କୁ ମିଥ୍ୟା ମାମଲା ରୁଜୁ କରି ନାଲକୋ ସଂଘର ସଦସ୍ୟମାନଙ୍କୁ ନାନା ହଇରାଣ ହରକତ କରୁଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି କୋରାପୁଟ ଜିଲ୍ଲା ଦାମନ ଯୋଡି ନାଲକୋ ଭୁମିପ୍ରଭାବିତ ବ୍ୟକ୍ତିମାନେ ଅନୁଷ୍ଠିତ ହୋଇଥିବା ଜିଲ୍ଲା ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ନାଲକୋ ବିରୋଧି ଆବେଦନ କରିଥିଲେ। ଯାହାକି ସଂଘ ପକ୍ଷରୁ ସୂଚନା ରହିଛି ଯେ, ପୂର୍ବରୁ ନାଲକୋ ପ୍ରଶାସନ ନିକଟରେ ନାଲକୋରେ ଜମି ପ୍ରଭାବିତ ପରିବାର ସଦସ୍ୟଙ୍କ ନାମାଙ୍କନ ଦାଖଲ କରାଯାଇଥିବା ନେଇ ବିଦ୍ଧିବଧ ଭାବରେ କାର୍ଯ୍ୟନିର୍ବାହି ମାଜି ଷ୍ଟ୍ରେଟ-କମ ତହସିଲଦାର ଏନଓସି ପ୍ରଦାନ କରିଛନ୍ତି। ନାମାଙ୍କନ ଅନୁଯାୟି ଚୂଡାନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନାଲକୋ ପରିଚାଳନା , ପରବର୍ତି ଅନୁମତି ପରେ ପକ୍ରିୟାକରଣ ପାଇଁ ଜିଲ୍ଲା କାର୍ଯ୍ୟାଳୟକୁ ପଠାଯାଇଛି କୁ ।କିନ୍ତୁ ନାଲକୋ ପରିଚାଳନା ଦ୍ୱାରା ପଠା ଯାଇଥିବା ମାମଲା ଗୁଡିକ ଦୀର୍ଘ ୫ ବର୍ଷ ହେଲା



ବିଚାରାଧିନ ଅବସ୍ଥାରେ ରହିଛି ଯାହାକୁ ଜମି ପ୍ରଭାବିତ ପରିବାରର ସଦସ୍ୟମାନେ ଦୁର୍ଦ୍ଦଶାଜନକ ପରିସ୍ଥିତିରେ ଗତି କରୁଛନ୍ତି। ନାମାଙ୍କନ ମାମଲାଗୁଡିକ ଦୀର୍ଘ ସମୟ ଧରି ପଡି ରହିବା ଜମି ପ୍ରଭାବିତ ପରିବାରର ସଦସ୍ୟଙ୍କ ଆର୍ଥିକ- ସାମାଜିକ ପ୍ରଭାବିତ କରୁଛି। ନାଲକୋ ଦାମନ ଯୋଡି ପ୍ରତିଷ୍ଠା ଜିଲ୍ଲା ପ୍ରଶାସନକୁ ସେମାନଙ୍କମୂଲ୍ୟବାନ ଜମିଦେଇ ଜମି ହରାଇ ବସିଛନ୍ତି। ବିଚାରାଧିନ ଥିବା ନାମାଙ୍କନ ମାମଲା ସମାପ୍ତ କରିବା ଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ମଞ୍ଜୁର ହୋଇଥିବା ନାମାଙ୍କନ ଅନୁଯାୟି ପ୍ରଭାବିତ ସାଦସ୍ୟ ଆବଶ୍ୟକୀୟ ନିଯୁକ୍ତି ପ୍ରଦାନ କରାଯାଉ। ପ୍ରଭାବିତ ପରିବାରର ମନୋନୀତ ପ୍ରାର୍ଥିମାନଙ୍କୁ ଶ୍ରୀଘ୍ର ନିଯୁକ୍ତି ପାଇଁ ସମସ୍ତଦୀର୍ଘ କାଳୀନ ନାମାଙ୍କନ ମାମଲା ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନାଲକୋ ପରିଚାଳନା ଦାମନ ଯୋଡିକୁ ନିର୍ଦ୍ଦେଶ ପଠାଯିବାର ଆବ୍ୟକତାରହିଛି। ଯେହେତୁ ନାଲକୋ ପରିଚାଳନା ଦାମନ ଯୋଡିର ବିଫଳତା ସୁଯୋଗରେ ସହାନୁଭୂତି ଏବଂ ଜରୁରୀତାର ସହିତ ବଚାର କରାଯିବା ନେଇ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। କୌଣସି ନାମାଙ୍କନ ସହିତ କୌଣସି ପ୍ରକାରର ଭେଦଭାବ ନ କରି ନିଯୁକ୍ତି ପାଇଁ ନାମାଙ୍କ ମାମଲାର ସମସ୍ତ ଦୀର୍ଘ ଦିନଧରି ପଡି ରହିଥିବା ମାମଲା ଗୁଡିକୁ ତୁରନ୍ତ ଚୂଡାନ୍ତ କରିବା, ଜମି ପ୍ରବାବିତ ପରିବାରର ମନୋନୀତ ପ୍ରାର୍ଥିଙ୍କ ନିଯୁକ୍ତି ସମସ୍ୟାର ଏକ ଅର୍ଥପର୍ଣ୍ଣ ଆଲୋଚନା ଏବଂ ସ୍ଥାୟି ସମାଧନା ପାଇଁ ଆରପିଡିଏସସି ବୈଠକ ତୁରନ୍ତ ଡକାଯୀବା ଏବଂ ଜମିପ୍ରଭାବିତ ନାମାଙ୍କନ ଗୁଡିକର ନିଯୁକ୍ତିପ୍ରସଙ୍ଗ ଆରପିଡିଏସି ବୈଠକ ସମ୍ମୁଖରେ ଉପସ୍ଥାପନା କରିବା, ନାଲକୋ ଦାନ ଯୋଡି ଦ୍ୱାରା ସଂଘର ସଦସ୍ୟଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା ମିଥ୍ୟା ଓ କପୋଳକଳ୍ପିତ ପୋଲିସ ମାମଲାକୁ ତୁରନ୍ତ ପ୍ରତ୍ୟାହାର କରାଯିବା ସହ ଭୂମି ପ୍ରଭାବିତ ସଂପ୍ରଦାୟର ନ୍ୟାୟ ଏବଂ କଲ୍ୟାଣର ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦାବି ପତ୍ରର ତୁରନ୍ତ ସମାଧନା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ ସଂଘ ଅନୁରୋଧ କରିଛନ୍ତି।

# ଉତ୍କଳ ସଂଗ୍ରାମୀ ସ୍ମୃତି କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

କାକଟପୁର,୩।୯:(ମନ୍ଥନ) ଉତ୍କଳ ସଂଗ୍ରାମୀ ସ୍ମୃତି କମିଟି କାକଟପୁର ପକ୍ଷରୁ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ ସାମ୍ବାଦିକ ସମ୍ମିଳନୀ ସ୍ଥାୟୀ ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ବରେ କାକଟପୁର ସ୍ଥିତ ରାମକୃଷ୍ଣ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛିୟ ସାଧାରଣ ସଂପାଦକ ଶିକ୍ଷାବି ସ୍ୱପେଶ୍ୱର ସାହୁ,ପୂର୍ବତନ ସମ୍ପାଦକ ନିରୋଧ ବରଣ ମହାନ୍ତି , ଚିତ୍ତରଞ୍ଜନ କର,ବିକ୍ରମ କୁମାର ଜୟସିଂହ, ଶିକ୍ଷାବିତ ବୈଦନାଥ ମହାନ୍ତି, ପରିବେଶବିତ ତ୍ରିଲୋଚନ ମିଶ୍ର, ଶିକ୍ଷାବିତ ପ୍ରମୋଦ ନାୟକ,କାର୍ଯ୍ୟକାରିଣୀ କମିଟିର ସଭ୍ୟ ଅଶୋକ କୁମାର ଶତପଥିଙ୍କ ସମେତ ସମସ୍ତ ସଭ୍ୟମାନେ ଉପସ୍ଥିତ ରହି ଆଗାମୀ ଦିନରେ ଉତ୍କଳ ସଂଗ୍ରାମୀ ସ୍ମୃତି କମିଟିର ଭବିଷ୍ୟତ ରୂପରେଖ ଉପରେ ଖସଡ଼ା ପ୍ରସ୍ତୁତ କରିଥିଲେ । ବୈଠକର




ଦ୍ୱିତୀୟାର୍ଦ୍ଧରେ କୃଷି ଓ କୃଷକ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ କୃଷିଭିତ୍ତିକ କାକଟପୁର ଅଞ୍ଚଳରେ ପ୍ରବାହିତ ପ୍ରାଚୀ ନଦୀକୁ ସୁନାବ୍ୟା କରି ଜଳସେଚନ ସୁବିଧା,କୃଷକ ମାନଙ୍କ ସମସ୍ୟା ଓ ତା'ର ନିରାକରଣ ଉପରେ ଆଲୋକପାତ କରାଯାଇଥିଲା। ଶେଷରେ କାକଟପୁରର ସମସ୍ୟା ଓ ଏନ୍‌ଏସି ମାନ୍ୟତା ପାଇଁ କାକଟପୁରର ଜନସାଧାରଣଙ୍କ ଦାବି ନେଇ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାର ଙ୍କ କାକଟପୁର ନିର୍ବାଚନ ମଣ୍ଡଳୀ ପ୍ରତି ଅନ୍ୟାୟ କରାଯାଇ ସାଧାରଣ ଜନତାଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କରାଯାଉଥିବା ସହିତ ବିଶେଷ କରି କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ଧାନ, ପାନ ଓ ମୀନ ଚାଷୀଙ୍କ ମୌଳିକ ସମସ୍ୟା ଉପରେ ଗୁରୁତ୍ୱ ଦେବାପାଇଁ ସଭାପତି ଶ୍ରୀ ପଟ୍ଟନାୟକ ଦାବୀ ଉପସ୍ଥାପନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ମହାନ୍ତି, ହୃଷିକେଶ ରାଉତ, କ୍ଷୀରୋଦ ମହାନ୍ତି, ସମରେନ୍ଦ୍ର ଦୀକ୍ଷିତ, ପ୍ରମୁଖ କର୍ମକର୍ତା, ସଭ୍ୟ, ଶୁଭେଚ୍ଛୁମାନେ ଉପସ୍ଥିତ ରହି ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନା କରିଥିଲେ । ପରିଶେଷରେ ସମିତି ର ଉପଦେଷ୍ଟା ନିରଦ ବରଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ତାଳଚେର ମେଡିକାଲ କଲେଜରେ ଚଳିତ ବର୍ଷରୁ ନାମଲେଖା ଆରମ୍ଭ

ଅନୁଗୁଳ, ୩।୯:(ମନ୍ଥନ) ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ରେ ଚଳିତ ବର୍ଷ ଠାରୁ ୧୦୦ ସିଟ ରେ ନାମଲେଖା ହେବ ବୋଲି ଗତକାଲି ଜାତୀୟ ମେଡିକାଲ କମିଶନ ଜଣାଇଛନ୍ତି। ଏହାକୁ ନେଇ ସମଗ୍ର ଅନୁଗୁଳ ଜିଲ୍ଲାରେ ଖୁସିର ଲହରୀ ଖେଳି ଯାଇଛି । ଜମି, କ୍ୟାମ୍ପସ, ମେଡିକାଲ ଏବଂ ମେଡିକାଲ କଲେଜ ୫ ବର୍ଷ ଚଳାଇବା ର ସମସ୍ତ ବ୍ୟୟ ମୋଟାମୋଟି ୧୭୦୦ କୋଟି ରୁ ଉର୍ଦ୍ଧ୍ୱ ଏମସିଏଲ ଦ୍ୱାରା କରାଯାଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ଅଂଚଳର ସାଂସଦ ଥିବା ବେଳେ ତାଳଚେର ରେ ମେଡିକାଲ କଲେଜ ସ୍ଥାପନ ପାଇଁ ପ୍ରୟାସ ଆରମ୍ଭ କରିଥିଲେ । ପରେ ସେ କେନ୍ଦ୍ରରେ ମନ୍ତ୍ରୀ ହେବା ପରେ ତାଳଚେର ମେଡିକାଲ କଲେଜ କାର୍ଯ୍ୟ ଶୁଭାରମ୍ଭ ଠାରୁ କଲେଜ କ୍ୟାମ୍ପସ ର ଉଦଘାଟନ ଓ ମେଡିକାଲ କଲେଜ ରାଜ୍ୟ ସରକାର ଚଳାଇବା ପର୍ଯ୍ୟନ୍ତ ଏବଂ ମେଡିକାଲ କଲେଜ ରେ ନାମଲେଖା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ତାଙ୍କର ପ୍ରଚେଷ୍ଟା ରେ ଆଜି ସାକାର ହୋଇଛି । ତାଳଚେର ମେଡିକାଲ କଲେଜ ଆରମ୍ଭ ହେବା ନେଇ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ମାଝି ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେହିପରି ଅନୁଗୁଳ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ବିଧାୟକ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା, ବରିଷ୍ଠ ନେତା କାଳନ୍ଦି ସାମଲ, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ବର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜୋନାଲ ମିଡ଼ିଆ। ସେଲ ସଂଯୋଜକ ପର୍ଶୁରାମ ବାରିକ ଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ଏବଂ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଙ୍କୁ ତାଳଚେର ରେ ମେଡିକାଲ କଲେଜ ରେ ଚଳିତ ବର୍ଷ ଠାରୁ ଶିକ୍ଷାରମ୍ଭ ପାଇଁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

# କନାରା ବ୍ୟାଙ୍କ ଉମର ଶାଖା ତରଫରୁ ଜନସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ

ମାହାଙ୍ଗା, ୩।୯:(ମନ୍ଥନ) ମାହାଙ୍ଗା ବ୍ଲକ ଅର୍ନ୍ତଗତ ଉମର ପଂଚାୟତ ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ କାନାରାବ୍ୟାଙ୍କ ଶାଖା ଉମରର ଶାଖାପରିଚାଳକ ଅଭିଜିତ୍ ସାହୁଙ୍କ ସଭାପତିତ୍ୱରେ ଜନସୁରକ୍ଷା ଯୋଜନା ଅଧିନରେ ଓଡ଼ିଶାର ସମସ୍ତ ଜିଲ୍ଲାରେ ଗ୍ରାମପଂଚାୟତସ୍ତରୀୟ ପୂର୍ତ୍ତି ଅଭିଯାନ ଅଧିନରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଖାତା ଖୋଲିବା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ନାମାଙ୍କନ, ଅଟଳ ପେନ୍‌ସନ ଯୋଜନାରେ ନାମାଙ୍କନ, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ନାମାଙ୍କନ ନିଷ୍କ୍ରିୟ ହୋଇଯାଇଥିବା ଖାତାର ପୁନଃ ପ୍ରମାଣି କରଣ, ଡିଜିଟାଲ ଧୋକାବାଜି, ଅନ୍ କ୍ଲେମଡ ଜମାରାଶି ଏବଂ ଅଭିଯୋଗ ସମାଧାନ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ସମ୍ମାନୀତ ଅତିଥିଭାବେ ସରୋଜ କୁମାର ସାହୁ, ଅଜିତ୍ ଓରାନ୍, ଦିପ୍ତିମୟୀ ଦାସ, ସାମ୍ବାଦିକ ବିଜୟ କୁଅଁର, ଅମୂଲ୍ୟ କୁମାର ବେହେରା, ପ୍ରମୋଦ କୁମାର ସେଠୀ, ଅଭିନାଶ ଶତପଥୀ, ମନୋରଂଜନ ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଏସ୍‌ଏଚ୍‌ଜି ଗ୍ରୁପର ମହିଳା ଓ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମ ୦୧.୦୭.୨୦୨୫ରିଖ ଠାରୁ ଆରମ୍ଭ ହୋଇ ୩୦.୦୯.୨୦୨୫ରିଖ ପର୍ଯ୍ୟନ୍ତ ଜନସୁରକ୍ଷା ଯୋଜନା ଅଧିନରେ ଓଡ଼ିଶାର ସମସ୍ତ ଜିଲ୍ଲାର ଗ୍ରାମପଂଚାୟତ ସ୍ତରରେ ପରିପୂର୍ତ୍ତି ଅଭିଯାନ ଚାଲୁ ରହିଛି ବୋଲି ସଭାପତି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଜନସାଧାରଣ ସଚେତନ ହୋଇ ପାରିବେ ବୋଲି ସେ ମତପ୍ରକାଶ କରିଥିଲେ।

# ଉତ୍କଳ ସେବା ସମିତି ତରଫରୁ ଗଣେଶ ପୂଜା ପାଳିତ

ମାହାଙ୍ଗା ,୩।୯:(ମନ୍ଥନ)ଉତ୍କଳ ସେବା ସମିତି ତରଫରୁ ରାଜସ୍ଥାନର ଭିୱାଡି ଠାରେ ୪ଦିନ ବ୍ୟାପୀ ଗଣେଶପୂଜା ଉତ୍ସବ ଧୂମଧାମରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ୫ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ପାରଦର୍ଶିତା ପ୍ରତିପାଦନ କରିଥିଲେ। ମୁଖ୍ୟ ଅତିଥି ଭାବେ କଳିଙ୍ଗ ଭାରତୀ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା, ରାଷ୍ଟ୍ରୀୟ ଅଧ୍ୟକ୍ଷ, ଅକ୍ଷୟମିତ୍ର ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ମାହାଙ୍ଗା ଅଂଚଳର ବିଶିଷ୍ଟ ସମାଜସେବୀ ଇଂ. ଅକ୍ଷୟ କୁମାର ସାମଲ ଯୋଗଦେଇ ଗଣେଶ ପୂଜା ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କର ପାରଦର୍ଶିତାର ଭୂୟିଅସି ପ୍ରଶଂସା କରି ସେମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମଳୟ ସାମଲ, ଅନନ୍ତ ସାମଲ, ମାନସ ଦାଶ, ରଂଜନ ସ୍ୱାଇଁ, କୁଞ୍ଜନ ଜେନା, ରଶ୍ମିରଂଜନ ବିଶ୍ୱାଳ, ପ୍ରଭାସ ସାହୁ, ଯଶୋବନ୍ତ ରାଉତରାୟ, ଆଶିଷ ନାୟକ, ପି.ଆର୍ ବିଶ୍ୱାଳ, ସୁଜିତ ସ୍ୱାଇଁ, ଫକୀର ମୋହନ, କାହ୍ନୁ ରାଉତ, ଶଶିକାନ୍ତ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଦୀର୍ଘ ୨୧ବର୍ଷ ଧରି ଉତ୍କଳ ସେବା ସମିତି ପକ୍ଷରୁ ଗଣେଶ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ଆୟୋଜକମାନଙ୍କ ଉଦ୍ୟମକୁ ମୁଖ୍ୟ ଅତିଥି ଶ୍ରୀ ସାମଲ ପ୍ରଶଂସା କରିଥିଲେ।

# ପିପିଲିରେ ସମୂହ ଗଣେଶ ଭସାଣି ଉତ୍ସବ ଅନୁଷ୍ଠିତ

ପିପିଲି,୩।୯:(ମନ୍ଥନ) ପିପିଲିରେ ୧୩ଟି ପୂଜାମଣ୍ଡପର ସମୂହ ଗଣେଶ ଭସାଣି ଶୋଭାଯାତ୍ରା ମହାସମାରୋହ ରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ପାରମ୍ପରିକ ବାଦ୍ୟ ସାଙ୍ଗକୁ ନୃତ୍ୟ ମୁଖ୍ୟ ଆକର୍ଷଣ ସାଜିଥିଲା। ସମୂହ ଭସାଣି ଉତ୍ସବ କୁ ଦେଖିବା ପାଇଁ ଆଖପାଖରୁ ହଜାର ହଜାର ଲୋକଙ୍କ ଭିଡ ଜମିଥିଲା । ଦୀର୍ଘ ୮ବର୍ଷ ଧରି ଏହି ସମୂହ ଗଣେଶ ଭସାଣି ଉତ୍ସବ ପିପିଲି ବଜାର ବ୍ୟବସାୟୀ ସଂଘ ସହଯୋଗରେ ଚାଲିଆସୁଛି । ପିପିଲି ପେଟ୍ରୋଲ ପମ୍ପ ନିକଟସ୍ଥ ହନୁମାନ ମନ୍ଦିର ଛକଠାରୁ ଅପରାହ୍ନ ସମୟରେ ଭସାଣି ଶୋଭାଯାତ୍ରା ବାହାରିଥିଲା । ଗୋଟିଏ ପରେ ଗୋଟିଏ କରି ସମସ୍ତ ୧୭ଟି ପୂଜା ମଣ୍ଡପର ମେଢ ଗୋଟେପରେ ଗୋଟେ ସାଡସଜ୍ଜାରେ ଧାଡ଼ିରେ ପିପିଲି ବଜାର ପରିକ୍ରମା କରିଥିଲେ । ପ୍ରତ୍ୟେକ ପୂଜା ମଣ୍ଡପ ପକ୍ଷରୁ ବାଜା, ବାଣ ସହିତ ଆଲୋକ ସାଜସଜ୍ଜା ଭାଇଚାରା ପରମ୍ପରା ସୃଷ୍ଟି କରିଥିଲା । ଏଥିରେ ଘୋଡ଼ା ନାଚ, ବାଘ-ବାଘୁଣୀ ନାଚ, ସମ୍ବଲପୁରୀ ଓ ପଞ୍ଜାବୀ ନୃତ୍ୟ, ଚଡେୟା ନୃତ୍ୟ, ପାଇକ ନୃତ୍ୟ, ଚଣ୍ଡିନୃତ୍ୟ, କଣ୍ଢେଇ ନାଚ, ଘଣ୍ଟୁଆ , ବନାଟି ପଟା ଖେଳ, ସିଂହବାଜା, ଢୋଲବାଜା, ପଞ୍ଜାବୀ ବାଜା, ମହୁରୀ ଆଦି ପାରମ୍ପରିକ ନୃତ୍ୟରେ ପରିବେଶ କମ୍ପି ଉଠିଥିଲା । ପିପିଲି ବଜାର ବ୍ୟବସାୟୀ ସଂଘର ଉପଦେଷ୍ଟା ରମେଶ ଚନ୍ଦ୍ର ମହାପାତ୍ର, ପୂର୍ଣଚନ୍ଦ୍ର ସ୍ୱାଇଁ, ଗଜେନ୍ଦ୍ର ପୃଷ୍ଟି, ସେକ୍ ଆବିଦ, ଜବାର ଖାଁ, ଅଶୋକ ଅଗ୍ରୱାଲ ପ୍ରମୁଖ ଭସାଣି ଶୋଭାଯାତ୍ରା ପରିଚାଳନା କରିଥିଲେ । ଏହି ଶୋଭାଯାତ୍ରା ପାଇଁ ପିପିଲି ପୁଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା । ଏସ୍ଡିପିଓ ଦେବାଶିଷ ମିଶ୍ର, ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ ସମେତ ପୁଲିସ ଅଫିସର ଓ ଫୋର୍ସ ଟ୍ରାଫିକ୍ ନିୟନ୍ତ୍ରଣ କାର୍ଯ୍ୟରେ ନିୟୋଜିତ ଥିଲେ ।

# ବିପୁଳ ପରିମାଣର ବାଣ ସହ ବାରୁଦ ଜବତ ଜଣେ ଗିରଫ

ପିପିଲି,୩।୯:(ମନ୍ଥନ)ପିପିଲି ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଦାଣ୍ଡମୁକୁନ୍ଦପୁର ଅଞ୍ଚଳରୁ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ତା ନିକଟରୁ ବିପୁଳ ପରିମାଣର ବାଣ ଓ ବାରୁଦ ଜବତ କରିଛି । ଗିରଫ ଅଭିଯୁକ୍ତ ହେଲେ ଦାଣ୍ଡମୁକୁନ୍ଦପୁର ଗ୍ରାମର ଜୀବନ ମଲ୍ଲିକ (୨୩) । ଗିରଫ ଅଭିଯୁକ୍ତ ଠାରୁ ବିପୁଳ ପରିମାଣର ବିସ୍ଫୋରକ ପଦାର୍ଥ ମଧ୍ୟରେ ୧୦ କିଲୋଗ୍ରାମ ଗନ ପାଉଡର। ଜରି ବ୍ୟାଗ ସହିତ ୨ କିଲୋଗ୍ରାମ ପୋଟାସିୟମ ନାଇଟ୍ରେଟ । ୨ କିଲୋଗ୍ରାମ କୋଇଲା ପାଉଡର, ଟେରାକୋଟା ଅନାର



ଫାୟାର କ୍ରାକର କଭର ୧୦୦ ଖଣ୍ଡ ଆଦି ସହିତ ବାଣ ତିଆରି ସାମଗ୍ରୀ ସବୁକୁ ପୁଲିସ ଜବତ କରିଛି ।ଏନେଇ ପିପିଲି ଥାନାରେ ୫୩୪୨୫ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ପୁଲିସ ତଦନ୍ତ ଚଳାଇଛି । ତେବେ ମିଳିଥିବା ସୁଚନାମୁତାବକ ପିପିଲି ଏସଡିପିଓ ଦେବାଶିଷ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ପିପିଲି ଥାନା ଏସଆଇ ଦିପକ କୁମାର ନାୟକ ସମେତ ସଦଳବଳ ପୁଲିସ ଦାଣ୍ଡମୁକୁନ୍ଦପୁର ଗ୍ରାମରେ ପହଂଚି ବେଆଇନ ବାଣ ତିଆରୀ କରୁଥିବା ବ୍ୟକ୍ତିଙ୍କ ଘର ଉପରେ ଅଚାନକ ଚଢାଉ କରିଥିଲେ । ସେଠାରୁ ମହଜୁଦ ଥିବା ବିସ୍ଫୋରକ ସାମଗ୍ରୀ ଓ ବାଣ ଜବତ କରିବା ସହିତ ଜଣେ ବ୍ୟକ୍ତିକୁ ଗିରଫ କରିଥିବା ନେଇ ପିପିଲି ଏସଡିପିଓ ଶ୍ରୀମିଶ୍ର ସୁଚନା ଦେଇଛନ୍ତି।

## ମାଳି ଜଗନ୍ନାଥପୁରରେ ଅଘଟଣ,ଗଣେଶ ଭସାଣି ବେଳେ ଛିଣ୍ଡିଲା ବିଦ୍ୟୁତ ତାର, ତିନି ଆହତ

ଗଞ୍ଜାମ,୩।୯:(ମନ୍ଥନ)ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ପଞ୍ଚାୟତ ମାଳିଜଗନ୍ନାଥ ପୁର ରେଡି ସାହିରେ ମଙ୍ଗଳବାର ସ୍ୱାରେ ଗଣେଶ ମୂର୍ତ୍ତି ଭାଷାଣି ର ଶୋଭାହାତ୍ର ସମୟରେ ହଟାତ ବିଦ୍ୟୁତ ତାର ଛିଣ୍ଡି ପଡିଲା । ସାହିର ତିନି ଜଣଙ୍କ ଉପରେ ତାର ଛିଡି ପଡି ଯିବା ଫଳରେ ତିନିଜଣ ଆହତ ହୋଇଛନ୍ତି । ସଙ୍ଗେ ସଙ୍ଗେ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆହତ ମାନଙ୍କୁ ଅଣାଯାଇଥିଲା । ଗଞ୍ଜାମ ମେଡିକାଲରେ ଆମ୍ବୁଲାନ୍ସ ନଥିବାରୁ ଆହତଙ୍କୁ ବାଇକରେ ଛତ୍ରପୁର ମେଡିକାଲ ନିଆଯାଇଛି । ସେଠାରେ ସେମାନଙ୍କ ଅବସ୍ଥା ସ୍ଥିର ଥିବା ।ଲୀ ଲୋକନାଥ ମନ୍ଦିର ପରିଚାଳନା କମିଟି ସଭାପତି ବି ବନମାଳୀ ସୂଚନା ଦେଇଛନ୍ତି । ଏଥିସହ ବର୍ତ୍ତମାନ ଆଖପାଖ କଲ୍ୟାଣପୁର, କାଇଁଚପୁର, ଜରାପଦର ଆଦି ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିଛି । ଯୁଦ୍ଧ କାଳୀନ ଭିତ୍ତିରେ ବିଦ୍ୟୁତ ତାର ସଜାଡ଼ିବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୩।୯:(ମନ୍ଥନ)ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସ୍କୁଲରେ ଶିଶୁଙ୍କ ଜଡ଼ିତ ଯୌନ ସମ୍ବନ୍ଧୀୟ ଆଇନ୍, ଶିଶୁ ନିର୍ଯାତନା ଏବଂ ପୋକ୍‌ସ ଆଇନ୍ ତଥା ଜାତୀୟ ଆଇନ ସବୋ ପ୍ରାଧିକରଣ (ନାଲ୍‌ସା)ର ପିଡ଼ିତା କ୍ଷତିପୂରଣ ଯୋଜନା, ୨୦୧୮ ସମ୍ବନ୍ଧିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ତାଙ୍କ ବକ୍ତବ୍ୟରେ ପିଲାମାନଙ୍କୁ ଶିଶୁଙ୍କ ସହ ଜଡ଼ିତ ଯୌନ ସମ୍ବନ୍ଧୀୟ ଆଇନ୍, ଶିଶୁ ଯୌନ ନିର୍ଯ୍ୟତନା ଏବଂ ପୋକ୍‌ସୋ ଆଇନ୍ ଯାହାକି ନାଲସାର ପିଡ଼ିତା କ୍ଷତିପୂରଣ ଯୋଜନା-୨୦୧୮ ଇତ୍ୟାଦି ସମ୍ବନ୍ଧରେ ବୁଝାଇଥିଲେ । ତତ୍‌ସହ ସଚିବ ଶ୍ରୀ ରଥ ପିଲାମାନଙ୍କ ସହ ପାରସ୍ପରିକ ଅଧିବେଶନ ମଧ୍ୟ କରାଇ ପିଲାମାନଙ୍କୁ ଅତିସରଳ ଭାବରେ ଉକ୍ତ ଆଇନ ସବୁକୁ ବୁଝାଇଥିଲେ ଏବଂ ପିଲାମାନଙ୍କୁ ଗୁଡ଼



ଟଚ୍ ଓ ବ୍ୟାଡ୍ ଟଚ୍‌ର ଶିକ୍ଷା ଏବଂ ପିଲମାନେ ସମାଜରେ କିପରି ଭଦ୍ର ଏବଂ ଶିକ୍ଷିତ ହେବା ସହ ସମାଜକୁ ଏକ ସୁସ୍ଥ ବାତାବରଣରେ ଗଢ଼ି ତୋଳିବା ସହ ନିଜକୁ ନିଜେ ସୁରକ୍ଷିତ ତଥା ବ୍ୟକ୍ତିତ୍ୱର ବିକାଶ ପାଇଁ ସଚେତନତା କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି ଭଦ୍ରକର ଚେୟାରମ୍ୟାନ୍ ଦେବରାଜ ପାଣିଗ୍ରାହୀ, ଭଦ୍ରକ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚକ୍ରଧର ମଲ୍ଲିକ, ଶିଶୁ ଯତ୍ନ ଓ ସୁରକ୍ଷା ଅଫିସର ଲିଗାଲ ପ୍ରୋବେସନ୍ ଅଧିକାରୀ ସୁବ୍ରତ କୁମାର ଦାଶ, ଡ଼. ତାପସ କୁମାର ମହାନ୍ତି ଓ ବହ୍ନିଶିଖା ବିଶ୍ୱାଳ ସହକାରୀ ଏଲ୍.ଏ.ଡ଼ିସ୍.ଏସ୍.ଭଦ୍ରକ, ଜିଲ୍ଲା ସ୍କୁଲ ଭଦ୍ରକର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ପାନାମଣି ବେହେରା, ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ମିଲି ପରିଡ଼ା, ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର କର୍ମୀଗଣ ସହଯୋଗ କରି କାର୍ଯ୍ୟକ୍ରମଟିକୁ ଆଗେଇ ନେଇଥିଲେ।

ସୃଜନ

ଗୁରୁବାର ୪ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
THURSDAY 4 SEPTEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ହିମାଳୟର ଚେତାବନୀ

ହିମାଳୟ ପାଦଦେଶରେ ଅବସ୍ଥିତ ରାଜ୍ୟଗୁଡ଼ିକରେ ଏବେ ଯେଉଁଭଳି ଭାବେ ବାରମ୍ବାର ବାଦଲଫଟା ବର୍ଷା ଓ ଭୂସ୍ଖଳନ ଏବଂ ବନ୍ୟାର ପ୍ରକୋପ ସୃଷ୍ଟି ହୋଇଛି ବୋଲି ତାହାକୁ ପାର୍ବତ୍ୟାଂଚଳର ଚେତବାନୀ ବୋଲି କୁହାଯାଇପାରିବ । ଚଳିତ ମୌସୁମୀ ଋତୁରେ ହିମାଳୟ ପାଦଦେଶରେ ଅବସ୍ଥିତ ହିମାଚଳ ପ୍ରଦେଶ, ଉତରାଖଣ୍ଡ ଏବଂ ଜାମ୍ମୁ-କାଶ୍ମୀରରେ ୧୪ଥର ବାଦଲଫଟା ସହ ଆକସ୍ମିକ ବନ୍ୟା, ଭୂସ୍ଖଳନ ଜନଜୀବନକୁ ପ୍ରଭାବିତ କରିଛି । ବାଦଲଫଟା ବର୍ଷା, ଆକସ୍ମିକ ବନ୍ୟା ଓ ଭୂସ୍ଖଳନରେ ହିମାଳୟ ରାଜ୍ୟଗୁଡ଼ିକରେ ମୃତ୍ୟୁ ସଂଖ୍ୟା ୧୦୦ ଟପିଥିଲାବେଳେ ହଜାର ହଜାର କୋଟି ଟଙ୍କାର ସମ୍ପତି କ୍ଷତିଗ୍ରସ୍ତ ହୋଇଛି । ବଡ ବଡ କୋଠା ଭୂଶୁଡ଼ି ପଡିବା ସହ ରାସ୍ତାଘାଟ ଧୋଇଯାଇଛି । ନିକଟରେ ଜାମ୍ମୁ-କାଶ୍ମୀରରେ ବାଦଲଫଟା ବର୍ଷାରେ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିଲା । ମୃତକଙ୍କ ମଧ୍ୟରେ ବହୁ ବୈଷ୍ଣୋଦବୀ ଶ୍ରଦ୍ଧାଳୁ ଅନ୍ତର୍ଭୁକ୍ତ ଥିବା କୁହାଯାଇଛି । ଆକସ୍ମିକ ବନ୍ୟା ସେମାନଙ୍କୁ ଭସାଇ ନେବା ସହ ପଥରଖଣ୍ଡର ଭଗ୍ନତା ତଳେ ପୋତି ଦେଇଥିବା ରିପୋର୍ଟ ପ୍ରକାଶ ପାଇଛି । ଗଲା ବୁଧବାର ଦିନ ଜାମ୍ମୁ ଅଂଚଳରେ ବନ୍ୟାର ବିଭିଷିକା ସୃଷ୍ଟି କରିଛି । ପଂଜାବରେ ହଜାର ହଜାର ଗ୍ରାମ ବନ୍ୟା ଜଳ ଘେରରେ ରହିଥିବାବେଳେ ଚାଷଜମି ଗୁଡ଼ିକ ଜଳପ୍ଲାବିତ ହୋଇଯାଇଥିଲା । ଯମୁନା, ସିନ୍ଧୁ ଓ ସତଲେଜ୍ ନଦୀରେ ବନ୍ୟାରେ ଜନଜୀବନ ଠପ୍ ହୋଇଯାଇଥିଲା । କେବଳ ଏତିକି ଦିଲ୍ଲୀରେ ପ୍ରବଳ ବର୍ଷାରେ ରାସ୍ତାଘାଟଗୁଡ଼ିକ ବୁଡ଼ି ଯାଇଥିଲା । ଯମୁନା ନଦୀର ଜଳପତନ ବୃଦ୍ଧି କରିଥିଲା । ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ କେବଳ ହିମାଳୟ ରାଜ୍ୟଗୁଡ଼ିକରେ ନୁହେଁ, ସମଗ୍ର ଉତର ଭାରତୀୟ ଅଂଚଳରେ ବର୍ଷାର ତାଣ୍ଡବ ରଚିଛି ।  ବାଦଲଫଟା ତଥା ଅପ୍ରତ୍ୟାଶିତ ବର୍ଷା ଏବେ ଜନଜୀବନ ପାଇଁ ବିପର୍ଯ୍ୟାୟର କାରଣ ହୋଇଛି । ଏହା ନିସନ୍ଦେହ ଯେ, ପ୍ରକୃତି ଉପରେ ମଣିଷର ଅତ୍ୟାଚାର ଯେତିକି ଯେତିକି ବଢିଚାଲିଛି, ପ୍ରକୃତିର ପ୍ରକୋପ ସେତିକି ସେତିକି ଉଗ୍ର ହେବାରେ ଲାଗିଛି । ହିମାଳୟ ରାଜ୍ୟଗୁଡ଼ିକରେ ମାତ୍ର ମାସକ ମଧ୍ୟରେ ଯେଉଁଭଳି ପ୍ରାକୃତିକ ବିପର୍ଯ୍ୟାୟ ଘଟଣାମାନ ଘଟିଛି, ଏହା ହେଉଛି, ତାର ଜ୍ୱଳନ୍ତ ଉଦାହରଣ । ପାର୍ବତ୍ୟାଚଂଳରେ ବାରମ୍ବାର ନିର୍ମାଣ କାର୍ଯ୍ୟ, ପଥର ଖଣ୍ଡକୁ ବିସ୍ଫୋରଣ ଦ୍ୱାରା ଫୁଟାଇବା, ଖନନ, ଆଖିବୁଜା ଗଛ କଟା ଆଦି ହିମାଳୟ ପାଦଦେଶରେ ବସବାସ କରୁଥିବା ଜନସାଧାରଣଙ୍କୁ ଅସୁରକ୍ଷିତ କରିଦେଇଛି । ଗତ ସପ୍ତାହରେ ଲୋକସଭାରେ କେନ୍ଦ୍ର ଭୂବିଜ୍ଞାନ ମନ୍ତ୍ରୀ ଜିତେନ୍ଦ୍ର ସିଂହ ସୂଚନା ଦେଇଥିଲେ ଯେ, ଦେଶରେ ସର୍ବାଧିକ ଭୂସ୍ଖଳନ ପ୍ରବଣ ଅଂଚଳ ମଧ୍ୟରେ ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ ଓ ଉତରାଖଣ୍ଡ ହେଉଛି ଅନ୍ୟତମ । ଜାମ୍ମୁ-କାଶ୍ମୀରର ୧୨ପ୍ରତିଶତ ଅଂଚଳ ଅତିମାତ୍ରାରେ ସହଜରେ ପ୍ରଭାବିତ ହୋଇଥିବା ବର୍ଗ ଅନ୍ତର୍ଭୁକ୍ତ । ନିକଟରେ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ(ଜିଏସଆଇ) ହିମାଳୟ ଅଂଚଳରେ ସହଜରେ ପ୍ରଭାବିତ ହୋଇପାରୁଥିବା ଭୂସ୍ଖଳନ ଇଲାକାର ସର୍ଭେ ସମ୍ପୂର୍ଣ୍ଣ କରିଛି । ହିମାଳୟ ଅଂଚଳରେ ଜୈବିକ ବିବିଧତାର କ୍ରମାଗତ କ୍ଷୟ ଯୋଗୁଁ ଏବେ ଏହି ଅଂଚଳଗୁଡ଼ିକ ଇକୋ-ସେନସଟିଭ୍ ଯୋନ ହୋଇଯାଇଛି । ବୈଜ୍ଞାନିକମାନଙ୍କ କଡା ଚେତାବନୀ ସତ୍ତ୍ୱେ ଜଙ୍ଗଲ କ୍ଲିଅରାନ୍ସ, ରାସ୍ତା ନିର୍ମାଣ, ବିଭିନ୍ନ ପ୍ରକଳ୍ପ ନିର୍ମାଣ  ପରିବେଶକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ବହୁ ପ୍ରାକୃତିକ ବିପର୍ଯ୍ୟାୟକୁ ଆମନ୍ତ୍ରଣ କରୁଛି । ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ପ୍ରବଳ, ଅତିପ୍ରବଳ, ବାଦଲପଟା ବର୍ଷା, ଅକସ୍ମିକ ବନ୍ୟା, ଭସ୍ଖଳନ ଏବଂ ମାଟି ଦବିବା । ସେହି ନଦୀ ଅବବାହିକାରେ ନୂଆ ନୂଆ ଜନବସତିମାନ ଗଢି ଉଠିବା ଯୋଗୁଁ ନଦୀର ଗତିପଥ ସଂକୁଚିତ ହେବା ଯୋଗୁଁ ବନ୍ୟା ତାଣ୍ଡବ ସୃଷ୍ଟି କରୁଛି । ଉଲ୍ଲେଖଯୋଗ୍ୟ ଯେ, ଜଳବାୟୁ ପରିବର୍ତନର ପ୍ରଭାବ ଦ୍ୱାରା ଏବେ ବିଭିନ୍ନ ପ୍ରାକୃତିକ ଧାରା ପ୍ରକ୍ରୀୟାରେ ବ୍ୟାପକ ପରିବର୍ତନ ଘଟିବା ସହ ବନ୍ୟା, ବାତ୍ୟା, ମରୁଡ଼ି, ଭୂସ୍ଖଳନ, ଭୂମିକମ୍ପ ଆଦି ପ୍ରାକୃତିକ ବିପର୍ଯ୍ୟାୟ ଘଟଣା ବଢିବାରେ ଲାଗିଛି । ପଶ୍ଚିମଘାଟ  ପାର୍ବତ୍ୟମାଳାରେ ଜଳବାୟୁ ପରିବର୍ତନ ଗତ ଏକ ଦଶନ୍ଧି ତଳେ ଦେଖିବାକୁ ମିଳିଥିଲା ବୋଧହୁଏ ଏହାର ପରିଣତିକୁ କେହି ଭୁଲି ନଥିଲେ । ଉଲ୍ଲେଖଯୋଗ୍ୟ ଯେ, ଭୂମଧ୍ୟ ସାଗରରେ ସାଧାରଣତଃ ଶୀତ ଓ ବସନ୍ତ ଋତୁରେ ଲଘୁଚାପମାନ ସୃଷ୍ଟି ହୋଇଥାଏ । ମାତ୍ର ଜଳବାୟୁ ପରିବର୍ତନ ପ୍ରଭାବରେ ଏବେ ଏହା ଗ୍ରୀଷ୍ମ ଓ ମୌସୁମୀ ଋତୁରେ ସୃଷ୍ଟି ହୋଇ ଏସୀଆ ଓ ଉତର ଭାରତୀୟ ଅଂଚଳରେ ପ୍ରବେଶ କରିଛି । ଉତର ଭାରତୀୟ ଅଂଚଳରେ ଏହାର ପ୍ରବେଶ ଦକ୍ଷିଣ-ପଶ୍ଚିମ ମୌସୁମୀକୁ ଉଗ୍ର କରିବା ସହ ଜଳପ୍ରଳୟ ଏବଂ ବାଦଲଫଟା ବର୍ଷାର କାରଣ ହୋଇଛି ।  ବୈଜ୍ଞାନିକ, ପରିବେଶବିତ୍ ଏବଂ ପାଣିପାଗ ବିଶାରଦମାନଙ୍କ ଚେତାବନୀକୁ ଦୃଷ୍ଟିରେ ରଖି ହିମାଳୟ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର, ରାଜ୍ୟ ସରକାର, ନୀତିନିର୍ଦ୍ଧାରକ ଏବଂ ଯୋଜନା ନିର୍ଦ୍ଧାରକମାନେ କାର୍ଯ୍ୟ କରିବା ଜରୁରୀ । ଅନ୍ୟଥା ଦେବଭୂମି ଅସୁରକ୍ଷିତ ହୋଇପଡିବା ସାର ହେବ ।

# ଉଚ୍ଚାଭିଳାଷ ଜୀବନ ଓ ସ୍ୱପ୍ନ

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସ୍ୱପ୍ନ ଆମେ ଦେଖୁ । ସ୍ୱପ୍ନ ଦେଖିବା ଆମ ଅଧିକାର । ଯଦିଓ ତାହା ସତ ହୋଇପାରେ ଅବା ନ ହୋଇପାରେ । ତେବେ ପ୍ରଚୁର ସ୍ୱପ୍ନ, ବଡ଼ ବଡ଼ ସ୍ୱପ୍ନ ଦେଖିବା ପାଇଁ ଆମକୁ ଉତ୍ସାହିତ କରି ଆସିଛନ୍ତି ମୋଟିଭେସନାଲ ସ୍ପିକର, ମହାମନିଷୀ, ଦାର୍ଶନିକମାନେ । ତେବେ ସେମାନେ ଏ ବାବଦରେ ମଧ୍ୟ ସତର୍କ, ସଚେତନ କରାଇ ଦେବାକୁ ଭୁଲି ନାହାନ୍ତି ଯେ, କେବଳ ସ୍ୱପ୍ନ ଦେଖିଲେ ହେବନାହିଁ । ତକ୍ଟୁ ସାକାର କରିବାକୁ ହେଲେ କଠିନ ପରିଶ୍ରମ, କଠୋର ଅଧ୍ୟବସାୟ, ସାଧନା ଦରକାର । ପୁଣି ସାଧନାରେ, ପ୍ରୟାସରେ ଆନ୍ତରିକତା, ନିଷ୍ଠା ମଧ୍ୟ ଆବଶ୍ୟକ । ବ୍ୟକ୍ତି ବିଶେଷରେ ସ୍ୱପ୍ନ ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ସେହିସବୁ ସ୍ୱପ୍ନ ପଛରେ ଅନେକେ ଦଉଡୁଥାଆନ୍ତି ପାଗଳ ପରି । କେତେକ କେବଳ ଖିଆଲି ହୋଇ ଖାଲି ସ୍ୱପ୍ନ ଦେଖନ୍ତି, ତାହାକୁ ପୁରା କରିବା ପାଇଁ କୌଣସି ଆନ୍ତରିକତା ସେମାନଙ୍କର ନଥାଏ । ଆଉ କେତେକ ତ ଦିବା ସ୍ୱପ୍ନରେ ଚୁର । ସ୍ୱପ୍ନର ମାଦକତା କିନ୍ତୁ ସମସ୍ତଙ୍କୁ ସବୁକାଳେ ଘାରି ଆସିଛି, ଚୋରି କରିନେଇଛି ରାତିର ନିଦ ।

ସ୍ୱପ୍ନ ଖୋଲା ଆଖିର ଅଞ୍ଜନ ମୁଦା ଆଖିର ବି । ଖୋଲା ଆଖିରେ ଆମେ ଦେଖୁ ଆଗକୁ ବଢ଼ିବାର ବିକଶିତ ହେବାର ସ୍ୱପ୍ନ, ପ୍ରତିଷ୍ଠା ପ୍ରତିପତ୍ତିର ସ୍ୱପ୍ନ । ଆଖି ବୁଜିଥିବାବେଳେ ଗଭୀର ନିଦ୍ରାର ଆଶ୍ଳେଷ ଭିତରେ ବି ଆମେ ଦେଖୁ ଭଳିକି ଭଳି ସ୍ୱପ୍ନ । ସ୍ୱପ୍ନ ଆମକୁ କେବେ ଦିଏ ଆକାଶୀ ଉଡାଣର ଚଞ୍ଚଳତା ତ କେବେ ଆମକୁ କଚାଡ଼ି ଦିଏ ମାଟିରେ । ସ୍ୱପ୍ନରେ ଆମେ ଦେଖୁ ହଠାତ ଆମ ଚାରିପାଖରେ ଧନଧାନ୍ୟର ପ୍ରାଚୁର୍ଯ୍ୟ, ନଭଶ୍ଚୁମ୍ବୀ ଅଟ୍ଟାଳିକା, ବିଳାସପୂର୍ଣ୍ଣ ଯାନ, ଘରେ ଚାକର ଚାକରାଣୀ, ନିଜେ ଆମେ ସାହେବ, ସାହେବାଣୀ ସ୍ୱପ୍ନରେ ବି ଆମେ ଦେଖୁ ଆମର ପିଲାମାନେ ଭଲ ଚାକିରି ପାଇଛନ୍ତି ସମାଜରେ ପାଞ୍ଚ ଜଣକ ମଧ୍ୟ ଜଣେ ଭାବରେ ଗଣା ହେଉଛନ୍ତି । ପୁଣି କେବେ କେମିତି ଆମେ ସ୍ୱପ୍ନରେ ଦେଖୁ ପ୍ରିୟ ଜନଙ୍କର ମୃତ୍ୟୁ, ଦୁର୍ଘଟଣା, ସେମାନଙ୍କର ଯନ୍ତ୍ରଣାକାତର ଚାହାଣୀ । ହେଲେ ନିଦ ଭାଙ୍ଗିଗଲାବେଳକୁ ଆମେ ନିଜକୁ ଠାବ କରୁ ଯେଉଁଠିକୁ ସେଇଠି । ସୁଖ ସ୍ୱପ୍ନ ହୋଇଥିଲେ ଆମେ ଆଧାରୁ ଭାଙ୍ଗି ପଡ଼ିଥିବା ସ୍ୱପ୍ନକୁ ଆଉ ଥରେ ଦେଖିବାକୁ ଚାହୁଁ । ଆଶା କରୁ ଆହାଃ ଏମିତି ଅଧା ପୁଲକିତ, ଅଧା ରୋମାଞ୍ଚିତ ଆଉ ଅଧା ଶିହରିତ କରି ସ୍ୱପ୍ନଟି ଏମିତି ଅଧା ବାଟରୁ ବାଟ ଭାଙ୍ଗି ଚାଲିଗଲା । ଆଉ ଟିକେ ଆଗକୁ ବଢ଼ି ପାରିଥାନ୍ତି କି । ଆଉ ଟିକେ ଲମ୍ବା ହୋଇଥାନ୍ତାକି ନିଦ । ହେଉ ପଛେ ସ୍ୱପ୍ନରେ, ନିଜର ଶ୍ରୀ, ସମୃଦ୍ଧି ଦେଖିବାକୁ ଆମେ ଆତୁର । ଆଉ ସ୍ୱପ୍ନ ଭିତରେ ଆମେ ଯଦି ଦେଖୁ ଦୁଃଖ, ଯନ୍ତ୍ରଣା ତା ହେଲେ ବିଚଳିତ ହୋଇଯାଉ । ମୋଟାମୋଟି ସ୍ୱପ୍ନ ଆମ ଆଖିରେ ବୋଳିଦିଏ କୁହୁକ ଅଞ୍ଜନ । ସ୍ୱପ୍ନ ଆମକୁ କେଉଁଠି ନାହିଁ କେଉଁଠି ନେଇ ପହଞ୍ଚାଇ ଦିଏ ଦୂର ଦିଗବଳୟରୁ ଘନଜଙ୍ଗଲ ଚନ୍ଦ୍ରରୁ ମଙ୍ଗଳ ।

ସ୍ୱପ୍ନ ଦେଖିବାକୁ କିଏ ଅବା ଭଲ ନପାଏ । କିଏ ଅବା ସୁଖ ମଣେ ସୁନେଲି ସ୍ୱପ୍ନରେ ଆବିଷ୍ଟ ହେବା ପାଇଁ । ଅନେକ ପ୍ରେରଣାଦାୟୀ ବକ୍ତା, ମହାପୁରୁଷ କହିଯାଇଛନ୍ତି ଜୀବନରେ ବଡ଼ ବଡ଼ ସ୍ୱପ୍ନ ଦେଖ । ସ୍ୱପ୍ନହୀନ ଜୀବନ, ନାଉରି ନଥିବା ନାଆ ସଦୃଶ । ତେଣୁ ଜୀବନରେ ପ୍ରଚୁର ସ୍ୱପ୍ନ ଦେଖ । ତାହାକୁ ସାକାର କରିବାକୁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କର । ନିଷ୍ଠା, ଆନ୍ତରିକତା ଆଉ କଠୋର ଅଧ୍ୟବସାୟ ଥିଲେ ସ୍ୱପ୍ନ ଦିନେ ନିଶ୍ଚି ଭାବେ ସାକାର ହେବ । ଏତେ ସପନକୁ ରାତି କାହିଁ । ବୋଲି ଯାହା କୁହାଯାଏ, ଯଦି ସେହି ଅନୁସାରେ ବି ଆମେ ସ୍ୱପ୍ନକୁ ତଉଲିବା ତାହେଲେ ଅଧା ସ୍ୱପ୍ନ ସତ ହୋଇପାରେ ବାକି ଅଧକ ସ୍ୱପ୍ନରେ ହିଁ ହୁଏତ ରହିଯାଇପାରେ । ତେବେ ଏଥିରେ କାତର ହେବ ଉଚିତ ନୁହେଁ । ଗୁଡ଼ାଏ ସ୍ୱପ୍ନ ଦେଖିଥିବାରୁ ଅଧା ହୁଏତ ବାସ୍ତବ ରୂପ ନେଲା, ବାକି ଅଧିକ ସମାଧି ନେଇଗଲା ସେଇ ସ୍ୱପ୍ନ ଭିତରେ । କିନ୍ତୁ ଆମେ ଯଦି ଆଦୌ ସ୍ୱପ୍ନ ଦେଖିବା ନାହିଁ, ଆମ ଜୀବନର ନିର୍ଦ୍ଦିଷ୍ଟ ନେହେବ ଅସାର ଓ ଅଳୀକ ।

ସ୍ୱପ୍ନ ବ୍ୟାପ୍ତି, ତାର ରୂପରେଖ ଭିନ୍ନ ଭିନ୍ନ ହୋଇପାରେ ବ୍ୟକ୍ତିବିଶେଷରେ । ଆର୍ଥିକ ଅସ୍ୱଚ୍ଛଳତା ଭୋଗୁଥିବା ଗରିବ ଲୋକଟିଏର ସ୍ୱପ୍ନ ଭଲରେ ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବା, ମୁଣ୍ଡ ଗୁଞ୍ଜିବା ପାଇଁ ଚାରିହାତ ଛାତ । ହଁ, ବେଳ ଅବେଳକୁ କିଛି ଟଙ୍କା ପଇସା ହାତରେ । ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ମୁରବୀଟିଏ ପାଇଁ ସ୍ୱପ୍ନ ଭିନ୍ନ କିଛି ମାଏନା ରଖେ । ଏଇ ଯେମିତି ପିଲାଏ ଭଲ ପାଠ ପଢ଼ନ୍ତୁ, ଭଲ ଚାକିରି ଚାକିରି କରି ସମାଜରେ ମର୍ଯ୍ୟାଦାବନ୍ତ ହୁଅନ୍ତୁ । ସହରରେ ନିଜର ବୋଲି ଦୃଶ୍ୟମାନ ଘରଟିଏ ହେଉ, ଆୟ ଅଳଙ୍କାର ବଢୁ । ଘର ଆଗରେ ଥୁଆ ହେଉ ଚକ ଚକ ଚାରିକିଆ । ସୁବିଧା ଅସୁବିଧାକୁ ଚଳେଇ ନେବା ପାଇଁ ବ୍ୟାଙ୍କ ବାଲାନ୍ସ ତ ନିହାତି ଲୋଡ଼ା । କୁହାଯାଏ ମଧ୍ୟବିତ୍ତ ଭାରତୀୟମାନେ ସବୁଠୁ ଅଧିକ ସ୍ୱପ୍ନ ଦେଖନ୍ତି । ସ୍ୱପ୍ନରେ ବୁଡ଼ି ରହିବାକୁ ଭଲ ପାଆନ୍ତି । ସ୍ୱପ୍ନ ପୂରଣ ହେବା ସହଜ ନୁହେଁ ଜାଣିବା ସତ୍ତ୍ୱେ ସ୍ୱପ୍ନ ବିଳାସୀ ହେବାକୁ ଭଲ ପାଆନ୍ତି । ସଫଳତାର ଗୋଟିଏ ଗୋଟିଏ ପାହାଚ ଚଢ଼ିବା ପାଇଁ ପ୍ରଥମେ ସ୍ୱପ୍ନ ଦେଖନ୍ତି, ପରେ ପ୍ରୟାସ କରନ୍ତି । କାରଣ ସ୍ୱପ୍ନ ଦେଖିଲେ ତ କାହା କିପରି ପୂର୍ଣ୍ଣାଙ୍ଗ ରୂପ ନେବ ସେଥିପାଇଁ ଚେଷ୍ଟା କରାଯିବ । ସ୍ୱପ୍ନର ଆକର, ପ୍ରକାର, ବ୍ୟାପ୍ତି, ସ୍ଥିତି, ରୂପରେଖ ଭଳିକି ଭଳି -ବ୍ୟକ୍ତି ବିଶେଷରେ । ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ, ଯିଏ ଯାହା ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ଧାଇଁଛି ଅଣନିଶ୍ୱାସୀ ହୋଇ । ସବୁ ସ୍ୱପ୍ନ ଯେ ସତ ହୁଏ ବା ସୁଖଦ ନିଦ୍ରା ସମୟରେ ମଣିଷ ଯେଉଁ ସୁନେଲି ସ୍ୱପ୍ନ ଦେଖିଥାଏ ଆଖି ଖୋଲିଲେ ମାତ୍ରେ ତାହା ନଥାଏ । କିନ୍ତୁ ଲୋକେ ଧନୀ ହେବାର ନିଜକୁ ପ୍ରତିଷ୍ଠିତ କରିବାର, ଅନ୍ୟ ମାନଙ୍କ ଠାରୁ ଭଲରେ ରହିବାର, ମନଲାଖି ଜୀବନସାଥୀ ପାଇବାର, ମନପସନ୍ଦର ନୀଡ଼ଟିଏ ଗଢ଼ିବାର, ସନ୍ତାନମାନେ ଆକାଶ ଛୁଇଁବାର ସ୍ୱପ୍ନ ଦେଖି ଚାଲନ୍ତି । ଦାର୍ଶନିକମାନେ ସ୍ୱପ୍ନକୁ ନେଇ ଭିନ୍ନ ଭିନ୍ନ ବିଶ୍ଳେଷଣ କରିଆସିଛନ୍ତତି । ମନସ୍ତାତ୍ତ୍ୱିକମାନେ ବି ସୁଖଦ ସ୍ୱପ୍ନ ଓ ଦୁଃସ୍ୱପ୍ନ ମଧ୍ୟରେ ବିଭେଦର ପ୍ରାଚୀର ତିଆରି କରିଛନ୍ତି । କିନ୍ତୁ ଗୋଟିଏ କଥାରେ କହିଲେ ସ୍ୱପ୍ନର ସୀମାରେଖା ଅସୀମ, ପରିବ୍ୟାପ୍ତ ଏହାର ରୂପରେଖ ।

ସାଧାରଣତଃ ଆମେ ସ୍ୱପ୍ନ ଦେଖୁ ରାତିରେ, ସୁକୋମଳ, ସୁଗଭୀର, ସୁନିଦ୍ରାର ସୁଷୁପ୍ତିରେ ଆଦୌ ଆଖିକୁ ଆବୋରିବସେ ସ୍ୱପ୍ନ । କୁହାଯାଏ ଯେଉଁ କଥା, ବ୍ୟଥା ସମ୍ପର୍କ, ସମ୍ବନ୍ଧ, ଚାହାଣୀ, ଚଳଣି ବିଷୟରେ ଆମେ ବେଶି ଭାବିଥାଉ ଯାହାକୁ ନେଇ ବ୍ୟସ୍ତ ବିବ୍ରତ ବିଚଳିତ ହେଉ, ଯେଉଁ ଭାବନା ଆମକୁ ବାରମ୍ବାର ଆନ୍ଦୋଳିତ କରେ, ମନକୁ ଚଳଚଞ୍ଚଳ କରେ ଆମେ ଉଦବିଗ୍ନ ହେଉ, ଯେଉଁ କାମରେ ଅକୃତକାର୍ଯ୍ୟ ହେଉ ସେ ସବୁ ଆମ ମନ ଭିତରେ ବସା ବାନ୍ଧି ରହିଥାଏ । ଯେତେବେଳେ ସାରା ଦିନର ପରିଶ୍ରମ ପରେ ଆମେ ଶଯ୍ୟାରେ ନିଜ ଅବସନ୍ନ ଶରୀରକୁ ଲୋଟାଇ ଦେଉ ଆମକୁ ନିଦ ତ ଘାରେ, ସ୍ୱପ୍ନ ମଧ୍ୟ ତା ଭିତରେ ଉଙ୍କି ମାରେ । ସ୍ୱପ୍ନର ଫଳାଫଳ ଆମ ଜୀବନରେ କେବେ ପ୍ରତିଫଳିତ ହୁଏ ତ ଆଉ କେବେ ଆମେ ପାସୋରିଯାଉ । ସ୍ୱପ୍ନ ସମ୍ପର୍କରେ ମନୋଚିକିତ୍ସକ, ମନସ୍ତାତ୍ତ୍ୱିବିତ, ସ୍ୱପ୍ନଶାସ୍ତ୍ରୀ ଭିନ୍ନ ଭିନ୍ନ ମତ ପୋଷଣ କରନ୍ତି । ସ୍ୱପ୍ନର ପରିଭାଷା କାହା ପାଇଁ କଣ ହୋଇପାରେ । ତେବେ ମହାନ ବୈଜ୍ଞାନିକ ମିଜାଇଲ ମ୍ୟାନ ତଥା ଲୋକଙ୍କ ରାଷ୍ଟ୍ରପତି ଭାବେ ସୁବିଦିତ ଡକ୍ଟର ଏପିଜେ ଅବଦୁଲ କଲାମ କିନ୍ତୁ ସ୍ୱପ୍ନ ସମ୍ବନ୍ଧରେ ଏକ ଖୁବ ସୁନ୍ଦର ଆପ୍ତବାକ୍ୟ କହିଯାଇଛନ୍ତି, ଯାହା ବେଶ ପ୍ରେରଣାଦାୟକ । ଡକ୍ଟର କଲାମଙ୍କ ମତରେ ସ୍ୱପ୍ନ ତାହା ନୁହେଁ, ଯାହା ଆମେ ବନ୍ଦ ଆଖିରେ ବା ଶୋଇଥିବାବେଳେ ଦେଖୁ । ସ୍ୱପ୍ନ ହେଉଛି ତାହା ଯାହା ଆମକୁ ଶୋଇବାକୁ ଦିଏନାହିଁ । ଆମ ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟ ବାବଦରେ ଯିଏ ଆମକୁ ବାରମ୍ବାର ଚେତେଇ ଦେଉଥାଏ । ଜୀବନରେ ଉଚ୍ଚାଭିଳାଷ ପୋଷଣ କରିବା ତାହାକୁ ସାକାର କରିବା ପାଇଁ ନିଷ୍ପାପର ଭାବେ ଉଦ୍ୟମ କରିବା ପାଇଁ ଡ.କଲାମ ପ୍ରେରିତ କରିଛନ୍ତି ଏହି ମହତବାଣୀ ମାଧ୍ୟମରେ ।

**ପ୍ରତିରତ୍ନିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

# ବାମନ ବେଶରେ କଳାଠାକୁର

### ଡକ୍ଟର ତପନ କୁମାର ପାଲ



ଓଡ଼ିଶାରେ ରାଜକୀୟ ନବବର୍ଷ ଆରମ୍ଭ ହୁଏ ଭାଦ୍ରବ ମାସ ଶୁକ୍ଳ ଦ୍ୱାଦଶୀ ତିଥିରେ ସୁନିଆଁ ଠାରୁ । ଓଡ଼ିଆ ପାଞ୍ଜିର ଆରମ୍ଭ ହୁଏ ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରୁ ଏବଂ ଏହି ଦିନଟି ସାଧାରଣରେ ଓଡ଼ିଆ ନବବର୍ଷ ଭାବେ ଗୃହୀତ ହୋଇଛି । ମାତ୍ର ସୁନିଆଁ ହେଉଛି ଓଡ଼ିଆ ରାଜାଙ୍କର ରାଜତ୍ୱର ଅଙ୍କ ଗଣନା ବର୍ଷର ପ୍ରଥମ ଦିନ । ବାମନ ବେଶ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ଶ୍ରୀମନ୍ଦିରରେ ପାଳନ କରାଯାଏ । ପୌରାଣିକ ଉପାଖ୍ୟାନ ଅନୁସାରେ ଏହିଦିନ ଏକ ଶୁଭ ମୁହୂର୍ତ୍ତରେ ଭଗବାନ ବିଷ୍ଣୁ ନିଜ ପଞ୍ଚମ ଅବତାରରେ ଏକ ଦିବ୍ୟ, ଜ୍ୟୋତିର୍ମୟ ବାମନ ବାଳକ ରୂପରେ ଧରିତ୍ରୀରେ ଅବତରଣ କରିଥିଲେ । ନୃସିଂହ ଜନ୍ମ ଓ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପରି ଶ୍ରୀମନ୍ଦିରରେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ବାମନ ଜନ୍ମ ପାଳିତ ହେବା ସଙ୍ଗେ ସଙ୍ଗେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଏକ ବାମନରୂପ ବାଳକ ବେଶରେ ସଜ୍ଜିତ କରାଯାଇଥାଏ । ଶ୍ରୀମନ୍ଦିରରେ ବାମନଙ୍କ ଜନ୍ମୋତ୍ସବ ନୀତି ଓ ଦ୍ୱିପହର ଧୂପ ଶେଷ ହେବା ପରେ ଜଗନ୍ନାଥ ମହାପ୍ରଭୁ ବାମନ ବେଶ ଧାରଣ କରନ୍ତି ।

ଏଥିରେ ସୁଭଦ୍ରା ସାଧାରଣ ବେଶ ଓ ବଳଭଦ୍ର ରାଜ ବେଶରେ ଦୃଶ୍ୟମାନ ହେବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ରୀପୟର ଓ କିରୀଟରେ ଆଭୂଷିତ ହୋଇଥାନ୍ତି । ଶ୍ରୀଜଗନ୍ନାଥଙ୍କ ଶ୍ରୀଭୂଜର ବାମ ହସ୍ତରେ ଛତା ଓ ଡାହାଣ ହସ୍ତରେ କୁଶବଟୁ ଗଡ୍ଡୁ ଧରାଯାଇ ଏକ ବାମନରୂପୀ ନୈଷ୍ଠିକ ବ୍ରାହ୍ମଣ ବେଶରେ ଭୂଷିତ କରାଯାଏ । ପୁଷ୍ପାଳକ ସେବକମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଏପରି ବେଶ କରିଥାନ୍ତି, ଜଣାଯାଏ ସତେ ଯେପରି ଜଗନ୍ନାଥ ମହାପ୍ରଭୁ ସ୍ୱୟଂ ଏକ ବାମନ ବା କ୍ଷୁଦ୍ରକାୟ ବିପ୍ର । ଶ୍ରୀଜଗନ୍ନାଥ ବାମନ ଭାବେ ପରିଚିତ । ଜଗନ୍ନାଥଙ୍କର ହସ୍ତପଦ ବିହୀନ ଅବୟବକୁ ଦର୍ଶନ କଲେ ସେ ସ୍ୱତଃ ବାମନ ଭଳି ଦେଖାଯାନ୍ତି । ବାମନ ବେଶରେ ଠାକୁରଙ୍କ ଲାଗି କରାଯାଉଥିବା ସ୍ୱର୍ଣ୍ଣ ଅଳଙ୍କାର ଇତ୍ୟାଦି ବେଶ ଦିବସ ପୂର୍ବରୁ ରତ୍ନଭଣ୍ଡାରରୁ ବାହାର କରାଯାଇ ଭଣ୍ଡାର ମେକାପ ସେବକଙ୍କ ତତ୍ତ୍ୱାବଧାନରେ ରହିଥାଏ ।

ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

# ଭଗବାନ ବାମନ

### କବୀର କୁମାର ଜେନା

ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ବାମନ ଜୟନ୍ତୀ ନାମରେ ଖ୍ୟାତ । ଶ୍ରୀମଦ୍‌ଭାଗବତର ଅଷ୍ଟମ ସ୍କନ୍ଧରେ ଥିବା ବର୍ଣ୍ଣନା ଅନୁଯାୟୀ, ଏହି ତିଥିରେ ମକର ଚନ୍ଦ୍ର ଶ୍ରବଣା ନକ୍ଷତ୍ରର ଅଭିଜିତ ମୁହୂର୍ତ୍ତରେ ଭଗବାନ ବିଷ୍ଣୁ ବାମନ ଅବତାରରେ ପ୍ରକଟ ହୋଇଥିଲେ । ସତ୍ୟଯୁଗରେ ପ୍ରହ୍ଲାଦଙ୍କ ପୌତ୍ର ଦୈତ୍ୟରାଜ ବଳୀ ସ୍ୱର୍ଗଲୋକରେ ଅଧିକାର ସାବସ୍ୟ କରିଥିଲେ । ବଳୀ ଦାନବୀର ଥିଲେ । ସର୍ବଦା ଧର୍ମ ଆଚରଣ କରୁଥିଲେ । ଫଳରେ ତାଙ୍କୁ ପରାସ୍ତ କରିବା ଅସମ୍ଭବ ଥିଲା । ସବୁ ଦେବଗଣ ବଳୀଙ୍କ ଠାରୁ ପରାଜିତ ହୋଇ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ । ଭଗବାନ ବିଷ୍ଣୁ ଦେବତାମାନଙ୍କୁ ବାମନ ରୂପରେ ଅବତାର ନେବା ଲାଗି ପ୍ରତିଶ୍ରୁତି ଦେଲେ । ଏହାର କିଛି ଦିନ ପରେ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଋଷି କଶ୍ୟପଙ୍କ ପୁତ୍ର ରୂପରେ ଦେବମାତା ଅଦିତିଙ୍କ ଗର୍ଭରୁ ଭଗବାନ ବାମନ ଉତ୍ପନ୍ନ ହୋଇଥିଲେ ।

ଭଗବାନ ବିଷ୍ଣୁଙ୍କ ପଞ୍ଚମ ଅବତାର ଥିଲେ ଭଗବାନ ବାମନ । ସେ ଋଷି କଶ୍ୟପ ଏବଂ ଦେବମାତା ଆଦିତିଙ୍କ ଗର୍ଭରୁ ଜନ୍ମ ହୋଇଥିଲେ । ଜନ୍ମ ସମୟରେ ତାଙ୍କର ନୀଳ ନବଘନ କାନ୍ତି ଦେବତା, ମୁନି ଋଷିମାନଙ୍କୁ ଆଚମ୍ବିତ କରିଦେଇଥିଲେ । ସମସ୍ତେ ତାଙ୍କର ସ୍ତୁତିଗାନ କରିବାକୁ ଲାଗିଥିଲେ । ଭଗବାନ ବାମନଙ୍କ ଆଜାନୁ ଲମ୍ବ ଚାରିଭୂଜରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭା ପାଉଥିଲା । ସେ ପୀତ ବସ୍ତ୍ର ପରିଧାନ କରିଥିଲେ । କର୍ଣ୍ଣରେ ରକ୍ତ କୁଣ୍ଡଳ ସାଙ୍ଗକୁ ହୃଦୟରେ ଶ୍ରୀବତ୍ସ ଚିହ୍ନ ଶୋଭା ପାଉଥିଲା । ବକ୍ଷରେ ବନମାଳ ଧାରଣ କରିଥିବା ବାମନଙ୍କ ଶିରରେ



ମଣିମୁକୁଟ, କଟିରେ ରତ୍ନମେଖଳା, କଣ୍ଠରେ କୌସ୍ତୁଭ ମଣି ଶୋଭାପାଉଥିଲେ । ସେ ବଟୁ ବାମନ ରୂପରେ ଜନ୍ମ ନେଇଥିଲେ । ଜନ୍ମ ଗ୍ରହଣ କରିବା ପରେ ତ୍ରିବିକ୍ରମ ବାମନଙ୍କର ଉପନୟନ ସଂସ୍କାର କରାଯାଇଥିଲା । ସୃଷ୍ଟିକର୍ତ୍ତା ବ୍ରହ୍ମା ଓ ମୁନିମାନେ କଶ୍ୟପ ଆଶ୍ରମରେ ଉପନୟନ ଜାତକର୍ମ କରିଥିଲେ । ସୂର୍ଯ୍ୟଦେବ କର୍ଣ୍ଣରେ ସାବିତ୍ରୀ ମନ୍ତ୍ର ପ୍ରଦାନ କରିଥିଲେ । ଦେବଗୁରୁ କାନ୍ଧରେ ପଇତା, କଶ୍ୟପ କଟିରେ ମର୍କତ ମେଖଳା, ପୃଥିବୀ କାନ୍ଧରେ କୃଷ୍ଣାଜିନ, ଚନ୍ଦ୍ର ଦଣ୍ଡ, ଅଦିତି ମାତା କଉପୀନ, ଆକାଶ ଛତ୍ର, ମୁନିମାନେ କୁଶ ଓ ବ୍ରହ୍ମ ତେଜ, ବ୍ରହ୍ମା କମଣ୍ଡଳୁ, ସରସ୍ୱତୀ ଅକ୍ଷମାଳା, କୁବେର ଭିକ୍ଷାପାତ୍ର ପ୍ରଦାନ କରିଥିଲେ । ଅମ୍ବିକା ଭିକ୍ଷାଦାନ କରିଥିଲେ । ଥରେ ରାଜା ବଳୀ ଅଶ୍ୱମେଧ ଯଜ୍ଞ କରୁଥିବା ସମୟରେ ବାମନ ଯାଇ ଯଜ୍ଞଶାଳାରେ ପହଞ୍ଚିଲେ । ଦାନ ସ୍ୱରୂପ ତାଙ୍କୁ ତିନିପାଦ ଭୂମି ମାଗିଲେ । ଦୈତ୍ୟ ଗୁରୁ ଶଙ୍କରାଚାର୍ଯ୍ୟ ଭଗବାନଙ୍କ ଲୀଳା ବୁଝି ପାରି ବଳୀଙ୍କୁ ଦାନ ଦେବା ଲାଗି ମନା କଲେ । ମାତ୍ର ଦାନ ଦେବା ଲାଗି ବଳୀ ଉଦ୍ୟତ ହୁଅନ୍ତେ, ଶୁକ୍ରାଚାର୍ଯ୍ୟ ଏକ ମାଛି ରୂପ ଧରି ତାଙ୍କ ଶଙ୍ଖରେ ପଶିଗଲେ । ଶଙ୍ଖ ବଜାଇ ନପାରିବାରୁ ବାମନ ଏକ ଶଙ୍ଖ ସଫା କରିବା ଲାଗି ଏକ ଘାସ ପୁରାଇଦେଲେ । ଏହାଦ୍ୱାରା ଶୁକ୍ରାଚାର୍ଯ୍ୟଙ୍କ ଗୋଟିଏ ଆଖି କଣା ହୋଇଯାଇଥିଲା । ଏହାପରେ ଭଗବାନ ତିନିପାଦ ଭୂମି ନେବା ଲାଗି ସଂକଳ୍ପ ନେଲେ ।

ପ୍ରଥମ ପାଦରେ ସମ୍ପୂର୍ଣ୍ଣ ଧରିତ୍ରୀ ଏବଂ ଦ୍ୱିତୀୟ ପାଦରେ ସମ୍ପୂର୍ଣ୍ଣ ସ୍ୱର୍ଗରେ ରଖିବା ପରେ ତୃତୀୟ ପାଦ ରଖିବା ପାଇଁ ଭୂମି ମିଳିନଥିଲା । ଏହାପରେ ରାଜା ବଳୀ ନିଜ ମୁଣ୍ଡ ଦେଖାଇଥିଲେ । ବଳୀଙ୍କ ଦାନପ୍ରିୟତା ଦେଖି ଭଗବାନ ବିଷ୍ଣୁ ତାଙ୍କୁ ପାତାଳ ଲୋକର ସ୍ୱାମୀ କରିଦେଇଥିଲେ । ତାଙ୍କ ମୁଣ୍ଡରେ ଗୋଟିଏ ପାଦ ରଖି ବଳୀଙ୍କୁ ପାତାଳ ଲୋକରେ ସ୍ଥାପିତ କରିଥିଲେ । ବାମନ ଅବତାରରେ ପ୍ରଭୁ ଶିକ୍ଷା ଦେଇ ଯାଇଛନ୍ତି ଯେ ମନୁଷ୍ୟ ଯେତେ ଦାନୀ ଓ ଧର୍ମାତ୍ମା ହୋଇଥାଉ ପଛେ ଅହଂକାର ମନୁଷ୍ୟ ପାଇଁ ପତନ ଡାକି ଆଣିଥାଏ । ତେଣୁ ମନୁଷ୍ୟ କେବେ ବି ନିଜ ଧର୍ମକୁ ନେଇ ଗର୍ବ କିମ୍ବା ଅହଂକାରରେ ବୁଡ଼ିଯିବା ଉଚିତ ନୁହେଁ । ଅହଂକାର କାରଣରୁ ହିଁ ରାଜା ବଳୀଙ୍କୁ ସୁତଳ ଲୋକକୁ ଯିବାକୁ ପଡ଼ିଲା । ବାମନ ଅବତାରରେ ଭଗବାନ ଆଉ ଏକ ଶିକ୍ଷା ଦେଇଥାନ୍ତି, ତାହା ହେଲେ କେବେ ବି ନିଜ ସମ୍ପତ୍ତିକୁ ନେଇ ଗର୍ବ କରିବା ଉଚିତ ନୁହେଁ । ଆଜି ପାଖରେ ଥିବା ସମ୍ପତ୍ତି ଆସନ୍ତାକାଲିକୁ ନଥାଇପାରେ । ସବୁ ସମ୍ପତ୍ତି ଭଗବାନଙ୍କର । ଭଗବାନ ବାମନ ଥିଲେ ଉଦାର । ସେଥିପାଇଁ ଭଗବାନ ବାମନ ନିଜର ଭକ୍ତ ବଳୀଙ୍କୁ ମହାବଳୀ ନାମରେ ସମ୍ବୋଧନ କରିଥିଲେ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୮୯୧୭୩୭୭୯୮୭



# ସାର ପାଇଁ ଚିନ୍ତାରେ ଚାଷୀ

ମାହାଙ୍ଗା,୩।୯:(ମନ୍ଥନ)ମାହାଙ୍ଗା ଅଂଚଳରେ ଚାଷୀମାନେ ଏବେ ସାର ପାଇଁ ଚିନ୍ତା ପ୍ରକଟ କଲେଣି। ସରକାରୀ ଭାବେ ବିଭିନ୍ନ ସୋସାଇଟି ଓ ସାର ବ୍ୟବସାୟୀଙ୍କୁ ଯୋଗାଇ ଦିଆଯାଇଥିବା ୟୁରିଆ ଓ ଅନ୍ୟାନ୍ୟ ସାର ବ୍ୟାପକ କଳାବଜାରୀ ମାହାଙ୍ଗା ଅଂଚଳରେ କରାଯାଉଥିବା ଅଭିଯୋଗ ହେଉଛି। ଫଳରେ ଚାଷୀମାନେ ସରକାରୀ ଦରରେ ସାର ପାଇପାରୁ ନାହାନ୍ତି, ସେମାନେ ବିଭିନ୍ନ ବଜାରରେ ଥିବା ସାରଦୋକାନୀ ଠାରୁ ଚଢ଼ା ଦରରେ ସାର କିଣୁଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ସରକାର ଚାଷୀମାନଙ୍କ ପାଇଁ କେତେ ପରିମାଣରେ , କେଉଁ କେଉଁ ତାରିଖରେ କେଉଁ କେଉଁ ସୋସାଇଟି ଓ ସ୍ୱକୃତୀପ୍ରାପ୍ତ ସାର ଦୋକାନୀକୁ ସାର ଯୋଗାଇ ଦେଇଛନ୍ତି। ମାହାଙ୍ଗା ଅଂଚଳର କୃଷକମାନେ ଜାଣିନାହାନ୍ତି କେତେ ସାର ଆସୁଛି। ଏପରିକି କୃଷି ବିଭାଗ କାର୍ଯ୍ୟାଳୟକୁ ଯୋଗାଯୋଗ କଲେ ମଧ୍ୟ ସଠିକ୍ ସୂଚନା ମିଳୁ ନାହିଁ। ଏଣୁ ରାଜ୍ୟ ସରକାର ତୁରନ୍ତ ମାହାଙ୍ଗା ଅଂଚଳରେ ସାରକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ କରିବା ସହ ସାର କଳାବଜାରୀଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀ ମହଲରେ ଦାବି ଉଠୁଛି।

## ପବିତ୍ର କରମା ପୂଜାବେଳେ ଅଞ୍ଚଳବାସୀଙ୍କୁ ବିଧାୟକଙ୍କ ବସ ଯାତ୍ରା ଭେଟି

# ସ୍ୱାଧୀନତାର ୭୭ବର୍ଷ ପରେ ଗ୍ରାମରୁ ଯାତ୍ରୀବାହୀ ବସ୍ ସେବା ପ୍ରାରମ୍ଭ

ରାଉରକେଲା,୩।୯:(ମନ୍ଥନ)ଦେଶ ସ୍ୱାଧୀନତା ପ୍ରାପ୍ତିର ପ୍ରାୟ ୭୦ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଓଡ଼ିଶାର ଅନ୍ୟତମ ଶିଳ୍ପ ସହର ତଥା ସ୍ମାର୍ଟ ସିଟି ରାଉରକେଲା ସହରର ଇସ୍ପାତ ସହରାଞ୍ଚଳରେ ଥିବା ତଥା କୋଏଲ ନଦୀ କୂଳରେ ଗଢି ଉଠିଥିବା ଲୁଆକେରା, ତୁମକେଲା, ଖଡ଼ିଆ ଟୋଲ୍ଲା ବସ୍ତି ସମେତ ଅନେକ ବସ୍ତିରେ ରହୁଥିବା ହଜାର ହଜାର ପରିବାରର ଆବାଳବୃଦ୍ଧବନିତା ନିଜ ଗ୍ରାମରୁ ଯାତ୍ରୀବାହୀ ବସ୍ ସେବା ପାଇନଥିଲେ । ନିଜ ବସ୍ତିରୁ ସହରର ବସଷ୍ଟାଣ୍ଡ, ରେଲୱେ ଷ୍ଟେସନ, ଡାକ୍ତରଖାନା ଏବଂ ମୁଖ୍ୟ ବଜାର ସମେତ ଅନ୍ୟାନ୍ୟ ସ୍ଥାନକୁ ଯିବାପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ସମସ୍ୟାର ସମାଧାନ ପାଇଁ ନିଜ ଗ୍ରାମକୁ ଏକ ଯାତ୍ରୀବାହୀ ବସଟିଏ ଚଳାଚଳ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଗତ ଦିନର ଶାସକ ଦଳର ନେତା ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ନିକଟକୁ ଯାଇ ଗୁହାରୀ କରିଆସୁଥିଲେ। ତେବେ ସମସ୍ତେ କେବଳ ଫମ୍ପା ଓ ମିଥ୍ୟା ପ୍ରତିଶ୍ରୁତି ଦେଇ ଗ୍ରାମବାସୀଙ୍କୁ ଠକିବା ଛଡା ଆଉ କିଛି କରିନଥିଲେ । ତେବେ ଗତ ୨୦୨୪ ସାଧାରଣ ନିର୍ବାଚନରେ ପ୍ରଥମ



ଥର ନିର୍ବାଚିତ ଲଢ଼ି ବିଜୟୀ ହୋଇଥିବା ବିଜେପିର ନେତା ତଥା ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଗ୍ରାମବାସୀଙ୍କ ଏହି ସମସ୍ୟା ସମ୍ବନ୍ଧରେ ଖବରପାଇ ଅଞ୍ଚଳକୁ ଗସ୍ତରେ ଯାଇ ଗ୍ରାମବାସୀଙ୍କ ସହ କଥାବାର୍ତ୍ତା ହେବା ପରେ ଆମବସ ପରିଚାଳନା ଦାୟିତ୍ୱ ବହନ କରୁଥିବା କୁଟ କମ୍ପାନୀର ଅଧିକାରୀଙ୍କୁ ଚିଠି ଲେଖିବା ସହିତ ନିଜର ଭୁବନେଶ୍ୱର ଗସ୍ତ ସମୟରେ ରାଜ୍ୟ ପରିବହନ ମନ୍ତ୍ରୀ, ପରିବହନ ସଚିବ ଏବଂ କୁଟର ଜିଏମଙ୍କୁ ମଧ୍ୟ ସାକ୍ଷାତ କରି ଗ୍ରାମବାସୀଙ୍କୁ ଆମବସ ସେବା ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲେ । ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ନିରନ୍ତର ପ୍ରଚେଷ୍ଟା କ୍ରମେ ଆଜି ପବିତ୍ର କରମା ପର୍ବ ଅବସରରେ ଅଞ୍ଚଳର ଆବାଳବୃଦ୍ଧବନିତାଙ୍କୁ ଭେଟିବା ସ୍ୱରୂପ ବିଧାୟକ ଦୁର୍ଗା ଚରଣ ତନ୍ତୀ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ଆମ ବସ ସେବାର ଉଦ୍ଘାଟନ କରିଥିଲେ । ଆଜି ସକାଳ ୮ଟା ୩୦ ମିନିଟ ସମୟରେ ଲୁଆକେରା ଗ୍ରାମର ମୁଖ୍ୟ ଛକଠାରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରଘୁନାଥପାଲ୍ଲୀ ବିଧାୟକ ଶ୍ରୀ ତନ୍ତୀ ଗ୍ରାମବାସୀଙ୍କ ସହିତ ମିଶି ପୂଜାର୍ଚ୍ଚନା କରି ନଡ଼ିଆ। ଭାଙ୍ଗିବା ପରେ ପତାକା ଦେଖାଇ ଆମବସ ସେବାର ପ୍ରାରମ୍ଭ କରିଥିଲେ । ବିଧାୟକ ଶ୍ରୀ ତନ୍ତୀ ନିଜେ ଆଜି ପ୍ରଥମ ଯାତ୍ରୀ ଭାବେ ବିଧିବଦ୍ଧ ଭାବେ ଟିକେଟ କାଟି ଲୁଆକେରାରୁ ତୁମକେଲା ସ୍ଥିତ ଇସ୍ପାତ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାତ୍ରା କରିଥିଲେ । ଆଜିର ଏହି ଉଦ୍ଘାଟନ ଉତ୍ସବରେ କୁଟ ବିଭାଗ ଅଧିକାରୀ ପ୍ରବୀର କୁମାର ପ୍ରଧାନ, ବସ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ବିଶ୍ୱଜିତ ଦାସ, ଲୋକନାଥ ପାଣିଗ୍ରାହୀ, ସ୍ଥାନୀୟ ଅଞ୍ଚଳବାସୀ ତର୍ଥା ପେି ନେତା ଅଜୟ କଂସାରୀ, ମନୋଜ କୁମାର ସ୍ୱାଇଁଙ୍କ ସମେତ ବହୁ ବିଜେପି ନେତା ଓ କର୍ମୀ ଏବଂ ଶତାଧିକ ଗ୍ରାମବାସୀ ମଧ୍ୟ ଉପସ୍ଥିତ ଥିଲେ । ସ୍ୱାଧୀନତାର ସାତ ଦଶନ୍ଧି ପରେ ପ୍ରଥମଥର ପାଇଁ ନିଜ ଗ୍ରାମରୁ ସହରର ବିଭିନ୍ନ ସ୍ଥାନକୁ ଆମ ବସ୍ ସେବା ଆରମ୍ଭ ହେବା ଅଞ୍ଚଳବାସୀଙ୍କ ପାଇଁ ସ୍ୱପ୍ନ ଥିଲାବେଳେ ଆଜି ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ବଳିଷ୍ଠ ନେତୃତ୍ୱ ଏବଂ ନିଜ ଅଞ୍ଚଳବାସୀଙ୍କ ପ୍ରତି ସମର୍ପିତ ଭାବନା ନେଇ ସେବା କରିବାର ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ ଆଜି ତାହା ସଫଳ ହୋଇଥିବାରୁ ଅଞ୍ଚଳର ସମସ୍ତ ଲୋକଙ୍କ ମୁହଁରେ ଖୁସିର ଲହର ଦେଖାଦେଇଥିବା ବେଳେ ଏଥିପାଇଁ ସେମାନେ ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ବିପିୟୁଟିରେ ଜାତୀୟ ମହାକାଶ ସପ୍ତାହ-୨୦୨୫ ପାଳିତ

ରାଉରକେଲା,୩।୯:(ମନ୍ଥନ)ଜାତୀୟ ମହାକାଶ ସପ୍ତାହ-୨୦୨୫ ପାଳନ ଅବସରରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପରିସରରେ ମଙ୍ଗଳବାର ଦିନ ଭାରତର ଗୌରବମୟ ମହାକାଶ କାହାଣୀ: ପ୍ରାଚୀନ ଆକାଶରୁ ଆଧୁନିକ ଦିଗନ୍ତ, ଶୀର୍ଷକ ଏକ ଲୋକପ୍ରିୟ ଆଲୋଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ନେତାଜୀ ସୁଭାଷ ଅଡିଟୋରିୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ମହାକାଶ ବୈଜ୍ଞାନିକ ଗନ୍ଧର୍ବ ବେହେରା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ । ଓଡ଼ିଶା ରିମୋଟ୍ ସେନ୍ସିଂ ଆପ୍ଲିକେସନ୍ ସେଣ୍ଟର (ଓର୍ସାକ)ର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଇସ୍ରୋର ରିମୋଟ୍ ସେନ୍ସିଂ ଆପ୍ଲିକେସନ୍ ଏବଂ ଭୌଗୋଳିକ ସୂଚନା ପ୍ରଣାଳୀର ଉପନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିବା ଶ୍ରୀ ବେହେରା ଭାରତର ଉଲ୍ଲେଖନୀୟ ମହାକାଶ ଯାତ୍ରା ବିଷୟରେ ଦର୍ଶକଙ୍କୁ ମାର୍ଗଦର୍ଶନ କରିଥିଲେ । ସେ ଇସ୍ରୋର ପ୍ରତିଷ୍ଠାଠାରୁ ଚନ୍ଦ୍ର ଦକ୍ଷିଣ ମେରୁରେ ଚନ୍ଦ୍ରାୟଣ-୩ର ଐତିହାସିକ ଅବତରଣ ପର୍ଯ୍ୟନ୍ତ ପ୍ରମୁଖ ମାଇଲଖୁଣ୍ଟଗୁଡ଼ିକର ଆଲୋକପାତ କରିଥିଲେ ।

## ଏରସମା ପୁଲିସ ଆକ୍ସନ ମୁଡ଼ରେ ଡିଜେ ଗାଡି ଜବତ

ଏରସମ.୩।୯:(ମନ୍ଥନ)ଆଜିକାଲି ଡିଜେ ସାଉଣ୍ଡ ଏତେ ଭୟଙ୍କର ହେଲାଣି କେହି ଆଉ ଏପରି ଉଚ୍ଚସ୍ୱରକୁ ପସନ୍ଦ କରୁ ନାହାନ୍ତି । ଏହାଦ୍ୱାରା ହୃଦୟକୁ ଆଘାତ ହେଉଛି । ସୋମବାର ରାତିରେ ଏରସମା ପୁଲିସ ପାଟ୍ରୋଲିଙ୍ଗ କରୁଥିବା ସମୟରେ ମାଣପୁର ଗ୍ରାମରେ ଏକ ଡିଜେ ସିଷ୍ଟମ ଉଚ୍ଚ ସ୍ୱରରେ ବାଜଉଥିବାରୁ ଗାଡିକୁ ପୁଲିସ ଜବତ କରିଛି। କେସ ନମ୍ବର ୨୯୬/୨୫ । ଏଣୁ ସମସ୍ତଙ୍କୁ ସତର୍କ କରାଇ ଦିଆଯାଉଛି ଶବ୍ଦ ପ୍ରଦୂଷଣ ହେଲେ ଆଇନ ତା ବାଟରେ କାର୍ଯ୍ୟ କରିବ । ଅତ୍ୟଧିକ ସାଉଣ୍ଡ ବଜାଇ ଯାଉଥିବା ଡି.ଜେ ସହିତ ଗାଡି ନଂ ଓଡି ୨୧ ଜେ ୨୮୮୪ କୁ ମଧ କେସ୍ ନଂ ୨୯୨/୨୫ ଏବଂ ଧାରା ୧୨୬(୨)/୨୯୬/ ୩୫୧(୨)/୧୩୨/୩(୫)ରେ ଜବତ କରାଯାଇ ଏରସମା ଥାନାକୁ ଅଣାଯାଇଅଛି । ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିଲା । ଏହି ଜି.ଜେ ଗାଡି ର୍ତିତୋଲ ଥାନା ଅଧିନ ଗରେଇ ଗ୍ରାମର ଦୀପ୍ତି ରଞ୍ଜନ ତାରେଣିଆଙ୍କର ବୋଲି ଥାନାଧିକାରୀ ପ୍ରେମଜିତ ଦାସ ସୁଚନା ଦେଇଛନ୍ତି । ଏରସମା ଥାନା ଏହି ଦିଗରେ ତତ୍ପର ଥିବା ବେଳେ ର୍ତିଓଲ ପୋଲିସ ଚୁପ ବସିଛି ।

# ଦୁଇ ବାଲି ବୋଝେଇ ଟ୍ରାକ୍ଟର ଜବତ

ର୍ତିଓୋଲ,୩।୯:(ମନ୍ଥନ)ର୍ତିଓୋଲ ତହସିଲ ଅଧୀନ ମହାନଦୀ ଏବଂ ପାଇକା ନଦୀର ଏକାଧିକ ସ୍ଥାନରେ ବେଆଇନ ଘାଟ ତିଆରି କରି ଦୈନିକ ହଜାର ହଜାର ଟ୍ରିପ ବାଲି ଟ୍ରାକ୍ଟର ଚୋରାଚାଲାଣ ହେଉଛି । ସରକାରୀ ରାଜସ୍ୱ କୁ ହରିଲୁଟ କରିବା ସହିତ ର୍ତିଓୋଲ ଅଞ୍ଚଳରେ ଚୋରା ବାଲି ଚାଲାଣ ସବୁ ସୀମା ପାର କରିସାରିଲାଣି, ଏକାଧିକ ମୁଷ୍ଟିମେୟ ବ୍ୟକ୍ତି ଏହି ଚୋରା ବାଲି ଚାଲାଣରେ ସକ୍ରିୟ ରହିବା ସହିତ ଅବାଧରେ ଏହାକୁ ଏକ ଲାଭଜନକ ବ୍ୟବସାୟ ର ନାଁ ଦେଇସାରିଲେଣି ଉଭୟ ର୍ତିଓୋଲ ତହସିଲ ଏବଂ ଜିଲ୍ଲା ମାଇନିଂ ବିଭାଗର ଅପାରଗତା ଏହି ଚୋରା ବାଲିଚାଲାଣ କୁ ବହୁ ମାତ୍ରାରେ ଅଭୟବର ପ୍ରଦାନ କରିଛି । ବିପୁଳ



ପରିମାଣ ର ରାଜସ୍ୱହାନି କରିବା ସହିତ ଉଭୟ ବିଭାଗର ଅଧିକାରୀ ମାନେ ନିଜ ନିଜ ପକେଟ ଗରମ କରି ଚୁପ ବସୁଥିବା ବେଳେ ବର୍ତ୍ତମାନ କିଛି ମାତ୍ରାରେ ଏହି ଚୋରା ଚାଲାଣ ଉପରେ ରୋକ ଲଗାଇଛି । ର୍ତିଓୋଲ ପୋଲିସ, ବାରମ୍ବାର ଚଢ଼ାଉ ଫଳରେ ବାଲି ମାଫିଆ। ମାନେ ଭୟଭୀତ ଅବସ୍ଥାରେ ଗତ ସୋମବାର (ସେପ୍ଟେମ୍ବର ଏକ ତାରିଖ)ରେ ର୍ତିଓୋଲ ପୋଲିସ ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି ସୂଚନା ଅନୁଯାଇ ଟ୍ରାକ୍ଟର ଦୁଇଟି ଗୋପାଳପୁର(ଶଙ୍ଖେଶ୍ୱର) ଅଞ୍ଚଳର ହୋଇଥିବା ବେଳେ ବିଜେଡି ଦଳର କିଛି ତୁଙ୍ଗ ନେତା ଙ୍କ ଛତ୍ରଛାୟା ରେ ଏହି ଚୋରା ବ୍ୟବସାୟ ଚଳାଇଥିଲେ ର୍ତିଓୋଲ ଥାନାଅଧିକାରୀ ଏହି ଟ୍ରାକ୍ଟର ଦୁଇଟି କୁ ଜବତ କରିବା ପରେ ଏକାଧିକ ବିଜେପି କର୍ମୀ ଥାନାରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଡେରା ପକେଇଥିଲେ । ଗାଡି ଦୁଇଟି କୁ ମୁକୁଳେଇବା ପାଇଁ ବିଜେଡି ଦଳର କିଛି ଛାମୁଆଁ ପଞ୍ଚାୟତ ସ୍ତରୀୟ ନେତା ତଥା ଚୋରା ବାଲି ମାଫିଆ। ମାନଙ୍କ ଚାପ ହ୍ରାସ କରିବା ପାଇଁ ନୂଆ। ନୂଆ। ରାଜନୀତି କରୁଥିବା ପଡୋଶୀ ପଞ୍ଚାୟତ ର କିଛି ବିଜେପି କର୍ମୀ ସେମାନଙ୍କ ଛଦ୍ମବେଶୀ ବନ୍ଧୁ ସାଜି ଥାନା ପରିସରକୁ ଲୋକାରଣ୍ୟ କରି ରଖିଥିଲେ । ଦୁଃଖର ବିଷୟ ଉଭୟ ଶାସକ ଏବଂ ବିରୋଧୀ ଙ୍କ ମିଳିତ ପ୍ରଚେଷ୍ଟା ରେ କେସ୍ କୁ ରଫାଦଫା କରିବା ସମ୍ଭବ ହୋଇନଥିଲା ର୍ତିଓୋଲ ଥାନା ପକ୍ଷରୁ ପି.ଏସ୍ କେସ୍ ନଂ ୪୫୭/୨୦୨୫ ରୁଜୁ କରାଯିବା ସହିତ ଟ୍ରାକ୍ଟର ଦୁଇଟି କୁ ଜବତ କରାଯାଇଛି ।ଆଗାମୀ ଦିନରେ ଏହିଭଳି ଚଢ଼ାଉ ଜାରି ରଖିଲେ ରାଜ୍ୟର ରାଜସ୍ୱ ହାନି ସହିତ ଚୋରବାଲି ଚାଲାଣ କୁ କିଛି ମାତ୍ରାରେ ରୋକା ଯାଇ ପାରିବ ବୋଲି ବୁଦ୍ଧିଜୀବୀ ମାନେ ଆଶା ରଖିଛନ୍ତି ।

# ମକୁନ୍ଦପ୍ରସାଦ ଚେକ ଗେଟ ନିକଟରୁ ଦୁଇ ବାଇକ ଚୋରକୁ ଗିରଫ କଲା ଶିଜ୍ଞାଞ୍ଚଳ ପୁଲିସ

ଖୋର୍ଦ୍ଧା,୩।୯:(ମନ୍ଥନ)ଖୋର୍ଦ୍ଧା ଶିଜ୍ଞାଞ୍ଚଳ ପୁଲିସ୍ର ପେଟ୍ରୋଲିଙ୍ଗ ଗାଡି ମକୁନ୍ଦପ୍ରସାଦ ଚେକ ଗେଟ ନିକଟରୁ ଦୁଇ ଜଣ ବାଇକ ଚୋରଙ୍କୁ ଗିରଫ କରିବା ସହିତ ତାଙ୍କ ନିକଟରୁ ଦୁଇଟି ଗାଡି ଆମେତ ଦୁଇ ମୋବାଇଲ ଜବତ କରିଛି ସୂଚନା ଅନୁଯାଇ ଖୋର୍ଦ୍ଧା ଶିଜ୍ଞାଞ୍ଚଳ ପୁଲିସ ପେଟ୍ରୋଲିଙ୍ଗ ସମୟରେ ସନ୍ଦେହରେ ମକୁନ୍ଦପ୍ରସାଦ ଚେକ ଗେଟ ନିକଟରେ ଦୁଇଜଣ ବାଇକ ଚାଳକଙ୍କୁ ଅଟକାଇ ଗାଡିର କାଗଜ ପତ୍ର ଯାଞ୍ଚ କରିଥିଲେ । ତେବେ ଉଭୟ ବାଇକ ଚାଳାକ ଙ୍କ ନିକଟରେ କୌଣସି ପ୍ରକାର କାଗଜ ପତ୍ର ନଥିବା ବେଳେ ଗାଡିର ନମ୍ବର ମଧ କହିପାରିନଥିଲେ । ଯାହାକୁ ନେଇ ପୁଲିସର ସନ୍ଦେହ ବଢିଥିଲା । ଏବଂ ପରବର୍ତୀ ସମୟରେ ଗାଡ଼ିରେ ଲାଗିଥିବା ନମ୍ବରକୁ ପରିବହନ ଆପରେ ସରଚ କରିବାରୁ ଜଣ ପଡିଥିଲାକି ଏହି ଗାଡ଼ିରେ ଲାଗିଥିବା ନମ୍ବର ସମ୍ପୂର୍ଣ୍ଣ ମିଥ୍ୟା ଯାହାକୁ ନେଇ ଉଭୟ ଗାଡି ସହିତ ଦୁଇ ବାଇକ ଚାଳକଙ୍କୁ ଥାନାକୁ ଆଣି ପଚାର ଉଚରା କରିବା ସମୟରେ ଜଣ ପଡିଥିଲାକୁ ଏହି ଦୁଇଜଣ ବାଇକ ଚୋରି କରି ଆଣିଛନ୍ତି । ଯାହାକୁ ନେଇ ଶିଜ୍ଞାଞ୍ଚଳ ପୁଲିସ ଉଭୟଙ୍କ ପଚାର ଉଚରା କରିବା ସମୟରେ ଉଭୟ ସତ ମାନିଥିଲେ ଯେ ସେମାନେ ଏହି ଗାଡି ଦୁଇଟି ଚୋରି କରି ଆଣିଛନ୍ତି । ଏହାପରେ ଅଧିକ ପଚାର ଉଚରା କରିବା ସହିତ ତଦନ୍ତ କରିବାରୁ ଚୋରି ବାଇକ ରଖୁଥିବା ସ୍ଥାନରେ ଚଢଉକରିଥିଲେ । ଗଦା ଖୋର୍ଦ୍ଧା ଓ ଯେମଦେଇ ଅଂଚଳରେ ଚୋରମାନେ ଚୋରି ଗାଡି ରଖୁଥିବା ଖବର ପାଇଁ ପୁଲିସ ତଦନ୍ତ କରିବା ସମୟରେ ଗଡଖୋରଧା ପାଣିଟାଙ୍କି ନିକଟରେ ନମ୍ବର ବିହୀନ ୫ ଟି ଚୋରି ଗାଡିକୁ ଶିଜ୍ଞାଞ୍ଚଳ ପୁଲିସ ଜବତ ଜବତ କରିଛି । ଏବଂ ଗିରଫ କାରୀଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ ସମେତ ଏକ ମାଷ୍ଟର କିଜବତ କରିଛି । ତେବେ ଗିରଫ ଅଭିଯୁକ୍ତଙ୍କ ନାମକୁ ଗୋପନ ରଖିଥିବା ବେଳେ ଦୁଇଜଣ ନୟାଗଡ଼ା ଜିଲ୍ଲା ଦଶପଲ୍ଲାର ଅଂଚଳ ୨୦ ବର୍ଷର ଯୁବକ ହୋଇଥିବା ପୁଲିସ ସୂଚନାରୁ ପ୍ରକାଶ ପାଇଛି । ଉଭୟଙ୍କ ନାମରେ ୨୦୮/୨୫ରେ ଏକ କେଶ ଜୁକରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

## ସମିତିସଭ୍ୟାଙ୍କ ଜନ୍ମ ଦିନରେ ରକ୍ତଦାନ ଶିବିର

କୁକୁଡାଖଣ୍ଡି,୩।୯:(ମନ୍ଥନ)କାଲୁ ପାତ୍ର ସାହି ସ୍ଥିତ ଓମ୍ ଶ୍ରୀ ଇନଷ୍ଟିଚ୍ୟୁଟରେ ଲାଞ୍ଜିଆ। ସମିତି ସଭ୍ୟ ତଥା ଆମ୍ବଗଡ ସେବା ସମବାୟ ସମିତି ର ସଭାପତି କାହ୍ନୁ ଚରଣ ପାତ୍ର ଙ୍କ ଜନ୍ମ ଦିନ ଅବସରରେ ରକ୍ତ ଦାନ ଶିବିର ଆୟୋଜିତ ହୋଇଥିଲା । ସମାଜସେବା ବ୍ରତ କରିଥିବା ସମିତି ସଭ୍ୟ ପ୍ରତିବର୍ଷ ଏହି ପରି ରକ୍ତଦାନ ଶିବିର ଆୟୋଜନ କରୁଛନ୍ତି। ଏହି ରକ୍ତ ଦାନ ଶିବିର ରେ ଶିକ୍ଷାନୁଷ୍ଠାନର ପୁରାତନ ଛାତ୍ର ଛାତ୍ରୀ ଓ ସ୍ଥାନୀୟ ସମାଜ ସେବୀ ମିଳିତ ଭାବେ ଯୋଗଦାନ କରି ୫୦ ରୁ ଉର୍ଦ୍ଧ ୟୁନିଟ ରକ୍ତଦାନ କରିଥିଲେ । ଏଥିରେ ବ୍ରହ୍ମପୁର ପୁର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳର ସଭାପତି ବିକ୍ରମ କୁମାର ପଣ୍ଡା ଓ ପୁର୍ବତନ କାଜୁ ନିଗମ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା ଅତିଥି ରୁପେ ଯୋଗ ଦେଇ ଶିବିରର ଶୁଭାରମ୍ଭ କରିଥଲେ । ରକ୍ତ ଦାନ ଶିବିର ରେ ଅତିଥି ଗଣ ରକ୍ତ ଦାନ ର ଗୁରୁ ବିଷୟରେ କହିଥିଲେ ଏବଂ ସମାଜ ରେ ସମସ୍ତଙ୍କୁ ସଚେତନ ହେବାକୁ ଆହ୍ୱାନ କରିଥିଲେ । ଏଥିରେ ଅତିଥି ଭାବେ କୁକୁଡ଼ାଖଣ୍ଡି ବ୍ଲକ ର ସମିତିସଭ୍ୟ ବି ରବୀନ୍ଦ୍ର ପାତ୍ର, ସୁନିତା ସେଠୀ, ଲକ୍ଷ୍ମୀ ସ୍ୱାଇଁ, ଅଶୋକ ଦାସ, ସନ୍ତୋଷ ସାହୁ, କାଲୁ ଚରଣ ବେହେରା, ସୁରେଶ ସେଠୀ, ବସନ୍ତ ସ୍ୱାଇଁ ସମେତ ବ୍ରହ୍ମପୁର ମହାନଗର ନିଗମର ବହୁ କର୍ପୋରେଟର ଏବଂ ଦେବାନନ୍ଦ ଦାସ, ସୁରେଶ ତ୍ରିପାଠୀ, ନରସିଂହ ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତା ଙ୍କୁ ଉତ୍ସାହିତ କରିଥିଲେ । ଗକଉଏ ରକ୍ତ ଭଣ୍ଡାର ର କର୍ମକର୍ତ୍ତା ସହ ଶିକ୍ଷ୍ୟାନୁଷ୍ଠାନର ପୁର୍ବତନ ଛାତ୍ରଗଣ ଶୁଭମ ପାଇକ, ପୃଥିବୀ ରାଜ ପାଇକ,ଦୀପକ ମହାନ୍ତି, ସୁଶିଲ ସାହୁ, ସତ୍ୟମ ମହାନ୍ତି , ଅଂଶୁ ପଢ଼ାଲ, ଆଦିତ୍ୟ ପ୍ରଧାନ ଆଦି ସହଯୋଗ କରିଥିଲେ ।

## କପିଳାଭଟା ରେ ଗିରିଗୋବର୍ଦ୍ଧନ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କଲେ କଣ୍ଟାବାଞ୍ଜି ବିଧାୟକ

ବଙ୍ଗୋମୁଣ୍ଡା,୩।୯:(ମନ୍ଥନ)ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ କପିଳାଭଟା ଅମୃତ ସରୋବର ପରିସର ରେ ଗିରି ଗୋବର୍ଦ୍ଧନ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଦୋଳ ବାଦ୍ୟ ର ତାଳେ ତାଳେସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଆବାହକ ତଥା ଯୁବ ସାମ୍ବାଦିକ ହୁଲେଶ୍ୱର ହଂସ ଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ମନ୍ଦିର ଶୀଘ୍ର ନିର୍ମାଣ କରିବା ପାଇଁ ପରାମର୍ଶ ଦେବା ସହ ଆହୁରି ଉନ୍ନତି କରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ପ୍ରତିନିଧି ଯୌବନ ବାଗ,ବିଜେପି ମଣ୍ଡଳ ସଭାପତି ପବିତ୍ର ପୋଢ଼, କପିଳାଭଟା ସରପଞ୍ଚ ତୁଳସେ ଭୋଇ,ଝରିଆଲ ସରପଞ୍ଚ ଭରଦ୍ୱାଜ ଗହିର,ସମିତି ସଭ୍ୟ କେଦାର ଭୋଇ,ସ୍ୱେଚ୍ଛାସେବୀ ପପୁ ଜୁଏଡ଼, ସମାଜସେବୀ ଦୁର୍ଦ୍ଦକ୍ଷ ହଂସ,ବିଜେପି ବରିଷ୍ଠ ନେତା ନରସିଂହ ଥନାପତି, କିଶୋର ମେହେର, ମାଁ ସାହାଜୀ ଯୁବକ ସଂଘ ର ସଂଯୋଜକ ପୃଥ୍ୱୀରାଜ ବାଗ,ମୁକେଶ ବାଗ,ଯୁବନେତା କୁଶଧ୍ୱଜ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେୟ ୧୦ ଲକ୍ଷ ଟଙ୍କା ରେ ଏହି ଭବ୍ୟ ମନ୍ଦିର ନିର୍ମାଣ ହେବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି । ଏଥିରେ ପାର୍ଥ ହଂସ, ବୀର ହଂସ, ବିଷ୍ଣୁପ୍ରସାଦ ଗହିର,ମନମଥ ହଂସ,ଧର୍ମେନ୍ଦ୍ର ଦାସ,ଦୟାକର ଗହିର,ସନ୍ତୋଷ ହଂସ, ସୁରେନ୍ଦ୍ର ହଂସ, ବ୍ରହ୍ମ ହଂସ ଙ୍କ ସହ ଅନ୍ୟ ମାନେ ଉପସ୍ଥିତ ରହି ସହ ଯୋଗ କରିଥିଲେ ।ଏଥିରେ ବହୁ ବିଜେପି କାର୍ଯ୍ୟକର୍ତା ଓ କର୍ମୀ ମାନେ ସାମିଲ ହୋଇଥିଲେ ।

# ସାଗର କବଚ-୨ ସମରାଭ୍ୟାସ

ଛତ୍ରପୁର,୩।୯:(ମନ୍ଥନ)ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ସମୁଦ୍ର ତଟ ସୁରକ୍ଷା ନେଇ ଦୁଇ ଦିନିଆ। ସାଗର କବଚ ସମରାଭ୍ୟାସ ଚାଲିଛି । ସମୁଦ୍ର ନିକଟ ଥାନା ଆର୍ଯ୍ୟପଲ୍ଲୀ, ଗଞ୍ଜାମ, ଛତ୍ରପୁର,ରମ୍ଭା,ଚମାଖଣ୍ଡି ପୁଲିସ ପକ୍ଷରୁ ଏହି ସମରାଭ୍ୟାସ କରାଯାଉଛି । ସୂଚନା ଥାଉକି ଗତ୨୬/୧୧ /୨୦୦୮ରେ ପାକିସ୍ଥାନ ଆତଙ୍କବାଦୀ ମୁମ୍ବାଇ ଜଳପଥ ଦେଇ ଆସିବାପରେ ଆକ୍ରମଣ କରିଥିଲେ । ଏଥିରେ ବହୁ ଲୋକ ମୃତ୍ୟୁ ଓ ଗୁରୁତର ଆହତ ହୋଇଥିଲେ । ଏହାପରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପକ୍ଷରୁ ପ୍ରତ୍ୟେକ ବର୍ଷ ଦୁଇଥର ସମରାଭ୍ୟାସ କରାଯାଉଛି । ଜଳପଥ ହେଉ ବା ସ୍ଥଳପଥ ହେଉ ଶତ୍ରୁପକ୍ଷକୁ ଦିଆଯିବ କଡା ଜବାବୟ ଆଜି ସାଗର କବର -୨ ସମରାଭ୍ୟାସ ଚାଲିଛି ଏହା ଦୁଇ ଦିନ ଧରି ଚାଲିବ । କିପରି ଜଳପଥ ହେଉବା ସ୍ଥଳପଥ ହେଉ ଯେଉଁ ବାଟେ ଦେଇ ଆସିବେ ଶତ୍ରୁପକ୍ଷ ତାହାକୁ କଡା ଜବାବ ଦିଆଯିବ । ଗଞ୍ଜାମ ପୋଲିସ ଜିଲା ଅଧିନ ଆର୍ଯ୍ୟପଲ୍ଲୀ ମେରାଇନ ଥାନା ଅଧିନରେ ପ୍ରୟାଗି ଠାରୁ ହରିପୁର ପର୍ଯ୍ୟନ୍ତ ଦୀର୍ଘ ୪୦ କିମି ପର୍ଯ୍ୟନ୍ତ ପେଟ୍ରୋଲିଂ କରିଥାନ୍ତି । ଏହି ସମରାଭ୍ୟାସରେ ପୋଲିସ, ମତ୍ସ୍ୟ ବିଭାଗ, ଅଗ୍ନିଶ୍ରମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, କୋଷ୍ଟ ଗାର୍ଡ ସାମିଲ ହୋଇଥିଲେ। ପ୍ରତ୍ୟେକ ସ୍ଥାନରେ କଡାକଡି ଯାଂଚ କରାଯାଉଛି । କିପରି ଶତ୍ରୁପକ୍ଷ ପ୍ରବେଶ କରିପାରିବେ ନାହିଁୟ ଏପରିକି ବ୍ଲୁ ଟିମ ଓ ରେଡ ଟିମ ଭାବେ ଦୁଇଟି ଟିମ ଗଠନ ହୋଇଛି । ବ୍ଲୁ ଟିମର ନେତୃତ୍ୱରେ ନେଉଥିଲେ ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ । ଏନେଇ ଏହି ଟିମ ଜଳପଥରେ କଡାକଡ ପେଟ୍ରୋଲିଂ କରିବା ବେଳେ ଏକ ବୋଟ ଯୋଗେ ୪ଜଣ ଡମି ଆତଙ୍କବାଦୀ ଜଳପଥ ରେ ଯାଉଥିବା ବେଳେ ଏହି ଟିମ ସେମାନଙ୍କୁ ଧରିଥିଲା, ଏହା ଏକ ଡମି ଥିଲା। ସେମାନେ ଧରି ପାରୁଛନ୍ତି କି ନାହିଁ ତାହା ଏକ ଡେମୋ କରାଯାଇଥିଲା । କିପରି ସଜାଗ ରହିଛି ପୋଲିସ ରହିଛି ଏହି ସମରାଭ୍ୟାସର ଉଦେଶ୍ୟ ଥିଲା । ଏହି ସାଗର କବଚ-୨ କାର୍ଯ୍ୟକ୍ରମ ଗୁରୁବାର ଶେଷ ହେବ ବୋଲି ମେରାଇନ ଥାନା ଅଧିକାରୀ ବିଦ୍ୟାଭାରତୀ ନାୟକ କହିଥିଲେ । ବିଭିନ୍ନ ଛକ ମାନଙ୍କରେ ମଧ ପୋଲିସ ସମସ୍ତ ଗାଡି ସବୁ ଯାଂଚ କରୁଛି,ମତ୍ସ୍ୟଜିବି ମାନଙ୍କୁ ମଧ ସଚେତନତା କରାଯାଉଛି, କିଏ ଅଜଣା ବ୍ୟକ୍ତି ଆସିଲେ ତୁରନ୍ତ ପୋଲିସକୁ ଅଗବତ କରାଇବା ପାଇଁ କୁହାଯାଇଛି ।

## ସମବାୟ ସମିତି କୁ ପ୍ରର୍ଯ୍ୟାପ୍ତ ପରିମାଣ ରେ ସାର ଯୋଗାଣ ଓ ସାର କଳା ବଜାର ବନ୍ଦ କରିବା ଦାବିରେ ଓଡିଶା କୃଷକ ସଭା ର ସ୍ମାରକ ପତ୍ର ପ୍ରଦାନ

ଗଞ୍ଜାମ, ୩।୯:(ମନ୍ଥନ)ଅଖିଳ ଭାରତ କୃଷକ ସଭା ଅନୁବନ୍ଧିତ ଓଡିଶା କୃଷକ ସଭା ପକ୍ଷରୁ ଗଂଜାମ ତହସିଲଦାର ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଧାନ ରୁଆ। ବେଉଷା ଚାଲିଥିବା ବେଳେସାର ମିଳୁ ନାହିଁ ୟୁରିଆ। ସାର ବସ୍ତା ପ୍ରତି ୭୦୦ଟଙ୍କା ରେ କିଣୁଛନ୍ତି କ୍ଷଡିଲର ମାନେ କଳାବଜାର କରୁଛନ୍ତି । ଯାହାପଲରେ ଚାଷୀ ଅଧିକ ମୂଲ୍ୟ ରେ ସହର ବଜାର ଯାଇ କିଣିଆଣିବାକୁ ପଡୁଛି ।. ସମବାୟ ସମିତି କୁ କମ ସାର ଯୋଗାଣ ହେବାରୁ ସମସ୍ତ ଚାଷୀ ଙ୍କୁ ଆବଶ୍ୟକ ଅନୁଯାଇ ସାର ମିଳୁ ପାରୁନହିଁ । ଏଣୁ ସମବାୟ ସମିତି କୁ ପର୍ଯ୍ୟାପ୍ତ ପରିମାଣ ରେ ସାର ଯୋଗାଣ କରିବା ସମସ୍ତ ସାର ଦୋକାନ ରେ କେତେ ସାର ଆସିଛି । କତେ ସାର ବିକ୍ରି ହୋଇଛି ତାର ତାଲିକା ବ୍ଲକ ପଂଚାୟତ,. କୃଷି କାର୍ଯ୍ୟାଳୟ ମାନଙ୍କ ରେ ଲଟକାଇବା ଓ କଳାବଜାର ଙ୍କୁ ଗିରଫ କରି ଉପଯୁକ୍ତ ଦଣ୍ଡ ଦେବା ଦାବୀ ନେଇ ଜିଲ୍ଲାପାଳ ଙ୍କ ଉଦ୍ଦେଶ ରେ ତହସିଲ ଦାରଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି ଏହି ପ୍ରତିନିଧି ଦଳ ରେ ଓଡିଶା କୃଷକ ସଭା ର ଜିଲ୍ଲା ସଭାପତି ପି. ହରିକୃଷ୍ଣ ରେଡ୍ଡୀ, ଯୋଗେଶ ଚନ୍ଦ୍ର ସାହୁ, ସରପଞ୍ଚ ବୈରାଗୀ ବେହେରା,ବ୍ଲକସଭାପତି ଧର୍ମରାଜ ସ୍ୱାଇଁ,ପଦ୍ମନାଭ ପ୍ରଧାନ,ସୁଶୀଲ ପ୍ରଧାନ, ଦୁର୍ଯ୍ୟୋଧନ ସ୍ୱାଇଁ,ପ୍ରଭାକର ବେହେରା ପ୍ରମୁଖ ଯୋଗଦାନ କରି ଥିଲେ ।

## ଛତ୍ରପୁର ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା

ଛତ୍ରପୁର,୩।୯:(ମନ୍ଥନ)ସ୍ଥାନୀୟ ଅନସ୍ଲୋ ମିନି ଷ୍ଟାଡିୟମ ପରିସର ରେ ଛତ୍ରପୁର ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜିତ କୁମାର ପାଢ଼ୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ ଘାଟନ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟକ୍ତା ଭାବରେ ଅନସ୍ଲୋ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସୁଚିତ୍ରା ପାଣିଗ୍ରାହୀ ଯୋଗଦେଇଥିଲେ, କ୍ରୀଡା ଶିକ୍ଷକ ତଥା ଶାରୀରିକ ଶିକ୍ଷକ ସଭାପତି ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତରେ ଅନୁଷ୍ଠିତ ହୋଇଥିଲା । ଏହି କ୍ରୀଡା ପ୍ରତିଯୋଗିତା ରେ ଛତ୍ରପୁର ବ୍ଲକର ୪ ଟି ଜୋନ ସ୍ତରୀୟ ପ୍ରତିଯୋଗିତା ରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାୟ ୩୦୦ ରୁ ଜଣ ବାଳକ/ ବାଳିକା ମାନେ ଭାଗ ନେଇଥିଲେ । ସେମାନେ କ୍ରିକେଟ, କବାଡି, ଖୋ ଖୋ,ଦୌଡ଼,କୁଦ, ସଟ ଫୁଟ,ଲମ୍ବଜମ୍ପ, ହାଇଜମ୍ପ ଭଳି ବିଭିନ୍ନ ଖେଳରେ ଅଂଶ ଗ୍ରହଣ କରିଥିଲେ, ଏହି ପ୍ରତିଯୋଗିତା ରେ ଉତ୍ତୀର୍ଣ୍ଣ ହୋଇଥିବା ଖେଳାଳି ମାନେ ଜିଲ୍ଲା ସ୍ତରରେ ଖେଳିବା ପାଇଁ ଚୟନ ହୋଇଥିଲେ।

# ଛତ୍ରପୁର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ତଥା ଜନ ଶୁଣାଣି ଶିବିର

ଛତ୍ରପୁର,୩।୯:(ମନ୍ଥନ)ଛତ୍ରପୁର ପଚାଂୟତ ସମିତି ସମ୍ମିଳନୀ କକ୍ଷ ଠାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଯୋଜନା ଓ ସମଗ୍ର ଶିକ୍ଷା ଅଭିଯାନ ବ୍ଲକ ସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଞ୍ଜାମ ଜିଲା ପରିଷଦର ଭାରପ୍ରାପ୍ତ ସିଡିଓ ବିଜୟ କୁମାର ବେହେରା ଅଧକ୍ଷତା କରିଥିଲେୟ ଏଥିରେ ଜିଲ୍ଲା ସାମାଜିକ ସମୀକ୍ଷା ଅଧିକାରୀ ଡଃ ରବିନ୍ଦ୍ର ନାଥ ମଲାଣ, ବ୍ଲକ ଅଧକ୍ଷା କିରନ କୁମାରୀ ଦାସ, ବିଡିଓ ସଂମ୍ବିତ ସଂଗ୍ରାମଜିତ ସାହୁ, ଆସିଷ୍ଟାଣ୍ଡ ଇଜିନିୟର ଲଗ୍ନଜିତ ସାହୁ ମଚଂସିନ ଥିଲେ ।୨୦୨୪-୨୫ ଆର୍ଥିକ ବର୍ଷ ର ସାମାଜିକ ସମୀକ୍ଷା ଅବଧି ୧ ଅକ୍ଟୋବର ୨୦୨୪ ଠାରୁ ୩୧ ମାର୍ଚ୍ଚ ୨୦୨୫ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟର ସମୀକ୍ଷା କରିବା ସହ ଯେଉଁ ଯେଉଁ ପଂଚାୟତ ଗୁଡିକରେ ସମସ୍ୟା ଦେଖାଦେଇଛି ସେ ଗୁଡିକ ତୁରନ୍ତ ସମାଧାନ କରିବା ନିମନ୍ତେ ନିର୍ଦ୍ଦେଶ ଦେବା ସହ ସମସ୍ତ କାର୍ଯ୍ୟ ଗୁଡିକ ସଠିକ୍ ଭାବେ କିପରି କାର୍ଯ୍ୟକ୍ଷମ ହେଇପାରିବ ସେଥି ନିମନ୍ତେ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦିଆଯାଇଥିଲା । ପ୍ରାରମ୍ଭରେ ଛତ୍ରପୁର ବ୍ଲକର ଏପିଓ ସନ୍ତୋଷିନୀ ପାତ୍ର



ଗତଥରର ବିବରଣୀ ପାଠ ପଠନ କହିଥିଲେ । ଏହାସହ ୨୦୨୪-୨୫ ଆର୍ଥିକ ବର୍ଷର ବିବରଣୀ ପ୍ରଦାନ କରିବା ସହ ୧୮ ଟି ପଂଚାୟତରେ ହୋଇଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ଛତ୍ରପୁର ବ୍ଲକର ୧୮ ଟି ପଂଚାୟତରେ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ନିମନ୍ତେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ବାବଦରେ ୧୫୪.୭ ଲକ୍ଷ ଖର୍ଚ୍ଚ ହୋଇଥିବା ସୂଚନା ମିଳିଥିବା ବେଳେ ଏଥି ନିମନ୍ତେ ୨୧୪ ଟି ପ୍ରକଳ୍ପ ହାତକୁ ନିଆଯାଇଛି । ସେଥି ମଧ୍ୟରୁ ୧୯୬ ଟି ପ୍ରକଳ୍ପର କାର୍ଯ୍ୟ ଚାଲିଥିବା ବେଳେ ୧୮ ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି । ୧୮ ପଚାଂୟତ ରେ ଚାଲିଥିବା ପ୍ରକଳ୍ପ ମଧ୍ୟରୁ ୬ ପଚାଂୟତରେ ରେ ଗୋଟିଏ ବି ପ୍ରକଳ୍ପ କାମ ଶେଷ ହୋଇନାହିଁ । ଅଣକୁଶଳୀ ବାବଦରେ ୧୨୦.୪ ଲକ୍ଷ ଟଙ୍କା ଏବଂ ଅର୍ଦ୍ଧକୁଶଳୀ ବାବଦରେ ୩.୮୮ଲକ୍ଷ ଟଙ୍କା ଓ ସାମଗ୍ରିକ ବାବଦରେ ୩୦.୪୮ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବ୍ଲକ ପକ୍ଷରୁ ସୂଚନା ମିଳିଛି । ଛତ୍ରପୁର ବ୍ଲକର ୧୮ ଟି ପଂଚାୟତର ୨୦୨୪-୨୫ ଆର୍ଥିକ ବର୍ଷରେ ୧୮୨୭୨ ଟି ଜବ କାର୍ଡ ପ୍ରଦାନ କରାଯାଇଥିବା ବେଳେ ୧୫୩୭୩ ଜବ କାର୍ଡ ଧାରି ମାନେ ସକ୍ରିୟ ରହିଛନ୍ତି । ସେଥି ମଧ୍ୟରୁ ୧୯୪୦୯ ଶ୍ରମିକ ସକ୍ରିୟ ଭାବେ ରହି କାର୍ଯ୍ୟ କରିଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷରେ ୧୪୧୩୭୯ ଶ୍ରମ ଦିବସ ସୃଷ୍ଟି ହୋଇଛି । ୨୨୫ ଟି ପରିବାରକୁ ୧୦୦ ଦିନ କାମ ପାଇଥିବା ସୂଚନା ମିଳିଛି । ବ୍ଲକ ସାମାଜିକ ସମିକ୍ଷକ କୌଣସି କାମ ଠିକ କରୁନାହାନ୍ତି କି କାର୍ଯ୍ୟାଳୟ ମଧ ସଠିକ ଭାବେ ଆସୁନଥିବା ନେଇ ବିଡିଓ ବିରକ୍ତି ପ୍ରକାଶ କରିଥିଲେ। କୌଣସି ଅଡିଟ ମଧ ଠିକ ଭାବେ କରୁନଥିବାରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ଭାରପ୍ରାପ୍ତି ସିଡିଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କରି କୌଣସି କାମରେ ସନ୍ତୋଷ ଜଣକ ନଥିବା ବୈଠକରେ କୁହାଯାଇଥିଲା । ପଚାଂୟତରେ କୌଣସି ଅଡିଟ କାମ କିମ୍ବା ଗ୍ରାମସଭାରେ ସମିତିସଭ୍ୟାଙ୍କୁ ଡକାଯାଉନଥିବା ସୁନ୍ଦରପୁରସମିତିସଭ୍ୟା ସୁଙ୍କାନି ସେଠୀ ଅଭିଯୋଗ ଆଣିଥିଲେ । ବ୍ଲକରେ ଯେଉଁ ସବୁ ବିଦ୍ୟାଳୟରେ କୋଠା ମରାମତି କାମ ଆବଶ୍ୟକ ତାହା ଅବଗତ କରାଇବାକୁ କୁହାଯାଇଛି । ପ୍ରତ୍ୟେକ ବିଦ୍ୟାଳୟରେ ଶୌଚାଳୟ ନିତାନ୍ତ ରହିବ । ପ୍ରତି ପଚାଂୟତରେ ଗଛ ଲଗାଇବା ଉପରେ ବିଡିଓ ଗୁରୁତ୍ୱ ଦେଇଥିଲେ। ପ୍ରତ୍ୟେକ କାର୍ଯ୍ୟରେ ଯେପରି ସ୍ୱଛତା ରହିବ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ଆଗାମୀ ଦିନରେ ବିଭାଗ ଅଧିକାରୀ ଓ ପଞ୍ଚାୟତରାଜ ପ୍ରତନିଧୀ ମାନେ ସମନ୍ୱୟ ରଖି ସଠିକ ଭାବେ କାର୍ଯ୍ୟ କରିଲେ ଏମନରେଗା ରେ ଛତ୍ରପୁର ବ୍ଲକ ଏକ ସମ୍ମାନଜନକ ସ୍ଥାନରେ ପହଞ୍ଚି ପାରିବ ବୋଲି କୁହାଯାଇଛି । ଏହି ବୈଠକରେ ବ୍ଲକର ଜନପ୍ରତିନିଧିଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶେଷରେ ଆସିଷ୍ଟାଣ୍ଡ ଇଜିନିୟର ଲଗ୍ନଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ୟୁକୋ ବ୍ୟାଙ୍କ ପକ୍ଷରୁ ଆର୍ଥିକ ଅନ୍ତର୍ଭୁକ୍ତି ଏବଂ ରି-କେୱାଇସି ସାଚୁରେସନ କାର୍ଯ୍ୟକ୍ରମ ଆୟୋଜିତ

ଭୁବନେଶ୍ୱର,୩।୯ (ନି.ପ୍ର) : ୟୁକୋ ବ୍ୟାଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାର କୁଲେଇ ଗ୍ରାମ ପଞ୍ଚାୟତସ୍ଥିତ ମାନସିଂହପୁର ଗ୍ରାମରେ ଏକ ଆର୍ଥିକ ଅନ୍ତର୍ଭୁକ୍ତି ଏବଂ ରି-କେୱାଇସି (ଜର-କଣଉ) ସାଚୁରେସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଇବା ସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବିଭିନ୍ନ ସାମାଜିକ ସୁରକ୍ଷା ଓ ଆର୍ଥିକ ଅନ୍ତର୍ଭୁକ୍ତି ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର କ୍ଷେତ୍ରୀୟ ନିର୍ଦ୍ଦେଶକ ଡକ୍ଟର ସାରଦା ପ୍ରସନ ମହାନ୍ତି ଆର୍ଥିକ ଅନ୍ତର୍ଭୁକ୍ତିର




ଛୋଟ ଛୋଟ ପ୍ରୟାସ ମଧ୍ୟ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇପାରେ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଉପ-ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଭଗବତ ସିଂ ଭାକୁନି, ସହାୟକ ମହାପ୍ରବନ୍ଧକ କୃଷ୍ଣ ପାଲ ସିଂହ, ସହାୟକ ମହାପ୍ରବନ୍ଧକ ରାମଚନ୍ଦ୍ର ଦାସ ଏବଂ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଓ ଓଡିଶା ଗ୍ରାମୀଣ ବ୍ୟାଙ୍କର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉତ୍ସାହର ସହିତ ଯୋଗଦେଇଥିଲେ ଓ ବିଭିନ୍ନ ବ୍ୟାଙ୍କିଙ୍ଗ୍ ସେବା ସମ୍ବନ୍ଧରେ ଜାଣିବାକୁ ପାଇଥିଲେ। କେନ୍ଦ୍ର ସରକାରୀ ଯୋଜନାର ସୁବିଧା ସମ୍ପର୍କରେ ସଚେତନ କରାଇ ନାଗରିକମାନଙ୍କୁ ସେଥିରୁ ଲାଭାନ୍ୱିତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

# ସେଂଟର ଫର୍ ସାଇଟ ଭୁବନେଶ୍ୱର ପକ୍ଷରୁ ଆଡଭାନ୍ସଡ ରେଟିନାଲ ସର୍ଭିସର ଶୁଭାରମ୍ଭ

ଭୁବନେଶ୍ୱର,୩।୯ (ନି.ପ୍ର) : ଭାରତର ଅଗ୍ରଣୀ ସୁପର-ସ୍ପେଶାଲିଟି ଆଇ ହସ୍ପିଟାଲ ଶୃଙ୍ଖଳା ସେଂଟର ଫର ସାଇଟ ଗ୍ରୁପ ଅଫ୍ ଆଇ ହସ୍ପିଟାଲ୍ସ ପକ୍ଷରୁ ଭୁବନେନଶ୍ୱରରେ ଏହାର ଆଡଭାନ୍ସଡ ରେଟିନା ସେବାର ଶୁଭାରମ୍ଭ ଘୋଷଣା କରାଯାଇଛି, ଯାହା ଓଡିଶାରେ ବିଶ୍ୱସ୍ତରୀୟ ଚକ୍ଷୁ ଚିକିତ୍ସା ପ୍ରଦାନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ କରିଛି। ଏହି ଶୁଭାରମ୍ଭ ସମୟରେ ସେଂଟର ଫର୍ ସାଇଟ ପକ୍ଷରୁ ଭିଟ୍ରିଓରେଟିନାଲ ସର୍ଭିସ ପାଇଁ ଏହାର ସିନିଅର କନ୍‌ସଲ୍‌ଟାଂଟ ଭାବେ ଭାରତର ଅଗ୍ରଣୀ ଭିଟ୍ରିଓରେଟିନାଲ ସର୍ଜନ ଡକ୍ଟର ସମର୍ଥ ମିଶ୍ରଙ୍କୁ ସ୍ୱାଗତ କରାଯାଇଛି।



ଭୁବନେଶ୍ୱରରେ ନୂଆ କରି ଉଦ୍‌ଘାଟିତ ରେଟିନା ୟୁନିଟ ଡାଇବେଟିକ ରେଟିନୋପାଥି, ରେଟିନାଲ ଡିଟାଚମେଂଟ, ଏଜ-ରିଲେଟେଡ ମାକ୍ୟୁଲାର ଡିଜେନେରେଶନ (ଏଆରଏମଡି), ମାକ୍ୟୁଲାର ହୋଲ୍ ଓ ଜଟିଳ ଭିଟ୍ରିଓରେଟିନାଲ ରୋଗ ଭଳି ଏକ ବିସ୍ତୃତ ଶୃଙ୍ଖଳାର ରେଟିନା ରୋଗର ନିଦାନ ଓ ଚିକିତ୍ସା କରିବା ପାଇଁ ସୁସଜ୍ଜିତ ରହିଛି। ନେକ୍ସଟ-ଜେନେରେଶନ ସର୍ଜିକାଲ ଓ ଇମେଜିଂ ଟେକ୍ନୋଲୋଜି ସହିତ ଏହି ସେଂଟର ରୋଗୀମାନଙ୍କ ପାଇଁ ଆଧୁନିକ ରେଟିନା ଚିକିତ୍ସା ପାଇଁ ଓଡିଶା ବାହାରକୁ ଯିବାର ଆବଶ୍ୟକତାକୁ ଦୂର କରିଛି।

ଏହି ଶୁଭାରମ୍ଭ ସମୟରେ ସେଂଟର ଫର ସାଇଟ, ଭୁବନେଶ୍ୱରର ଭିଟ୍ରିଓରେଟିନାଲ ସର୍ଭିସେସ ବିଭାଗର ସିନିଅର କନ୍‌ସଲଟାଂଟ ଡକ୍ଟର ସମର୍ଥ ମିଶ୍ର କହିଛନ୍ତି, "ରେଟିନା ସମ୍ବନ୍ଧିତ ରୋଗଗୁଡିକ ପ୍ରାୟତଃ ନୀରବରେ ଗମ୍ଭୀର ସ୍ଥିତି ଆଡକୁ ଅଗ୍ରସର କରିଥାଏ ଏବଂ ଏହାକୁ ସଠିକ ସମୟରେ ଚିକିତ୍ସା କରାନଗଲେ ତାହା ଅପରିବର୍ତନୀୟ ଦୃଷ୍ଟିଶକ୍ତି କ୍ଷୟର କାରଣ ହୋଇପାରେ। ସେଂଟର ଫର୍ ସାଇଟ ଭୁବନେଶ୍ୱରରେ ଏହି ଡେଡିକେଟେଡ ରେଟିନା ୟୁନିଟ ସହିତ ଓଡିଶାର ରୋଗୀମାନେ ଏବେ ସ୍ଥାନୀୟ ରୂପେ ଆଧୁନିକ ଡାଇଗ୍ନୋଷ୍ଟିକ ଓ ସର୍ଜିକାଲ କେୟାର ପାଇପାରିବେ। ମୁଁ ସେଂଟର ଫର ସାଇଟର ମିଶନର ଏକ ଅଂଶ ହୋଇ ଗର୍ବିତ ଏବଂ ମୋ ରାଜ୍ୟର ଲୋକମାନଙ୍କୁ ଆଗ୍ରହ ଓ ଦକ୍ଷତାର ସହିତ ସେବା ପ୍ରଦାନ କରିବା ପାଇଁ ଉତ୍ସାହିତ ଅଛି।"

ସେଂଟର ଫର ସାଇଟ ଭୁବନେଶ୍ୱର ଓଡିଶାର ପ୍ରତିଷ୍ଠିତ ଭିଟ୍ରିଓରେଟିନାଲ ସର୍ଜନ ଡକ୍ଟର ସମର୍ଥ ମିଶ୍ରଙ୍କୁ ସ୍ୱାଗତ କରି ଆନନ୍ଦିତ। ଏମ.କେ.ସି.ଜି ମେଡିକାଲ କଲେଜ, ବ୍ରହ୍ମପୁର ଏବଂ ଭିମସାର, ବୁର୍ଲାର ଜଣେ ଛାତ୍ର ଥିବା ଡକ୍ଟର ମିଶ୍ର ଏଲଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟରେ ପ୍ରଶିକ୍ଷିତ ଅଟନ୍ତି ଏବଂ ସଙ୍କର ନେତ୍ରାଳୟ, ଚେନ୍ନାଇ ଓ କୋଲକାତାରେ ନିଜର ଫେଲୋସିପ ସମ୍ପୂର୍ଣ୍ଣ କରିଛନ୍ତି। ଆଡଭାନ୍ସଡ ରେଟିନାଲ ସର୍ଜରୀ କ୍ଷେତ୍ରରେ ୨୫ ବର୍ଷରୁ ଅଧିକ ଦକ୍ଷତା ସହିତ ଡା. ମିଶ୍ର ଓଡିଶାର ଅଗ୍ରଣୀ ହସ୍ପିଟାଲଗୁଡିକରେ ଭିଟ୍ରିଓରେଟିନାଲ ସେବାର ନେତୃତ୍ୱ ନେଇଛନ୍ତି ଏବଂ ନିଜର ଚିକିତ୍ସକୀୟ ଦକ୍ଷତା, ଗବେଷଣା ଓ ରୋଗୀ-କେନ୍ଦ୍ରିତ ଚିକିତ୍ସା ପାଇଁ ବ୍ୟାପକ ସ୍ତରରେ ସ୍ୱୀକୃତିପ୍ରାପ୍ତ ଅଟନ୍ତି।

ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ପ୍ରଫେସର (ଡକ୍ଟର) ମହିପାଲ ଏସ. ସଚଦେବଙ୍କ ଦ୍ୱାରା ୧୯୯୬ରେ ସ୍ଥାପିତ ସେଂଟର ଫର ସାଇଟ ୩୦ରୁ ଅଧିକ ସହରରେ ୮୫ରୁ ଅଧିକ ହସ୍ପିଟାଲ, ୩୫୦ରୁ ଅଧିକ ବିଶେଷଜ୍ଞ ଡାକ୍ତରଙ୍କ ଏକ ଟିମ ଏବଂ ପ୍ରାୟ ୩ ଦଶନ୍ଧିର ବିଶେଷଜ୍ଞତା ସହିତ ଭାରତର ଅନ୍ୟତମ ବିଶ୍ୱସନୀୟ ଆଇ କେୟାର ନେଟ୍‌ୱର୍କରେ ପରିଣତ ହୋଇଛି। ଏହାର ଚିକିତ୍ସକୀୟ ବିଶେଷଜ୍ଞତା, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ରୋଗୀ-ପ୍ରଥମ ଆଭିମୁଖ୍ୟ ପାଇଁ ସୁପରିଚିତ ଏହି ଗ୍ରୁପ କାଟାରାକ୍ଟ, ରିଫ୍ରାକ୍ଟିଭ ସର୍ଜରୀ, କର୍ନିଆ, ଗ୍ଲୁକୋମା, ରେଟିନା, ପେଡିଆଟ୍ରିକ ଓପ୍‌ଥାଲମୋଲୋଜି, ଓକୁଲୋପ୍ଲାଷ୍ଟି ଓ ଓକୁଲାର ଅଙ୍କୋଲୋଜି କ୍ଷେତ୍ରରେ ମାନଦଣ୍ଡ ସ୍ଥାପନ କରିଛି।

# ହୋଣ୍ଡା ମୋଟରସାଇକଲ ଆଣ୍ଡ୍ ସ୍କୁଟର ଅଗଷ୍ଟରେ ୫.୩୪ ଲକ୍ଷ ୟୁନିଟ ବିକ୍ରି ସହିତ ଦ୍ରୁତ ଗତିଶୀଳ ହେଉଛି

ଗୁରୁଗ୍ରାମ,୩।୯ : ହୋଣ୍ଡା ମୋଟରସାଇକଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚଏମ୍‌ଏସଆଇ) ଅଗଷ୍ଟ ୨୦୨୫ରେ ମୋଟ ୫,୩୪,୮୬୧ ୟୁନିଟ ବିକ୍ରି ହାସଲ କରିଛି। ଏଥିମଧ୍ୟରେ ୪,୮୧,୦୨୧ ୟୁନିଟ ଘରୋଇ ବଜାରରେ ବିକ୍ରି ଏବଂ ୫୩,୮୪୦ ୟୁନିଟ ରପ୍ତାନି ଅନ୍ତର୍ଭୁକ୍ତ। ଏଚଏମ୍‌ଏସଆଇ ମଧ୍ୟ ମୋଟ ବିକ୍ରିରେ ଜୁଲାଇ, ୨୦୨୫ ତୁଳନାରେ ଆଲୋଚ୍ୟ ମାସରେ (ଏମ୍‌ଓଏମ୍) ୪% ଅଭିବୃଦ୍ଧି ହାସଲ କରିଛି। ଆର୍ଥିକ ବର୍ଷ'୨୬ (ଏପ୍ରିଲ-ଅଗଷ୍ଟ ୨୦୨୫)ର ଆଜି ତାରିଖ ସୁଦ୍ଧା ଶେଷ ହୋଇଥିବା ବର୍ଷରେ (ୱାଇଟିଡି) ଏଚଏମ୍‌ଏସଆଇ ମୋଟ ୨୪,୨୨,୮୮୦ ୟୁନିଟ ବିକ୍ରି କରିଛି, ଯେଉଁଥିରେ ୨୧,୭୩,୮୩୪ ୟୁନିଟ ଘରୋଇ ବଜାରରେ ବିକ୍ରି ଏବଂ ୨,୪୯,୦୪୬ ୟୁନିଟ ରପ୍ତାନି ଅନ୍ତର୍ଭୁକ୍ତ।

ଏଚଏମ୍‌ଏସଆଇର ଅଗଷ୍ଟ ୨୦୨୫ ନିମନ୍ତେ ମୁଖ୍ୟ ବୈଶିଷ୍ଟ୍ୟାବଳୀ: ସଡ଼କ ନିରାପତ୍ତା: ଭିୱାଡି, ପ୍ରୟାଗରାଜ, ନୟାଗଡ, ବୁଦାଉନ୍, ଆକୋଲା, ୱାରାଙ୍ଗଲ, ନନ୍ଦୁରବାର, ବାଙ୍ଗାଲୋର, ତ୍ରିଚି, ଗାନ୍ଧୀନଗର, ଯୋଧପୁର ଏବଂ ଭଟିଣ୍ଡା ସମେତ ଦେଶବ୍ୟାପୀ ୧୨ଟି ସହରରେ ସଚେତନତା ଅଭିଯାନ ଆୟୋଜନ କରି ଏଚଏମ୍‌ଏସଆଇ ସଡ଼କ ନିରାପତ୍ତା ପ୍ରତି ନିଜର ପ୍ରତିବଦ୍ଧତା ନିରନ୍ତର ଜାରି ରଖିଛି। ଏହି ଅଭିଯାନଗୁଡିକ ଯୁବବର୍ଗଙ୍କୁ ଦାୟିତ୍ୱସମ୍ପନ୍ନ ସଡ଼କ ଆଚରଣ ଏବଂ ନିରାପଦ ଗାଡିଚାଳନା ଅଭ୍ୟାସ ସମ୍ପର୍କରେ ସଚେତନ କରାଇବା ଉପରେ ଦୃଷ୍ଟିନିବଦ୍ଧ କରିଥିଲା।

ନିଜର ପ୍ରୟାସକୁ ପୁନଃସୁଦୃଢ କରି ଏଚଏମ୍‌ଏସଆଇ ମଧ୍ୟ ଜ୍ଞାନ, ସଚେତନତା ଏବଂ ଦାୟିତ୍ୱସମ୍ପନ୍ନ ସଡ଼କ ଅଭ୍ୟାସକୁ ପାଳନ କରିବା ଏବଂ ବ୍ୟକ୍ତିବିଶେଷଙ୍କୁ ସଡ଼କରେ ମନସ୍କ ପସନ୍ଦ ବାଛିବାର ଦକ୍ଷତାରେ ସୁସଜ୍ଜିତ କରିବା ନିମନ୍ତେ ରାଞ୍ଚିଠାରେ ଏହାର ସେଫ୍‌ଟି ଡ୍ରାଇଭିଂ ଏଜୁକେସନ ସେଣ୍ଟର (ଏସ୍‌ଡିଇସି)ର ୬ଷ୍ଠ ବର୍ଷ ପୂର୍ତ୍ତି ଆୟୋଜନ କରିଥିଲା।

# ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍ ପ୍ରଯୁକ୍ତି, ବିଶ୍ୱାସ ଓ ରୂପାନ୍ତରଣ ସହ ବିଦ୍ୟୁତ ବିତରଣରେ ପରିବର୍ତନ ଆଣିଛନ୍ତି

ଭୁବନେଶ୍ୱର,୩।୯ : ଟାଟା ପାୱାର ନେତୃତ୍ୱାଧୀନ ଡିସ୍‌କମ୍‌ଗୁଡ଼ିକ ଅତ୍ୟାଧୁନିକ ପ୍ରଯୁକ୍ତି, ଗ୍ରାହକ ବିଶ୍ୱାସ ସୃଷ୍ଟି କରି ଏବଂ ସାରା ରାଜ୍ୟରେ ବଡ଼ ଧରଣର ରୂପାନ୍ତରଣ ସହିତ ଭାରତର ବିଦ୍ୟୁତ ବିତରଣ ବ୍ୟବସ୍ଥାରେ ପରିବର୍ତନ ଆଣିଛନ୍ତି। ପ୍ରାୟ ୧୦ ନିୟୁତ ଗ୍ରାହକଙ୍କୁ ସେବା ପ୍ରଦାନ କରୁଥିବା ଚାରି ବିଦ୍ୟୁତ୍ ୟୁଟିଲିଟି ଟିପିସିଓଡିଏଲ୍, ଟିପିଡବ୍ଲ୍ୟୁଓଡିଏଲ୍, ଟିପିଏସ୍‌ଓଡିଏଲ୍ ଓ ଟିପିଏନ୍‌ଓଡିଏଲ୍ ଭରସାଯୋଗ୍ୟ ଓ ଗ୍ରାହକ କୈନ୍ଦ୍ରୀକ ବିଦ୍ୟୁତ୍ ସେବାର ଏକ ମଡେଲ୍ ଭାବେ ଉଭା ହୋଇଛନ୍ତି। ଏହି ରୂପାନ୍ତରଣର ମୂଳରେ ରହିଛି ପ୍ରଯୁକ୍ତି। ଓଡ଼ିଶାର ବିଦ୍ୟୁତ୍ ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଂଟ ହେଉଛି ବିଦ୍ୟୁତ୍ ବଂଟନ ପ୍ରଯୁକ୍ତି କେନ୍ଦ୍ର (ପିଡିଟିସି) ଯାହା ହେଉଛି ପ୍ରଥମ ଧରଣର ନର୍ଭ କେନ୍ଦ୍ର ଯାହା ଗୋଟିଏ ହବ୍‌ରେ ସମଗ୍ର ବିଦ୍ୟୁତ୍ ବଂଟନ ନେଟ୍‌ୱର୍କ ପରିଚାଳନା କରୁଛି। ପିଡିଟିସିରେ ସ୍କାଡା ବ୍ୟବସ୍ଥା, ଜିଆଇଏସ୍ ଭିତ୍ତିକ ନେଟ୍‌ୱର୍କ ମ୍ୟାପିଂ ଓ ସ୍ୱୟଂକ୍ରିୟ ବିଭ୍ରାଟ ପରିଚାଳନାକୁ ସମନ୍ୱିତ କରି ବାସ୍ତବ ସମୟ ନିରୀକ୍ଷଣ, ଦ୍ରୁତ ତ୍ରୁଟି ଚିହ୍ନଟ ଏବଂ ସହରାଂଚଳ ଓ ଗାମାଂଚଳ ସାରା ପ୍ରତିଷେଧକମୂଳକ ରକ୍ଷଣାବେକ୍ଷଣକୁ ସକ୍ଷମ କରିଛି। ମୋବାଇଲ୍ ଆପ୍, ହ୍ୱାଟସ୍‌ଆପ୍ ସେବା ଓ ମିସଡ୍ କଲ୍ ହେଲ୍‌ପଲାଇନ୍ ଭଳି ଡିଜିଟାଲ୍ ପ୍ଲାଟଫର୍ମ ଗ୍ରାହକଙ୍କୁ ସୁବିଧାରେ ସେବା ହାସଲ କରିବାକୁ ସକ୍ଷମ କରିଛି। ଏହି ପ୍ରଯୁକ୍ତି ଆଧାରିତ ଅଭିଯାନ ଦ୍ୱାରା ଏହି ଡିସ୍‌କମ୍‌ଗୁଡ଼ିକ ଶକ୍ତି ମନ୍ତ୍ରଣାଳୟର ବାର୍ଷିକ



ପ୍ରଦର୍ଶନ ଅନୁଶୀଳନରେ ଏ+ ର୍‌ୟାଙ୍କିଂ ହାସଲ କରିବା ପ୍ରତି ଯୋଗଦାନ ଦେଇଛି ଯାହା ସେବା ଓ ପରିଚାଳନରେ ଉତ୍କର୍ଷକୁ ପ୍ରତିଫଳିତ କରୁଛି। ଏହି ପ୍ରଯୁକ୍ତି ପରିବର୍ତନ ସହିତ ପରିଚାଳନା ଉତ୍କର୍ଷତା ଉପରେ ଗୁରୁତ୍ୱ ଦ୍ୱାରା ଗ୍ରାହକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି ହୋଇଛି। ଗତ ତିନି ବର୍ଷ ମଧ୍ୟରେ ଏଟିଆଣ୍ଡ୍‌ସି କ୍ଷତି ପ୍ରାୟ ୧୧ ପ୍ରତିଶତ ହ୍ରାସ ହୋଇଥିବା ବେଳେ ଉଭୟ ଆର୍ଥିକ ସ୍ଥାୟିତ୍ୱ ଓ ଦକ୍ଷତାରେ ଉନ୍ନତି ହୋଇଛି। ଅନେକ ଡିଭିଜନରେ ବିଲିଂ ଓ କଲେକ୍ସନ ଦକ୍ଷତା ୯୯ ପ୍ରତିଶତ ଅତିକ୍ରମ କରିଛି ଯାହା ନଗଦ ରାଶି ପ୍ରବାହକୁ ସୁନିଶ୍ଚିତ କରିଥିବା ବେଳେ ସେହି ରାଶିକୁ ନେଟ୍‌ୱର୍କ ଉନ୍ନତିକରଣରେ ପୁନଃନିବେଶ କରାଯାଉଛି। ଏହି ସମୟ ମଧ୍ୟରେ ୫୯୮୬ କୋଟି ଟଙ୍କାର ପୁଞ୍ଜି ବ୍ୟୟ ସବଷ୍ଟେସନର ଆଧୁନିକୀକରଣ, ଫିଡର ଆଧୁନିକୀକରଣ ଓ ଭୂତଳ ତାର ବିଛାଇବାରେ ବ୍ୟବହାର କରାଯାଇଛି, ଫଳରେ ଯୋଗାଣ ଭରସାଯୋଗ୍ୟତା ବଢ଼ିଥିବା ବେଳେ ସୁରକ୍ଷାରେ ଉନ୍ନତି ହୋଇପାରିଛି।

# ସେମିକନ୍ ଇଣ୍ଡିଆ ୨୦୨୫ ଉଦଘାଟନ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୩।୯ (ନି.ପ୍ର) : ସେମିକଣ୍ଡକ୍ଟର ଅଭିବୃଦ୍ଧିର ଭାରତର ପରବର୍ତୀ ଅଧ୍ୟାୟ ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ। ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଯଶୋଭୂମି (ଇଣ୍ଡିଆ ଇଂଟରନ୍ୟାସନାଲ କନଭେନ୍ସନ୍ ଆଣ୍ଡ୍ ଏକ୍ସପୋ ସେଂଟର)ରେ ସେମିକନ୍ ଇଣ୍ଡିଆ ୨୦୨୫କୁ ଉଦଘାଟନ କରିଛନ୍ତି। ଜାପାନ ଏବଂ ଚାଇନା ଗସ୍ତରୁ ଫେରିବା ପରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ସେହି ଦିନ ଦୂର ନୁହେଁ ଯେତେବେଳେ ବିଶ୍ୱ କହିବ – ଡିଜାଇନ୍ ଇନ୍ ଇଣ୍ଡିଆ, ମେଡ୍ ଇନ୍ ଇଣ୍ଡିଆ, ୱାର୍ଲ୍ଡ ଦ୍ୱାରା ବିଶ୍ୱସ୍ତ'। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ସେମିକଣ୍ଡକ୍ଟର ଦୁନିଆରେ ପ୍ରାୟତଃ କୁହାଯାଏ ଯେ 'ତେଲ କଳା ସୁନା ଥିଲା, କିନ୍ତୁ ଚିପ୍ସ ହେଉଛି ଡିଜିଟାଲ ଡାଇମଣ୍ଡ'।

ସେମିର ସଭାପତି ତଥା ସିଇଓ ଅଜିତ ମନୋଚା କହିଛନ୍ତି, "ଭାରତୀୟ ସେମିକଣ୍ଡକ୍ଟର ଶିଳ୍ପ 'ମୋଦୀଙ୍କ ଆଇନ' ଅନୁଯାୟୀ ଦ୍ରୁତ ଅଭିବୃଦ୍ଧି ଅନୁଭବ କରୁଛି, ଯେଉଁଥିରେ ଭାରତ ଶିଳ୍ପ ସମ୍ପ୍ରସାରଣ ପାଇଁ ମୁରଙ୍କ ଆଇନକୁ ଅନୁକରଣ କରୁଛି । ଏଆଇ ସମର୍ଥିତ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଏବଂ ଉଦ୍ଭାବନ ସହିତ ଟେକ୍ନୋଲୋଜି ଏକ ମୁହୂର୍ତରେ ଥିବାରୁ, ମୁଁ ବିଶ୍ୱାସ କରେ ଯେ ଆମେ ବର୍ତମାନର ଭୂ-ରାଜନୈତିକ ଦୃଶ୍ୟପଟର ଅଭୂତପୂର୍ବ ଗତିଶୀଳତାର ଶୀର୍ଷରେ ଅଛୁ । ବୈଶ୍ୱିକ ସେମିକଣ୍ଡକ୍ଟର କ୍ଷେତ୍ରରେ ଉଲ୍ଲେଖନୀୟ ସମ୍ଭାବନା ଏବଂ ବଢୁଥିବା ନେତୃତ୍ୱ ପାଇଁ ଭାରତ ବିଶ୍ୱସ୍ତରରେ ସ୍ୱୀକୃତି ଲାଭ କରୁଛି।"

# ଉତ୍ସବ ଋତୁ ପାଇଁ ଆମାଜନ୍ ଫ୍ୟାସନର ଶ୍ରେଷ୍ଠ ଫେଷ୍ଟିଭ ଟ୍ରେଣ୍ଡ

ଭୁବନେଶ୍ୱର,୩।୯ (ନି.ପ୍ର) : ଉତ୍ସବ ଋତୁ ଆରମ୍ଭ ହେବା ସହିତ ଆମାଜନ ଫ୍ୟାଶନ୍ ବିଶ୍ୱସ୍ତରୀୟ ଏବଂ ଘରୋଇ ବ୍ରାଣ୍ଡଗୁଡ଼ିକର ଏକ ବ୍ୟାପକ, ସଂଗୃହିତ ଚୟନ ନେଇଆସିଛି, ଯାହା ସହିତ ଉତମ ମୂଲ୍ୟ, ବିଶ୍ୱସ୍ତ ସୁବିଧା ଏବଂ ଦ୍ରୁତ ବିତରଣ ମଧ୍ୟ ରହିଛି । ଗେସ ଏବଂ ଲାଭି ଲକ୍ସ ରୁ ମିନି ହ୍ୟାଣ୍ଡବ୍ୟାଗ୍, ସେଇକୋ ଏବଂ କାଲଭିନ୍ କ୍ଲେନ ରୁ ଗୋଲ୍ଡ଼-ଟୋନ୍ ଘଂଟା, ସ୍ୱରୋଭସ୍କି, କ୍ୟାରେଟଲେନ୍ ଏବଂ ଜିଭା ରୁ ଚମକଦାର ଅଳଙ୍କାର, ସ୍କେଚର୍ସ ଏବଂ କନଭର୍ସରୁ ଷ୍ଟ୍ରାପି ହିଲ୍ସ, ଏବଂ ସାମସୋନାଇଟ୍, ମୋକୋବାରା ଏବଂ ସ୍ୱିସ୍ ମିଲିଟାରି ରୁ ସ୍ଲିକ୍, ଟ୍ରାକେବଲ୍ ଲଗେଜ୍ ବିକଳ୍ପଗୁଡ଼ିକ ଉପଲବ୍ଧ ରହିଛି ଯେଉଁଥିରୁ ପ୍ରତ୍ୟେକ ଉତ୍ସବ ମୁହୂର୍ତ ପାଇଁ ଏହି ଋତୁର ଶ୍ରେଷ୍ଠ ପସନ୍ଦଗୁଡ଼ିକୁ ଅନ୍ୱେଷଣ କରିପାରିବେ।

ଏହି ସମ୍ପର୍କରେ ଆମାଜନ ଫ୍ୟାଶନ୍ ଏବଂ ବ୍ୟୁଟିର ଡାଇରେକ୍ଟର ସିଦ୍ଧାର୍ଥ ଭଗତ କହିଛନ୍ତି, "ଏହି ଉତ୍ସବ ଋତୁରେ, ଆମେ ସ୍ୱାରୋଭସ୍କି, ନ୍ୟୁ ବାଲାନ୍ସ, ଗେସ ଏବଂ କ୍ୟାରାଟଲେନ୍ ଭଳି ବ୍ରାଣ୍ଡ ଦ୍ୱାରା ପରିଚାଳିତ ନୀରବ-ବିଳାସପୂର୍ଣ୍ଣ ଫୁଟୱେୟାର, ଷ୍ଟେଟମେଂଟ ଅଳଙ୍କାର ଏବଂ ଆସେସୋରିଜ୍ ସମେତ ସ୍ମାର୍ଟ, ଅଧିକ ପ୍ରିମିୟମ୍ ପସନ୍ଦ ପ୍ରତି ଏକ ଦୃଢ଼ ପରିବର୍ତନ ଦେଖୁଛୁ, ଯାହା ଏହି ଉତ୍ସବ ଗତିକୁ ଆଗକୁ ବଢ଼ାଉଛି। ଆମାଜନ୍ ଫ୍ୟାସନରେ, ଆମେ ନୂତନତ୍ୱ ପ୍ରତି ପ୍ରତିବଦ୍ଧ ଏବଂ ବ୍ରାଣ୍ଡ-ନିର୍ଦ୍ଦିଷ୍ଟ ଆକାର ଚାର୍ଟ, ଷ୍ଟାଇଲ୍ ସ୍ନାପ୍ (ଏକ ପ୍ରତିଛବି-ଆଧାରିତ ସନ୍ଧାନ ଉପକରଣ), ଏବଂ 'ଏହା ସହିତ ପିନ୍ଧନ୍ତୁ' ପରାମର୍ଶ ଭଳି ବୈଶିଷ୍ଟ୍ୟଗୁଡ଼ିକ ସହିତ ସପିଂ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟାରେ ନିରନ୍ତର ବିନିଯୋଗ କରିବା ପାଇଁ ପ୍ରତିବଦ୍ଧ ଯାହାକୁ କ୍ୟୁରେଟେଡ୍, ବ୍ୟକ୍ତିଗତ ସୁପାରିଶ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି ।'' ଏହି ଷ୍ଟାଇଲ୍ ଗୁଡ଼ିକୁ ଆପଣଙ୍କ ଦ୍ୱାର ପାଖରେ ଦ୍ରୁତ ଏବଂ ନିର୍ଭରଯୋଗ୍ୟ ଡେଲିଭରୀ ସହିତ ପାଇପାରିବେ। ଗ୍ରାହକମାନେ ଆମାଜନ୍ ପେ ସହିତ ଅତିରିକ୍ତ ସଂଚୟ ମଧ୍ୟ ଉପଭୋଗ କରିପାରିବେ, ଏବଂ ପ୍ରାଇମ୍ ସଦସ୍ୟମାନେ ଅସୀମିତ ମାଗଣା ଡେଲିଭରୀ ଏବଂ ଦ୍ରୁତ ଦ୍ୱାର ସେବା ପାଇପାରିବେ, ଯାହା ପ୍ରତ୍ୟେକ ଉତ୍ସବ କ୍ରୟକୁ ସ୍ମାର୍ଟ, ଷ୍ଟାଇଲିସ୍ ଏବଂ ଅଧିକ ପୁରସ୍କାରପ୍ରାପ୍ତ କରିଥାଏ।

# ଇଲେକ୍ଟ୍ରୋ ଷ୍ଟିଲ୍ ଜଳ ସେବକ ସମ୍ମାନ-୨୦୨୫ ଜଳ ସଂରକ୍ଷଣ ପରିବର୍ତନ ସୃଷ୍ଟିକାରୀମାନଙ୍କୁ ଏକ ସ୍ୱୀକୃତି



ଭୁବନେଶ୍ୱର,୩।୯ (ନି.ପ୍ର) : ଛଅ ଦଶନ୍ଧିରୁ ଅଧିକ ସମୟ ଧରି ଏକ ଅଗ୍ରଣୀ ଜଳ ଭିତିଭୂମି ସମାଧାନ ପ୍ରଦାନକାରୀ, ଇଲେକ୍ଟ୍ରୋ ଷ୍ଟିଲ୍ କାଷ୍ଟିଂ ଲିମିଟେଡ୍ ପକ୍ଷରୁ ବହୁ ପ୍ରତୀକ୍ଷିତ ପୁରସ୍କାର ସମାରୋହର ତୃତୀୟ ସଂସ୍କରଣ, ଇଲେକ୍ଟ୍ରୋ ଷ୍ଟିଲ୍ ଜଳ ସେବକ ସମ୍ମାନ-୨୦୨୫ ଆୟୋଜିତ ହୋଇଥିଲା। ଏହି ପୁରସ୍କାର ଜଳ ସଂରକ୍ଷଣ କ୍ଷେତ୍ରରେ ପ୍ରଭାବଶାଳୀ ପରିବର୍ତନ ଆଣିଥିବା ବ୍ୟକ୍ତି ଏବଂ ଅନୁଷ୍ଠାନଗୁଡ଼ିକୁ ସ୍ୱୀକୃତି ଦେଇଛି। ଜଳ ସେବକ ସମ୍ମାନ-୨୦୨୫ ସମଗ୍ର ଭାରତରେ ଜଳ ସଂରକ୍ଷଣ, ସ୍ଥାୟୀତ୍ୱ ଏବଂ ସମାନ ଜଳ ପ୍ରବେଶରେ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରୁଥିବା ନାୟକମାନଙ୍କୁ ସ୍ୱୀକୃତି ଦେବାର ମନୋଭାବକୁ ବଜାୟ ରଖିଛି।

ଏହି ଚମତ୍କାର ପୁରସ୍କାର ସମାରୋହରେ ନ୍ୟାୟମୂର୍ତି ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଏବଂ ଜାତୀୟ ପରିବର୍ତନ କମିଶନର ଅଧ୍ୟକ୍ଷ କେ.ଜି. ବାଲକ୍ରିଷ୍ଣନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ, କୋଲ୍ ଇଣ୍ଡିଆର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ପି.ଏମ୍. ପ୍ରସାଦ ଏବଂ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ନିର୍ଦ୍ଦେଶକ ଡକ୍ଟର ଧୃତି ବାନାର୍ଜୀ ସମ୍ମାନିତ ଅତିଥି ଭାବରେ ଏବଂ ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟର ଜାତୀୟ ଜଳ ମିଶନର ନିର୍ଦ୍ଦେଶକ ନେଲାପତଲା ଅଶୋକ ବାବୁ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ମହାସମାବେଶରେ ବିଶିଷ୍ଟ ଗଣମାନ୍ୟ ବ୍ୟକ୍ତି, ଶିଳ୍ପ ନେତା, ପରିବେଶ ପ୍ରବକ୍ତା ଏବଂ ସମ୍ପ୍ରଦାୟ ଚାମ୍ପିଅନମାନେ ଉପସ୍ଥିତ ଥିଲେ। ବ୍ୟକ୍ତିଗତ ବର୍ଗରେ, ଜଳ ସେବକ ସମ୍ମାନ ୨୦୨୫ ପଶ୍ଚିମବଙ୍ଗର ଶ୍ରୀମତୀ ଲୀଳାବତୀ ମହାତାଙ୍କୁ ଝାରଗ୍ରାମରେ ତାଙ୍କର ଅକ୍ଳାନ୍ତ ତୃଣମୂଳସ୍ତରୀୟ ପଦକ୍ଷେପ ପାଇଁ ପୁରସ୍କୃତ କରାଯାଇଥିଲା। ସେ ଜଳସେଚନ, ଫସଲ ବିବିଧତା ଏବଂ କୃଷି ଆୟ ବୃଦ୍ଧି ପାଇଁ ପୋଖରୀ-ଆଧାରିତ ଜଳ ଏବଂ ମୃତ୍ତିକା ସଂରକ୍ଷଣର ନେତୃତ୍ୱ ନେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ତାଙ୍କର କାର୍ଯ୍ୟ ମାଧ୍ୟମରେ, ସେ ୫୦୦ ରୁ ଅଧିକ ମହିଳାଙ୍କୁ ଜଳ ଶାସନରେ ସାମିଲ କରିଛନ୍ତି ଏବଂ ୮୫ ଟି ଗ୍ରାମର ୧,୨୫୦ ରୁ ଅଧିକ ପରିବାରକୁ ସ୍ଥାୟୀ କୃଷି ପଦ୍ଧତି ଗ୍ରହଣ କରିବାକୁ ସକ୍ଷମ କରିଛନ୍ତି। ପାରମ୍ପରିକ ଜଳଭଣ୍ଡାରକୁ ପୁନରୁଦ୍ଧାର ଏବଂ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବାରେ ତାଙ୍କର ଉତ୍ସର୍ଗୀକୃତ ପ୍ରୟାସ ପାଇଁ ଝାଡ଼ଖଣ୍ଡର ଜେମ୍ସ ହେରେଞ୍ଜଙ୍କୁ ରନର୍ସ-ଅପ୍ ଭାବରେ ସମ୍ମାନିତ କରାଯାଇଥିଲା। ଚେକ୍ ଡ୍ୟାମ୍ ଏବଂ ସ୍ଥାୟୀ କେନାଲ ନିର୍ମାଣ କରି, ସେ ୨୦୦ ହେକ୍ଟରରୁ ଅଧିକ ଚାଷଜମି ପାଇଁ ଜଳସେଚନ ସୁରକ୍ଷିତ କରିଛନ୍ତି, ଫସଲ ଉତ୍ପାଦନରେ ଉନ୍ନତି ଆଣିଛନ୍ତି ଏବଂ ମରୁଡ଼ି ସମ୍ଭାବନା ହ୍ରାସ କରିଛନ୍ତି। ତାଙ୍କର ପଦକ୍ଷେପ, ହସାତୁ ଚେକ୍ ଡ୍ୟାମ୍ ଏବଂ ବାରିଆଟୁ କେନାଲ – ଯାହା ଦଶନ୍ଧିରୁ ଅଧିକ ସମୟ ଧରି ଚାରୋଟି ଗ୍ରାମକୁ ବଜାୟ ରଖିଛି – ଜଳ ସୁରକ୍ଷା ଏବଂ କୃଷି ପୁନରୁଦ୍ଧାରର ସ୍ଥାୟୀ ମଡେଲ ଭାବରେ ଠିଆ ହୋଇଛି।

# ଡାବର ଚ୍ୟବନପ୍ରାଶ ପକ୍ଷରୁ ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସ୍ୱତନ୍ତ୍ର ଅଧିବେଶନ

ଭୁବନେଶ୍ୱର,୩।୯ : ମୌସୁମୀ ଋତୁ ସମୟରେ ରୋଗ ପ୍ରତିରୋଧକ ଶକ୍ତିର ମହତ୍ୱ ସମ୍ପର୍କରେ ସଚେତନା ବୃଦ୍ଧି କରିବା ପାଇଁ ଡାବର ଚ୍ୟବନପ୍ରାଶ ପକ୍ଷରୁ ଭୁବନେଶ୍ୱରର ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀଙ୍କ ସହିତ ଏକ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଛି । ଡାବର ଚ୍ୟବନପ୍ରାଶର ମୁଖ୍ୟ ଉପାଦାନ ହେଉଛି ଅଁଳା (ଇଣ୍ଡିଆନ ଗୁସ୍ ?ବେରୀ) ଯାହା ଏହାର ରୋଗ ପ୍ରତିରୋଧକ ଶକ୍ତି ନିର୍ମାଣକାରୀ ଗୁଣ ପାଇଁ ସୁପରିଚିତ ଅଟେ । ଅନ୍ୟ ସାମଗ୍ରୀଗୁଡିକ ମଧ୍ୟରେ ଗୁଡୁଚି, ପିପ୍ପଳୀ, କଂଟାକାରି, କାକଡାସିଙ୍ଗୀ, ଭୁମ୍ୟାମାଲାକି, ବାସାକା, ପୁଷ୍କରମୂଳ, ପ୍ରିସ୍ ?ନିପାରନି, ଶାଲପାରନି ଇତ୍ୟାଦି, ଯାହା ସାଧାରଣ ସଂକ୍ରମଣ ଓ ଶ୍ୱାସନଳୀର ଆଲର୍ଜିକୁ ଦୂର କରିବାରେ ସାହାଯ୍ୟ କରିଥାଏ । ଏହି ସାମଗ୍ରୀଗୁଡିକର ଏକ ମିଶ୍ରଣ ଚ୍ୟବନପ୍ରାଶକୁ ମୌସୁମୀ ଋତୁରେ ଉତମ ସ୍ୱାସ୍ଥ୍ୟ ପାଇଁ ରୋଗ ପ୍ରତିରୋଧକ ଶକ୍ତି ପ୍ରଦାନ କରିବା ଲାଗି ଜଡିବୁଟିଗୁଡିକର ଏକ ଉପଯୁକ୍ତ ମିଶ୍ରଣ କରିଥାଏ ।

ଏସମ୍ପର୍କରେ ଡକ୍ଟର ପ୍ରସନଜିତ କହିଛନ୍ତି, "ଚ୍ୟବନପ୍ରାଶ ଏକ ସୁପରିଚିତ ଆୟୁର୍ବେଦିକ ପଦ୍ଧତି ଅଟେ, ଯାହାକୁ ଅନେକ ଦଶନ୍ଧି ହେବ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ଓ ସଂକ୍ରମଣ ବିରୋଧରେ ପ୍ରତିରୋଧ ପ୍ରଦାନ କରିବା ପାଇଁ ବ୍ୟବହାର କରାଯାଇଆସୁଛି । ଏକ ପ୍ରାଚୀନ ପଦ୍ଧତି ଉପରେ ଆଧାରିତ ଡାବର ଚ୍ୟବନପ୍ରାଶ ହେଉଛି ଏକ ଆୟୁର୍ବେଦିକ ସପ୍ଲିମେଂଟ, ଯାହାକୁ ବିଭିନ୍ନ ହର୍ବ ଓ ମିନେରାଲ ସହିତ ପ୍ରସ୍ତୁତ କରାଯାଇଛି । ଡାବର ଚ୍ୟବନପ୍ରାଶ ଏହାର ଇମ୍ୟୁନୋମଡ୍ୟୁଲେଟୋରୀ ପ୍ରଭାବ ମାଧ୍ୟମରେ ବିଭିନ୍ନ ପ୍ରକାରର ରୋଗକୁ ପ୍ରତିରୋଧ କରିବାରେ ସାହାଯ୍ୟ କରିଥାଏ ।

ଡାବର ପକ୍ଷରୁ ବିଭିନ୍ନ କ୍ଲିନିକାଲ ଓ ପ୍ରିକ୍ଲିନିକାଲ ଷ୍ଟଡିର ପରିଚାଳନା କରାଯାଇଛି ଯାହା ରୋଗ ପ୍ରତିରୋଧକ ଶକ୍ତି, ଋତୁକାଳିନ ପ୍ରଭାବ, ଶ୍ୱାସନଳୀରେ ଆଲର୍ଜି ଓ ସଂକ୍ରମଣ ଆଦି ଉପରେ ଚ୍ୟବନପ୍ରାଶର ଉପକାରୀ ପ୍ରଭାବକୁ ନିଶ୍ଚିତ କରିଛି । ଡାବର ଚ୍ୟବନପ୍ରାଶ ଜୀବାଣୁ ବିରୋଧରେ ଲଢିବାରେ ସାହାଯ୍ୟ କରୁଥିବା ଡେଂଟ୍ରିକ ସେଲ, ଏନକେ ସେଲ ଓ ମାକ୍ରୋଫେଜଗୁଡିକୁ ସକ୍ରିୟ କରିବାରେ ସହଯୋଗ କରିଥାଏ ।" ଏହି



ଅବସରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଓଝା କହିଛନ୍ତି, "ଚ୍ୟବନପ୍ରାଶ ତ୍ରିଦୋଷ 'ବାତ, ପିତ ଓ କଫ'କୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରିଥାଏ, ଯାହା ପ୍ରାଚୀନ ଆୟୁର୍ବେଦିକ ଶାସ୍ତ୍ରରେ ମଧ୍ୟ ଉଲ୍ଲେଖ ରହିଛି । ତେଣୁ ଏହାକୁ ଦୈନନ୍ଦିନ ଆହାରରେ ସାମିଲ କରିବା ଆବଶ୍ୟକ ।



# ଉପମୁଖ୍ୟମନ୍ତ୍ରୀ ପ୍ରତିଭା ପରିଡ଼ାଙ୍କ ସ୍ମୃତିଶକ୍ତି ଦୁର୍ବଳ

## କଂଗ୍ରେସ ନେତୃତ୍ୱ ବିରୋଧରେ ପ୍ରଭାତି ପରିଡ଼ାଙ୍କ ଭିତ୍ତିହୀନ ଅପପ୍ରଚାର

ଭୁବନେଶ୍ୱର, ୩।୯ (ନି.ପ୍ର) : ଓଡିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯେଉଁଭଳି ଭିତ୍ତିହୀନ ଓ ଅଯୌକ୍ତିକ ମନ୍ତବ୍ୟ କଂଗ୍ରେସର ସର୍ବୋଚ୍ଚ ନେତାଙ୍କ ପ୍ରତି ରଖିଛନ୍ତି, ଏହାର ପ୍ରତିବାଦରେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏହି ସମ୍ମିଳନୀରେ ଓଡିଶା ପିସିସି ମୁଖପାତ୍ର ଶ୍ରୀମତୀ ସୋନାଲି ସାହୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କୁ କଡ଼ା ପ୍ରତିବାଦ ଜଣାଇଛନ୍ତି । ଶ୍ରୀମତୀ ପରିଡ଼ା ଏକ ଭିତ୍ତିହୀନ କଥାକୁ ଆଳ କରି ପ୍ରଧାନମନ୍ତ୍ରୀଙ୍କ ପ୍ରିୟ ହେବାକୁ ଅପଚେଷ୍ଟା ଚଳାଇଛନ୍ତି। ବିହାର ନିର୍ବାଚନରେ ପରାଜୟର ଆଶଙ୍କା ଓ ଭୟ ବିଜେପିକୁ ଘାରୁଛି। ଭାରତରେ ବିଜେପି ଭୋଟ ଚୋରି କରି ସତ୍ତାକୁ ଆସିଛି। ଏହା ସହିତ ବିହାରରେ କଂଗ୍ରେସ ପ୍ରତି ଲୋକଙ୍କ ଅକୁଣ୍ଠ ସମର୍ଥନ ଦେଖି ବିଜେପି ଦଳ ଏବଂ ତାର ତଥାକଥିତ ପ୍ରଚାରକ ମାନେ ଭୟରେ କଂଗ୍ରେସର ଅପପ୍ରଚାର କରୁଛନ୍ତି । କଂଗ୍ରେସ ନୀତି ଆଦର୍ଶର ଦଳ, କଂଗ୍ରେସ ସବୁବେଳେ ମା'ମାତୃକାକୁ ସମ୍ମାନ ଦେଇ ଆସିଛି। ମିଛ ପ୍ରଚାର କରି କଂଗ୍ରେସକୁ କିମ୍ବା କଂଗ୍ରେସ ନେତୃବୃନ୍ଦଙ୍କୁ ଦୋଷୀ କରି ପାରିବେନି । ଇତିହାସ ସାକ୍ଷୀ ଅଛି, ବିଗତ ଦିନରେ ବିଜେପି ଏବଂ ଦେଶର ପ୍ରଧାନ ସେବକ ବୋଲାଉଥିବା ପ୍ରଧାନମନ୍ତ୍ରୀ କିଭଳି କଂଗ୍ରେସ ଦଳର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଗୋରୀ ଚମଡ଼ି, ବାର୍ ଡ୍ୟାନ୍ସର କହି ସମାଲୋଚନା କରିଥିଲେ । ଏପରିକି ରାହୁଲ ଗାନ୍ଧୀଙ୍କୁ ହାଇବ୍ରିଡ଼ ବାଛୁରୀ ବୋଲି ବିଦ୍ରୁପ କରିଥିଲେ । ଶ୍ରୀମତୀ ସାହୁ ପୁଣି କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଯଦି ନିଜ ମାଆଙ୍କ ପ୍ରତି ସାମାନ୍ୟ ସମ୍ମାନ ଥାନ୍ତା, ତେବେ ନୋଟବନ୍ଦୀ ସମୟରେ ନିଜ ଶତାୟୁ ମାଆଙ୍କୁ ଏଟିଏମ ଧାଡ଼ିରେ ଛିଡା କରି ବିଜ୍ଞାପିତ କରି ନଥାନ୍ତେ । ନିଜକୁ ହିନ୍ଦୁଙ୍କ ଠିକାଦାର ବୋଲି ଦାବି କରୁଥିବା ପ୍ରଧାନମନ୍ତ୍ରୀ ମୋଦୀ ନିଜ ମାଆଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ କାହିଁକି ଲଣ୍ଡା ହେଲେନାହିଁ? ଏହା କଣ ହିନ୍ଦୁ ଭାବନା ପ୍ରତି କୁଠାରାଘାତ ନୁହେଁ କି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀମତୀ ସାହୁ। ବିଜେପି ମୁଖପାତ୍ର ପ୍ରେମ ଶୁକ୍ଳ, କଂଗ୍ରେସ ମୁଖପାତ୍ର ସୁରେନ୍ଦ୍ର ରାଜପୁତଙ୍କ ମାଆଙ୍କୁ 'ରଣ୍ଡୀ' କହିବାକୁ ମଧ୍ୟ ପଛେଇ ନଥିଲେ। ବିଜେପି ନିଜ ମୁଖପାତ୍ର ପ୍ରେମ ଶୁକ୍ଳଙ୍କ ବିରୁଦ୍ଧରେ କାର୍ଯାନୁଷ୍ଠାନ କରିବା ପରିବର୍ତ୍ତେ ତାଙ୍କୁ ରାଷ୍ଟ୍ରୀୟ ମୁଖପାତ୍ରରେ ଅବସ୍ଥାପିତ କରିଥିଲେ । କ'ଣ ଏହା ବିଜେପି ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ମାଆ ମାନଙ୍କୁ ସମ୍ମାନ ?




ଯେଉଁଭଳି ଭାବେ କଙ୍ଗନା ରାଣାୱତ ସିଣ୍ଡ୍ରୋମ ଟ୍ରେଣ୍ଡିଂରେ ରହି ମୋଦିଙ୍କ ପ୍ରିୟ ହୋଇଛନ୍ତି, ସେହି ଆଳରେ ଶ୍ରୀମତୀ ପ୍ରଭାତୀ ପରିଡା ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରିୟପାତ୍ରୀ ହେବା ପାଇଁ କଂଗ୍ରେସ ବିରୋଧରେ ମିଛ ଓ ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି ବୋଲି ଶ୍ରୀମତୀ ସାହୁ ପ୍ରକାଶ କରିଛନ୍ତି । ବରିଷ୍ଠ ମହିଳା କଂଗ୍ରେସ ନେତ୍ରୀ ପ୍ରଣତି ମିଶ୍ର ମଧ୍ୟ ବିଜେପିର ମିଛ ରାଜନୀତିକୁ ସମାଲୋଚନା କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ସୋନାଲି ସାହୁଙ୍କ ବ୍ୟତୀତ ମୁଖପାତ୍ର ଅମ୍ରିତା ଦାସ , ସମସିଦା ତୟାବ ଓ ସିଲି ସେଠୀ ଯୋଗ ଦେଇଥିଲେ ।

# ବ୍ୟାଟେରୀ ଚାଳିତ ରିକ୍ସା ଅଚଳ ହେବା ଘଟଣା

## ମୂଳ ଦର ଠାରୁ ୨ଗୁଣ ଅଧିକ ଦାମରେ କିଣିଛି ପ୍ରଶାସନ

ଖଣ୍ଡପଡ଼ା, ୩।୯ (ନିପ୍ର): ଖଣ୍ଡପଡ଼ା ବ୍ଲକର ୧୨ ପଞ୍ଚାୟତ ନିମନ୍ତେ ଲକ୍ଷାଧିକ ଟଙ୍କା ମୁଲ୍ୟରେ କ୍ରୟ ବ୍ୟାଟେରୀ ଚାଳିତ ଗାଡିଗୁଡିକ କରାଯାଇଥିଲା। ମାତ୍ର ଗାଡିଗୁଡିକ ଅଚଳ ହେଉଥିବା ନେଇ ଅଭିଯୋଗ ହୋଇଥିବା ଅନୁସନ୍ଧାନ କରିବାରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଅଳିଆ ସଂଗ୍ରହ ନିମନ୍ତେ କିଣା ଯାଇଥିବା ଗାଡିଗୁଡିକ ପଶ୍ଚିମବଙ୍ଗର ରିୟା ଏଣ୍ଟରପ୍ରାଇଜେସରୁ କିଣା ଯାଇଥିବା ସୂଚନା ମିଳିଛି। ପ୍ରତି ଗାଡି ପିଛା ପ୍ରାୟ ଅଢେଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦର୍ଶାଯାଇଥିବା ବେଳେ ଏଥିପାଇଁ ପଞ୍ଚାୟତରୁ ୩୦ ଏବଂ ବ୍ଲକ ପ୍ରଶାସନ ୭୦ ପ୍ରତିଶତ ଅର୍ଥ ଖର୍ଚ୍ଚ ନେଇ ସୂଚନା ଦିଆଯାଇଥିଲା। ତେବେ ରିୟା ଏଣ୍ଟରପ୍ରାଇଜେସ ସହିତ ସିଧାସଳଖ ଯୋଗାଯୋଗ କରିବାରେ ସମ୍ପୃକ୍ତ ସଂସ୍ଥାର ବାଣିଜ୍ୟିକ ବିଭାଗ ପକ୍ଷରୁ ଅଳିଆ ଉଠା ଗାଡିଗୁଡିକର ଦାମ ୯୫ ହଜାରରୁ ଏକ ଲକ୍ଷ ବୋଲି ସୂଚନା ମିଳିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବଜାରରେ ମହିନ୍ଦ୍ରା, ବାଜାଜ, ପିଆଜିଓ, ଟିଭିଏସ, କାଇନେଟିକ, ଅତୁଲ ଭଳି ନାମିଦାମୀ ଅଟୋ କମ୍ପାନୀ ଥିବାବେଳେ ପଶ୍ଚିମବଙ୍ଗର ସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଇଛି ଜିଲ୍ଲା ପ୍ରଶାସନ। ଫଳରେ ପ୍ରତି ଗାଡି ପିଛା ମୋଟା ଅଙ୍କର କାରବାର ଓ ମୂଳଚାଲ ହୋଇଥିବା ଆଶଙ୍କା ପ୍ରକାଶ ପାଇଛି। ମୂଳ ଦର ଠାରୁ ୨ ଗୁଣ ଅଧିକା ଦରରେ କାହା ସ୍ୱାର୍ଥରେ କିଣା ହେଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଏକାଧିକ ଜନପ୍ରତିନିଧି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନୟାଗଡ଼ ଜିଲ୍ଲାର ସବୁ ପଞ୍ଚାୟତକୁ ଏଭଳି ଗାଡି ଯୋଗାଣ ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଜିଲ୍ଲାର ଓଡଗାଁ ବ୍ଲକରେ ସର୍ବାଧିକ ୩୫ ପଞ୍ଚାୟତରେ, ଖଣ୍ଡପଡ଼ା ବ୍ଲକରେ ୧୨ ପଞ୍ଚାୟତ, ନୂଆଗାଁର ୨୦ ପଞ୍ଚାୟତ ପାଇଁ ଗାଡି କିଣାଯାଇଥିବା ବେଳେ ଭାପୁର, ରଣପୁର ଓ ଏକାଧିକ ପଞ୍ଚାୟତ ମଧ୍ୟ ସାମିଲ ଥିବା ଜଣାପଡିଛି। ଲକ୍ଷାଧିକ ଟଙ୍କା ବ୍ୟୟରେ କିଣାଯାଇଥିବା ଗାଡିଗୁଡିକ ନିମ୍ନମାନର ଏବଂ ଗାଡ଼ିରେ ଆବର୍ଜନା ଭର୍ତ୍ତି ହେବା ପରେ ଗାଡ଼ି ଟାଣୁ ନଥିବା ନେଇ ଅଭିଯୋଗ ପୁରା ପ୍ରକ୍ରିୟାରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଥିବା ସନ୍ଦେହ ପ୍ରକାଶ ପାଇଛି। ଏଭଳି ଘଟଣାକୁ ନେଇ ଏକାଧିକ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ଭିଜିଲାନ୍ସ ତଦନ୍ତ ଦାବି କରିଥିବା ବେଳେ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।




# ପାରାଦୀପଗଡ ଅଞ୍ଚଳରୁ ବ୍ରାଉନ୍ ସୁଗାର ଜବତ, ୩ ଗିରଫ

ପାରାଦୀପ,୩।୯ (ନି.ପ୍ର) : ପାରାଦୀପ ଲକ୍ ଥାନା ଅଂଚଳରୁ ସ୍ଥାନୀୟ ପୋଲିସ୍ ବ୍ରାଉନ୍ ସୁଗାର ଜବତ କରିବା ସହିତ ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏସମ୍ପର୍କରେ ପାରାଦୀପ ଏଏସପି ସ୍ମୃତିରଂଜନ କର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଲକ୍ ଥାନା ନିକଟସ୍ଥ ଚୂନ ଛକ ନିକଟରେ ବ୍ରାଉନ୍ ସୁଗାର ବ୍ୟବସାୟ ହେଉଥିବା ନେଇ ଲକ୍ ଥାନା ଅଧିକାରୀ ରଶ୍ମିରଂଜନ ଦାସ ସୂଚନା ପାଇବା ପରେ ସବ୍‌ଇନ୍ସପେକ୍ଟର ଡି.ଆ.ଓଝାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଂଚିଥିଲେ। ସେଠାରେ ନିକଟସ୍ଥ ଉଚ୍ଛବାନନ୍ଦ ଡିଆ ଗ୍ରାମର ନିତ୍ୟାନନ୍ଦ ମହାରଣାଙ୍କ ପୁଅ ବୁଲା ମହାରଣା(୫୨), ଝିମାଣୀ ଗ୍ରାମର କାଙ୍ଗାଳୀ ବାହାଲିଆଙ୍କ ପୁଅ ଯୋଗେନ୍ଦ୍ର ମହାରଣା(୩୨) ଓ ରବିନ୍ଦ୍ରନାଥ ପ୍ରଧାନଙ୍କ ପୁଅ ସମ୍ପଦ ଓରଫ ପ୍ରଳୟ ପ୍ରଧାନ(୨୫)ଙ୍କୁ ଧରିବା ସହିତ ସେମାନଙ୍କ ନିକଟରୁ ୨୧ ଗ୍ରାମ ବ୍ରଉନ୍ ସୁଗାର (ମରଫିନ୍) ଜବତ କରିଥିଲେ । ଯାହାରକି ଅନୁମାନିକ ମୂଲ୍ୟ ୨.୧ଲକ୍ଷ ଟଙ୍କା ହେବ ବୋଲି ପାରଦୀପ ଏଏସପି ସ୍ମୃତିରଂଜନ କର କହିଛନ୍ତି । ଅଭିଯୁକ୍ତଙ୍କ ନିକଟରୁ ମୋବାଇଲ୍ ଫୋନ୍ ଏବଂ ଟଙ୍କା ଜବତ କରାଯାଇଛି ।



# ଦେଶୀମଦ ଜବତ, ବାପ ଓ ପୁଅ କୋର୍ଟ ଚାଲାଣ

ଖଣ୍ଡପଡ଼ା, ୩।୯ (ନିପ୍ର): ଖଣ୍ଡପଡ଼ା ଅବକାରୀ ବିଭାଗ ପକ୍ଷରୁ ବନମାଳିପୁର ପଞ୍ଚାୟତ ଅଧୀନ ପୁରୁଷୋତ୍ତମପୁର ଗ୍ରାମରେ ଚଢାଉ କରାଯାଇ ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କ ଘରୁ ୪୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଥିବା ସୂଚନା ମିଳିଛି। ଏହି ଚୋରା କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ମୃତ୍ୟୁଞ୍ଜୟ ଓ ତାର ପୁଅ ଦୀପୁନା ତ୍ରିପାଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଜେନାଙ୍କ ଠାରୁ ସୂଚନା ମିଳିଛି। ଏ ନେଇ ଏକ କେସ ରୁଜୁ ହୋଇଥିବା ବେଳେ ଗତ କିଛି ଦିନ ତଳେ ସମାନ କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ମୃତ୍ୟୁଞ୍ଜୟଙ୍କୁ ଗିରଫ କରାଯାଇଥିଲା। ଚଢାଉରେ ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ଦେହୁରିଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।



# ସଙ୍ଗଠନ ସୃଜନ ଅଭିଯାନ ଭୁବନେଶ୍ୱର

## ଅସତ୍ୟ ପ୍ରଚାରକଙ୍କୁ କେବଳ କଂଗ୍ରେସ ତଡ଼ିପାରିବ

ଭୁବନେଶ୍ୱର, ୩/୯: ଦଳ ମଧ୍ୟରେ ଗଣତାନ୍ତ୍ରିକ ପ୍ରକ୍ରିୟା ଅନୁଯାୟୀ ସମସ୍ତଙ୍କ ଆସ୍ଥା ଏବଂ ବିଶ୍ୱାସକୁ ନେଇ ଜିଲ୍ଲାୱାରୀ ସଭାପତି ଚୟନ ହେବ। ଏଆଇସିସି ପକ୍ଷରୁ ଏହି ମର୍ମରେ ନିଷ୍ପତ୍ତି ନିଆଯିବା ପରେ ସଙ୍ଗଠନ ସୃଜନ ଅଭିଯାନ ମାଧ୍ୟମରେ ବର୍ତ୍ତମାନ ସାରା ଓଡ଼ିଶାରେ ଚୟନ ପ୍ରକ୍ରିୟା ଜାରୀ ରହିଛି ବୋଲି କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ପର୍ଯ୍ୟବେକ୍ଷକ ପୂର୍ବତନ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଜେଡି ଶିଲମ ପ୍ରକାଶ କରିଛନ୍ତି । ଶ୍ରୀ ଶିଲମ ପୁଣି କହିଛନ୍ତି ଯେ, ଏହି ସଂଗଠନ ସୃଜନ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦଳୀୟ ଜିଲ୍ଲା ପାଇଁ ଏଆଇସିସି ପକ୍ଷରୁ ଜଣେ ଏବଂ ପିସିସି ପକ୍ଷରୁ ୩ ଜଣ ଲେଖାଏଁ ପର୍ଯ୍ୟବେକ୍ଷକ ରହିବେ। ଆମେ ସମସ୍ତ ଦଳୀୟ କାର୍ଯ୍ୟକର୍ତ୍ତା ଏବଂ କର୍ମୀଙ୍କ ସହିତ ଭେଟିବା ସହ କଂଗ୍ରେସ ବିଚାରଧାରା ସହିତ ସମାନତା ଥିବା ଗୋଷ୍ଠୀ, ସାମାଜିକ ସଙ୍ଗଠନ, ମହିଳା ସଙ୍ଗଠନ ଆଦିଙ୍କ ସହ ଆଲୋଚନା କରିବୁ। ଏହାଛଡ଼ା ଅଣ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ମଧ୍ୟ ମତାମତ ନେବୁ । କଂଗ୍ରେସ ଜାତି ଧର୍ମ ବର୍ଣ୍ଣ ଇତ୍ୟାଦି ଭିତରେ କିଛି ପ୍ରଭେଦ କରେନାହିଁ। ତେଣୁ ସବୁ ବର୍ଗରୁ ଯେମିତି ପ୍ରତିନିଧିତ୍ୱ ହୋଇପାରିବ ସେଥିପ୍ରତି ଆମ ଦୃଷ୍ଟି ରହିବ ।

କଂଗ୍ରେସ ଗାନ୍ଧୀଜୀ, ନେହେରୁ, ଇନ୍ଦିରା ଏବଂ ରାଜୀବଙ୍କ ନୀତି ଆଦର୍ଶରେ ଚାଲିବା ଦଳ । ବର୍ତ୍ତମାନ ବେଶଧାରୀ, ନାଟକବାଜୀଙ୍କ ଯେଉଁ ଅସତ୍ୟ ପ୍ରଚାର ଶାସନ ଚାଲିଛି, ତାକୁ କେବଳ କଂଗ୍ରେସ ତଡ଼ିପାରିବ। ବର୍ତ୍ତମାନ ପିସିସି ସଭାପତି କଠିନ ପରିଶ୍ରମ କରୁଛନ୍ତି। ଯଦି ସମସ୍ତ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ କର୍ମୀ ଏଭଳି ପରିଶ୍ରମ କରନ୍ତି ତେବେ କଂଗ୍ରେସ ଆଗକୁ ଶକ୍ତିଶାଳୀ ହେବା ସହ ଶାସନକୁ ନିଶ୍ଚୟ ଆସିପାରିବ।

ପର୍ଯ୍ୟବେକ୍ଷକ ଶ୍ରୀ ଶିଲମ ଗଣମାଧ୍ୟମଙ୍କୁ ମଧ୍ୟ ଏହି ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ ବିଷୟରେ ନିଜ ବହୁମୂଲ୍ୟ ମତାମତ ଦେବା ପାଇଁ ଅନୁରୋଧ କରିଥିଲେ । ଶ୍ରୀ ଶିଲମ ଏଇଆସିସି ତରଫରୁ ଭୁବନେଶ୍ୱର ଜିଲ୍ଲା ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି । ସେ ବ୍ଲକ ସ୍ତରକୁ ଯାଇ କଂଗ୍ରେସ ଲୋକଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ଅଛି ।

ଏହି ସଂଗଠନ ସୃଜନ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ପର୍ଯ୍ୟବେକ୍ଷକ ଜେଡି ଶିଲମଙ୍କ ସହ ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ତଥା ପର୍ଯ୍ୟବେକ୍ଷକ ସୁଜିତ ପାଢ଼ୀ, ଭୁବନେଶ୍ୱର ଜିଲ୍ଲା ସଂଯୋଜକ ବିଶ୍ୱଜିତ ଦାସ, ପିସିସି ପର୍ଯ୍ୟବେକ୍ଷକ ଅମ୍ରିତା ଦାସ ଏବଂ ସମସିଦା ତୟାବ ଉପସ୍ଥିତ ଥିଲେ ।

ଏହି ଅବସରରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ସମସ୍ତ ନେତୃବୃନ୍ଦ ଓ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀଯୁକ୍ତ ଶିଲମ୍ ଯୋଗ ଦେଇ କହିଥିଲେ ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଏକ ଦକ୍ଷ ସଂଗଠକଙ୍କୁ ଜିଲ୍ଲା ସଭାପତି ଭାବେ ବାଛିବାର ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ପାରଦର୍ଶି କରିବା ପାଇଁ ଜିଲ୍ଲା କଂଗ୍ରେସର କାର୍ଯ୍ୟକର୍ତ୍ତାଙ୍କର ସାହାଯ୍ୟ ଓ ସହଯୋଗ କାମନା କରିଥିଲେ। ଏହି ଅବସରରେ ସେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସେମାନଙ୍କର ବହୁମୂଲ୍ୟ ମତାମତ ଏବଂ ସଂଗଠନକୁ ସୁଦୃଢ କରିବା ନିମନ୍ତେ ପ୍ରସ୍ତାବ ମୌଖିକ କିମ୍ବା ଲିଖିତ ଆକାରରେ ଦେବାପାଇଁ ଅନୁରୋଧ କରିଥିଲେ। ତାଙ୍କର ଆଗାମୀ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଅବସରରେ ସେ ଜଣ ଜଣ କରି ସମସ୍ତଙ୍କୁ କାର୍ଯ୍ୟକର୍ତ୍ତା ଙ୍କୁ ଭେଟିବା ସହିତ ଭୁବନେଶ୍ୱର ସାଂଗଠାନିକ ଜିଲ୍ଲା ମଧ୍ୟରେ ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୱାର୍ଡ ପ୍ରତିନିଧି, ବ୍ଲକ୍ ପ୍ରତିନିଧି, ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ୱତନ୍ତ୍ର ରୂପେ ବୈଠକ ଏବଂ ସାମାଜିକ ସଂଗଠନ ତଥା ଗାନ୍ଧୀ ବିଚାରଧାରାରେ ବିଶ୍ୱାସ ରଖୁଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ବୋଲି ପ୍ରକାଶ କରିଥିଲେ।



# ଆର୍ନ୍ତଜାତୀୟ ମାନବାଧିକାର ରକ୍ଷକ ସଙ୍ଗଠନର

## ରାଜ୍ୟ ଉପସଭାନେତ୍ରୀ ହେଲେ ଶୈଳେନ୍ଦ୍ରୀ

ପାରାଦୀପ,୩।୯ (ନି.ପ୍ର) : ପାରାଦୀପ ଅଂଚଳର ଜଣାଶୁଣା ସମାଜସେବୀ ତଥା ଏନଓସି ଫାଉଣ୍ଡେସନ୍‌ର ରାଜ୍ୟ ସଭାନେତ୍ରୀ ଶୈଳେନ୍ଦ୍ରୀ ସେନାପତି ଆର୍ନ୍ତଜାତୀୟ ମାନବାଧିକାର ରକ୍ଷକ ସଙ୍ଗଠନର ରାଜ୍ୟ ଉପସଭାନେତ୍ରୀ ଭାବେ ମନୋନୀତ ହୋଇଛନ୍ତି । ସେପ୍ଟେମ୍ବର ମାସ ୧ତାରିଖ ଦିନ ସଙ୍ଗଠନର ଜାତୀୟ ସଭାପତି ହରିଓମ୍ ଗିରି ଶ୍ରୀମତୀ ସେନାପତିଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । ରାଜ୍ୟରେ ମାନବାଧିକାର ଓ ସାମାଜିକ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଶ୍ରୀମତୀ ସେନାପତି କାର୍ଯ୍ୟ କରିବେ । ପାରାଦୀପର ବିଭିନ୍ନ ବସ୍ତିମାନଙ୍କରେ ଅସହାୟମାନଙ୍କୁ ବାତ୍ୟା, ମହାମାରୀ କରୋନା ସମୟରେ ସହାୟତା ପ୍ରଦାନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ଏଥି ସହିତ କରୋନା ସମୟରେ ପାରାଦୀପର ବିଭିନ୍ନ ମଠ, ମନ୍ଦିରର ପୂଜକମାନଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ । ସେ ପାରାଦୀପରେ ପ୍ରଥମ ଥର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନୀତ କରିଥିଲେ । ମହିଳାମାନଙ୍କୁ ମାଗଣାରେ ସିଲେଇ ଶିକ୍ଷା ପ୍ରଦାନ କରି ଶ୍ରୀମତୀ ସେନାପତି ସେମାନଙ୍କୁ ଆତ୍ମନିର୍ଭର ହେବାରେ ସହାୟତା ପ୍ରଦାନ କରି ଆସୁଛନ୍ତି । ଏହି ପଦବୀ ପାଇଁ ତାଙ୍କୁ ମନୋନୀତ କରାଯାଇଥିବାରୁ ସେ ସଙ୍ଗଠନର ଜାତୀୟ ସଭାପତି ହରିଓମ୍ ଗିରିଙ୍କ ସମେତ ରାଜ୍ୟ ଅଧ୍ୟକ୍ଷ ମୀନକେତନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି । ଆଗାମୀ ଦିନରେ ସମାଜର ସବୁବର୍ଗର ଲୋକମାନଙ୍କ ମାନବାଧିକାର ରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି । ସେ ପାରାଦୀପର ପରିଚିତ ବ୍ୟବସାୟୀ ତଥା ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ଖଣ୍ଡାସାହିତ ଗ୍ରାମର ଅନୀଲ କୁମାର ସେନାପତିଙ୍କ ଧର୍ମପତ୍ନୀ ।



# ଗୋରୁଗାଈଙ୍କ ରାସ୍ତା ଅବରୋଧ ହଟାଇବା ଓ ବୁଲା କୁକୁରଙ୍କ

## ବନ୍ଧ୍ୟାକରଣ ଉପରେ ଗୁରୁତ୍ୱ : ନିଗମ କମିଶନର

ବ୍ରହ୍ମପୁର: ୩।୯(ସୁରେନ୍ଦ୍ର ନାୟକ) : ବୁଲା ଗୋରୁଗାଈଙ୍କ ରାସ୍ତା ଅବରୋଧ ଓ କୁକୁରଙ୍କ ପ୍ରାଦୁର୍ଭାବରେ ସହରବାସୀଙ୍କ ଜନଜିବନ ପ୍ରଭାବିତକୁ ଦୃଷ୍ଟିରେ ରଖି ବୁଧବାର ଦିନ ମହାନଗର ନିଗମ ତରଫରୁ ଏକ ବୈଠକ ଡେପୁଟି କମିଶନର ଆଶୀର୍ବାଦ ପରିଡ଼ାଙ୍କ ସଭାପତିତ୍ୱରେ ମହାନଗର ନିଗମ ସମ୍ମିଳିନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଯୋଗଦେଇ ନିଗମ ଅଞ୍ଚଳରେ ୨୪ ଘଣ୍ଟିଆ ପଶୁ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ପାଇଁ ଗୁରୁତ୍ୱ ଦେବା ସହ ବୁଲା ଗାଈଗୋରୁଙ୍କ ରାସ୍ତାରେ ନ ଛାଡ଼ିବା ପାଇଁ ଗାଈ ମାଲିକଙ୍କୁ ତାଗିଦ୍ କରିଛି ବି.ଇ.ଏମ୍.ସି। ଏହାକୁ ଅମାନ୍ୟ କଲେ ଗାଈକୁ ଉଠାଯାଇ ଆଶ୍ରୟସ୍ଥଳୀ ଠାରେ ସାମୟିକ ଭାବେ ରଖାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆ ଯାଇଥିଲା। ୧୫ ଦିନ ମଧ୍ୟରେ ଗାଈ ମାଲିକ ତାଙ୍କ ଗାଈକୁ ନେବା ପାଇଁ ଆସିଲେ ଦୁଇ ହଜାର ଟଙ୍କା ଜରିମାନା ଦେବେ ଅନ୍ୟଥା ଉକ୍ତ ଗାଈକୁ ସେଠାରେ ଥିବା ଗୋଶାଳାକୁ ଚିର ଦିନ ପାଇଁ ହସ୍ତାନ୍ତର କରାଯିବ ବୋଲି ଚେତାବନୀ ଦିଆଯାଇଛି । ସେହିପରି ବୁଲା କୁକୁରଙ୍କ ପ୍ରାଦୁର୍ଭାବ ରୋକିବା ପାଇଁ ମହାନଗର ନିଗମ ତରଫରୁ କୁକୁର ଧରିବା ଗାଡ଼ିରେ ନେଇ ପଶୁ ଚିକିତ୍ସାଳୟରେ ଥିବା କୁକୁର କୋଠରୀ ଘରରେ ରଖିବା ସହ ସେମାନଙ୍କୁ ବନ୍ଧ୍ୟାକରଣ କରି ପୁଣି ଛାଡ଼ିଦେବାର ବ୍ୟବସ୍ଥା କରାଯିବ। ଏହି ବନ୍ଧ୍ୟାକରଣ କାର୍ଯ୍ୟ ସପ୍ତାହକୁ ଚାରି ଦିନ ଜାରି ରଖିବା ପାଇଁ କମିଶନର ଶ୍ରୀ ରାଜେଶିର୍କେ ନିର୍ଦ୍ଦେଶ ଦେଇଛନ୍ତି। ଏହି କାମରେ ଯେ କୌଣସି ବ୍ୟକ୍ତି ଖିଲାପ କଲେ ତାହା ବିରୋଧରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।



# ଲଗାଣ ବର୍ଷା ଫଳରେ ଯାଜପୁରରେ କୃତ୍ରିମ ବନ୍ୟା



ଯାଜପୁର: ୩/୦୯ (ନି.ପ୍ର): ଯାଜପୁର ଜିଲ୍ଲାରେ ଜାରି ରହିଛି ଲଗାଣ ବର୍ଷା। ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଫଂଳରେ ଜିଲ୍ଲାର ବିଭିନ୍ନ ତଳିଆ ଅଂଚଳରେ ଜଳମଗ୍ନ ହୋଇଛି । ଯାଜପୁର ପୌରପାଳିକାର ବିଭିନ୍ନ ସ୍ଥାନରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅଳ୍ପ କିଛି ଦିନ ତଳେ ବୈତରଣୀ ଏବଂ ଏହାର ଶାଖାନ ନଦୀରୁ ବନ୍ୟା ଛାଡିବା ପରେ ଏହି ଲଗାଣ ବର୍ଷା ଯୋଗୁଁ ପୁଣି ବନ୍ୟାର ଆଶଙ୍କା ଦେଖାଦେଇଛି। ଉପର ମୁଣ୍ଡରେ ବର୍ଷା ପ୍ରଭାବରେ ବୈତରଣୀ ଜଳସ୍ତର ବଢୁଛି । ଆଖୁଆପଦାଠାରେ ସତର୍କ ସୂଚନା ଛୁଇଁଛି ଜଳସ୍ତର। । ପୂର୍ବ ବନ୍ୟା ଯୋଗୁଁ ଦଶରଥପୁରରେ ସୃଷ୍ଟି ହୋଇଥିବା ଘାଇ ଏ ଯାଏଁ ମରାମତି ଶେଷ ହୋଇନି। ଯାହାକୁ ନେଇ ସ୍ଥାନୀୟ ଅଂଚଳବାସୀ ଭୟଭୀତ ଅଛନ୍ତି। ଅନ୍ୟପଟେ ଯାଜପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ମୁଖ୍ୟ ରାସ୍ତାରେ ୩ ଫୁଟର ପାଣି ପ୍ରବାହିତ ହେଉଛି। ଗତ କାଲି ମଧ୍ୟ ରାତ୍ରରୁ ଲାଗି ରହିଥିବା ଲଗାଣ ବର୍ଷା ଓ ହାଲୁକା ପବନ ପାଇଁ ସାଧାରଣ ଜନ ଜୀବନ ପ୍ରଭାବିତ ହୋଇଛି।

# ସ୍କୁଲ ସହ ଯୋଡ଼ିହେବ ଅଙ୍ଗନବାଡ଼ି କେନ୍ଦ୍ର, ଗାଇଡଲାଇନର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

## ଗର୍ଭବତୀ ମହିଳା, ନବଜାତ ଶିଶୁ ଏବଂ ସ୍କୁଲ ଯିବାକୁ ଥିବା ଶିଶୁମାନଙ୍କର ଶତ-ପ୍ରତିଶତ ଯତ୍ନ ନେବା - ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ବର,୩।୯(ନି.ପ୍ର.): ନୂଆଦିଲ୍ଲୀର ବିଜ୍ଞାନ ଭବନରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କ କରକମଳରେ ଗୋଟିଏ ସ୍ଥାନରେ ପ୍ରାଥମିକ ବିଦ୍ୟାଳୟ ସହିତ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ସ୍ଥାପନା ପାଇଁ ଗାଇଡଲାଇନର ଶୁଭାରମ୍ଭ ହୋଇଯାଇଛି । ନୂଆ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଅଙ୍ଗନବାଡ଼ି ଓ ସ୍କୁଲକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ସହ ସମନ୍ବିତ ମଡେଲ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷାର ମହତ୍ବ ଉପରେ ଗାଇଡଲାଇନରେ ଜୋର୍ ଦିଆଯାଇଛି ।

ଶିକ୍ଷା ମନ୍ତ୍ରଣାଳୟ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏପରି ଅଭିନବ ପଦକ୍ଷେପ ପାଇଁ ଶିକ୍ଷା ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟକୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ'ର ମାନବ ପୁଞ୍ଜି ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିବାର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଏକ ସଫଳ ପଦକ୍ଷେପ ହେବ । ବିକଶିତ ଭାରତର ଲକ୍ଷ୍ୟ ସେତେବେଳେ ପୂରଣ ହେବ ଯେତେବେଳେ ଆମେ ଆଗାମୀ ଦିନରେ ଶତ-ପ୍ରତିଶତ ଗର୍ଭବତୀ ମହିଳା, ନବଜାତ ଶିଶୁ ଏବଂ ସ୍କୁଲ ଯିବାକୁ ଥିବା ଶିଶୁମାନଙ୍କର ଯତ୍ନ ନେବା ।

ଏହି ଅବସରରେ ଶ୍ରୀ ପ୍ରଧାନ + ୨ ପର୍ଯ୍ୟନ୍ତ ପାଠ ପଢିନଥିବା ଏବଂ ଆଗକୁ ପାଠ ପଢିବା ପାଇଁ ଇଚ୍ଛା ରଖୁଥିବା ଅଙ୍ଗନବାଡ଼ି ଦିଦିଙ୍କ ପାଇଁ ମଡ୍ୟୁଲ ପ୍ରସ୍ତୁତ କରିବାକୁ ମହିଳା, ଶିଶୁ ବିକାଶ ଓ ଶିକ୍ଷା ମନ୍ତ୍ରଣାଳୟକୁ ଏକ ପ୍ରସ୍ତାବ ଦେଇଛନ୍ତି । ସେ କହିଛନ୍ତି ଏଆଇ ସମେତ ଅନ୍ୟ ଜ୍ଞାନକୌଶଳ ମାଧ୍ୟମରେ ବିଶ୍ବରେ ଜୀବନଶୈଳୀ ସହଜ ହୋଇଛି ।ଏଥିପାଇଁ ଆମକୁ ଏଆଇର ଉପଯୋଗ କରି ପିଲାମାନଙ୍କ ଭବିଷ୍ୟତ ନିର୍ମାଣ କରିବା ଉପରେ ଦୃଷ୍ଟି ଦେବା ଉଚିତ୍ । ଆମର ଅଙ୍ଗନବାଡ଼ି ଦିଦିମାନେ ପିଲାମାନଙ୍କର ପ୍ରଥମ ଗୁରୁ ଏବଂ ଏଆଇ ମାଧ୍ୟମରେ ଭାରତୀୟ ଭାଷାରେ ଶିକ୍ଷାକୁ ଅଧିକ ସରଳ କରାଯାଇପାରିବ । ଆଗାମୀ ୩ ବର୍ଷ ମଧ୍ୟରେ ଭାରତରେ ପ୍ରାୟ ୨ ଲକ୍ଷ ବେସରକାରୀ ଏବଂ ସରକାରୀ ହାଇସ୍କୁଲରେ ବ୍ରଡବ୍ରାଣ୍ଡ୍ ଇଣ୍ଟରନେଟ୍ ସଂଯୋଗ କରାଯିବ । ଆସର୍ ଏବଂ ପରଖ ରିପୋର୍ଟର ସାମ୍ପ୍ରତିକ ତଥ୍ୟାନୁସାରେ ଗାଁରେ ପିଲାମାନଙ୍କର ଶିକ୍ଷଣ ଫଳାଫଳରେ ସହର ଅପେକ୍ଷା ଭଲ ହୋଇଛି । ଏହି ଅଭୁତପୂର୍ବ ସଫଳତା ଆମର ଅଙ୍ଗନବାଡି ଦିଦିମାନଙ୍କର କଠିନ ପରିଶ୍ରମର ପ୍ରତିଫଳନ । ବର୍ତ୍ତମାନ ସମୟରେ ଆମର ଦାୟିତ୍ବ ହେଉଛି, ଦେଶର ପ୍ରାୟ ୧୫ କୋଟି ପିଲାମାନଙ୍କର ଉପଯୁକ୍ତ ଯତ୍ନ ନେଉ, ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥାର ଯତ୍ନ ନେଉ, ତେବେ ଯାଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଏବଂ ନିପୁଣ ଭାରତର ସ୍ୱପ୍ନ ସାକାର ହେବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

ଉଲ୍ଲେଖନୀୟ, ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସ୍ୱାକ୍ଷରତା ବିଭାଗର ସହଯୋଗରେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ପାଇଁ ଗାଇଡଲାଇନ ଜାରି କରାଯାଇଛି । ଏହି ପଦକ୍ଷେପ ବିକଶିତ ଭାରତର ମାନବ ସମ୍ବଳ ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ କଳ୍ପନାକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଜାତୀୟ ଶିକ୍ଷା ନୀତି ଅଧୀନରେ ଏହି ଗାଇଡଲାଇନ, ଅଙ୍ଗନବାଡ଼ି ଓ ସ୍କୁଲକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ସହ ସମନ୍ବିତ ମଡେଲ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷାର ମହତ୍ତ୍ୱ ଉପରେ ଯୋର୍ ଦେଉଛି । ସମଗ୍ର ଭାରତବର୍ଷରେ ସ୍କୁଲ ପରିସରରେ ପୂର୍ବରୁ ୨.୯ ଲକ୍ଷରୁ ଅଧିକ ଅଙ୍ଗନୱାଡି କେନ୍ଦ୍ର ରହିଛି । ଏଥିପାଇଁ ଏହି ଗାଇଡଲାଇନ୍ ବା ନିର୍ଦ୍ଦେଶାବଳୀ ପରିଚାଳନା ସମ୍ବନ୍ଧୀୟ ଆବଶ୍ୟକ ସ୍ୱଷ୍ଟତା ପ୍ରଦାନ କରିବ ଏବଂ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳରେ ଏହି ମଡେଲକୁ ପ୍ରଭାବଶାଳୀ ଢଙ୍ଗରେ ଆଗକୁ ବଢାଇବା ଦିଗରେ ସମର୍ଥ କରିବ ।

ଏହି କାର୍ଯ୍ୟକ୍ରମରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ, ଶିକ୍ଷା ଏବଂ ସାକ୍ଷରତା ବିଭାଗର ବରିଷ୍ଠ ଅଧିକାରୀ, ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ଉଭୟ ବିଭାଗର ପ୍ରତିନିଧି ଏବଂ ଅଙ୍ଗନୱାଡି କର୍ମଚାରୀମାନେ ଯୋଗଦେଇଥିଲେ ।

# ନବରଙ୍ଗପୁରରେ ସାମ୍ବାଦିକଙ୍କ ଉପରେ ନିଶାସକ୍ତଙ୍କ ଆକ୍ରମଣ

## ଓଡିଶା ଡିଜିପିଙ୍କୁ ଏନଏଚ୍ଆରସି ନୋଟିସ୍ ଜାରି

ନୂଆଦିଲ୍ଲୀ,୩।୯(ନି.ପ୍ର.): ଜାତୀୟ ମାନବାଧିକାର କମିଶନ (ଏନଏଚ୍ଆରସି) ଏକ ଗଣମାଧ୍ୟମ ରିପୋର୍ଟର ସ୍ୱତଃ ସଂଜ୍ଞାନ ନେଇଛନ୍ତି, ଯେଉଁଥିରେ ଦର୍ଶାଯାଇଥିଲା ଯେ ୨୯ ଅଗଷ୍ଟ, ୨୦୨୫ ରେ ଓଡ଼ିଶାର ନବରଙ୍ଗପୁର ଜିଲ୍ଲାର ପାପଡାହାଣ୍ଡି ଅଞ୍ଚଳରେ ଜଣେ ସାମ୍ବାଦିକଙ୍କୁ ଜନୈକ ନିଶାଶକ୍ତ ବ୍ୟକ୍ତି ଅନେକ ଥର ଛୁରାମାଡ଼ କରିଥିଲେ। ତାଙ୍କ ବିରୁଦ୍ଧରେ ଅଭିଯୋଗ କରିବାରୁ ସେ ଏହି ଆକ୍ରମଣ କରିଥିଲେ। ପୀଡିତ ସାମ୍ବାଦିକଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।କମିଶନ କହିଛନ୍ତି ଯେ, ଯଦି ଏହି ଖବର ସତ୍ୟ ତେବେ ଏହା ମାନବାଧିକାର ଉଲ୍ଲଂଘନର ଏକ ଗମ୍ଭୀର ପ୍ରସଙ୍ଗ ଅଟେ। ତେଣୁ, କମିଶନ ଓଡ଼ିଶାର ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ନୋଟିସ୍ ଜାରି କରି ଦୁଇ ସପ୍ତାହ ମଧ୍ୟରେ ଏ ସମ୍ପର୍କରେ ବିସ୍ତୃତ ରିପୋର୍ଟ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ତଦନ୍ତର ସ୍ଥିତି ଏବଂ ଆହତ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ସୂଚନା ପ୍ରଦାନ କରିବାକୁ ମଧ୍ୟ କୁହାଯାଇଛି। ୩୦ ଅଗଷ୍ଟ, ୨୦୨୫ରେ ପ୍ରସାରିତ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ଘଟଣା ସାମ୍ବାଦିକ ଏବଂ ଅଞ୍ଚଳର ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି।

# ୩୩ ଲକ୍ଷ ଘୋଷିତ ୨୦ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୩।୯(ନି.ପ୍ର.): ସୀମାନ୍ତ ଛତିଶଗଡର ସୁକମା ଜିଲ୍ଲା ପୁଲିସ ନିକଟରେ ୨୦ ଜଣ ଦୁର୍ଦ୍ଦାନ୍ତ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ ସରକାରଙ୍କ ତରଫରୁ ଆରମ୍ଭ ହୋଇଥିବା 'ଘରକୁ ଫେରିଆସ' ଓ ଆତ୍ମନିର୍ଭରଶୀଳ ନୀତିରେ ପ୍ରଭାବିତ ହୋଇ ନକ୍ସଲ ସଂଗଠନ ଛାଡି ମୁଖ୍ୟସ୍ରୋତରେ ସାମିଲ ହେଲେଣି। ଏହି କ୍ରମରେ ଆଜି ସୁକମା ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସପି କିରଣ ଚୌହାନ, ସିଆରପିଏଫ କମାଣ୍ଡାଣ୍ଟ ରାଜେଶ କୁମାର ପାଣ୍ଡେଙ୍କ ନିକଟରେ ଏହି ୨୦ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୯ ଜଣ ମହିଳା ନକ୍ସଲ ଅଟନ୍ତି। ଏମାନଙ୍କ ମୁଣ୍ଡରେ ୩୩ ଲକ୍ଷ ଟଂକାର ପୁରସ୍କାର ରହିଥିଲା। ଏମାନେ ବହୁ ହିଂସାରେ ଜଡିତ ଥିବା ପୁଲିସ କହିଛି। ଏମାନଙ୍କ ମଧ୍ୟରୁ ଜଣେ ହାର୍ଡକୋର ମହିଳା ନକ୍ସଲ ରହିଛି।

ସୁକମା ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସପି କିରଣ ଚୌହାନ, ସିଆରପିଏଫ କମାଣ୍ଡାଣ୍ଟ ରାଜେଶ କୁମାର ପାଣ୍ଡେଙ୍କ ନିକଟରେ ଏହି ୨୦ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ବିଭିନ୍ନ ସଂଗଠନର ସଦସ୍ୟ ବୋଲି ପୁଲିସ କହିଛି। ୨ ନକ୍ସଲଙ୍କ ନାମରେ ୮ ଲକ୍ଷ ପୁରସ୍କାର ରହିଥିବା ବେଳେ ଜଣେ ନକ୍ସଲ ନାମରେ ୫ ଲକ୍ଷ, ୩ ନକ୍ସଲ ନାମରେ ୪ ଲକ୍ଷ ଲେଖାଏଁ ଏବଂ ଅନ୍ୟ ନକ୍ସଲମାନେ ପାର୍ଟି ସଦସ୍ୟ ରହିଛନ୍ତି। ପୁଲିସ ତରଫରୁ ସମସ୍ତ ନକ୍ସଲଙ୍କୁ ୫୦ ହଜାର ଟଂକା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ସମସ୍ତ ନକ୍ସଲଙ୍କୁ ଆତ୍ମନିର୍ଭୀରଶୀଳ କରାଯିବ। ନକ୍ସଲ ସଂଗଠନରେ ହେଉଥିବା ଭେଦଭାବ, ନିର୍ଯ୍ୟାତନା ଏବଂ ପୁଲିସର ଘନ ଘନ ଚଢାଉ ଯୋଗୁଁ ଏମାନେ ଭୟଭୀତ ହୋଇ ରହିଥିଲେ। ମୁଖ୍ୟସ୍ରୋତରେ ସାମିଲ ହୋଇ ବାକି ଜୀବନ ଖୁସିରେ କଟାଇବୁ ବୋଲି କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡି ସ୍ଥାନାନ୍ତର ପରେ ଆରମ୍ଭ ହେବ ଧାଡି ଦର୍ଶନ: ଆଇନ ମନ୍ତ୍ରୀ

ଭୁବନେଶ୍ୱର: ଶ୍ରୀମନ୍ଦିର ହୁଣ୍ଡି ସ୍ଥାନାନ୍ତର ପରେ ଆରମ୍ଭ ହେବ ଧାଡି ଦର୍ଶନ। ବୁଧବାର ବସିଥିବା ଶ୍ରୀମନ୍ଦିର ପରିଚାଳନା ବୈଠକରେ ଏନେଇ ଆଲୋଚନା ହୋଇଛି। ଏ ନେଇ ପରିଚାଳନା କମିଟି ସରକାରଙ୍କୁ ପ୍ରସ୍ତାବ ଦେବେ। ଏହା ପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ହୁଣ୍ଡି ସ୍ଥାନାନ୍ତର ହେବ। ସେପ୍ଟେମ୍ବର ୧୫ ସୁଦ୍ଧା ସବୁ ପ୍ରକ୍ରିୟା ସାରି ଧାଡି ଦର୍ଶନ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ପ୍ରଦାନ କରିଛନ୍ତି। ପୂଜା ପୂର୍ବରୁ ରାସ୍ତାଘାଟ ମରାମତି କାମ ସରିବ। ଆସନ୍ତା ୬ ତାରିଖରେ ବୈଠକ ବସିବ। ବୈଠକରେ କଟକ, ଭୁବନେଶ୍ୱରର ସମସ୍ତ ବିଧାୟକ, ମେୟର, କମିସନରଙ୍କ ସହ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବେ। ସେପ୍ଟେମ୍ବର ୨୦ ସୁଦ୍ଧା ସବୁ ରାସ୍ତାର ମରାମତି କାମ ସରିବ। ଏନେଇ ୬ ତାରିଖ ବୈଠକରେ ରୋଡ ମ୍ୟାପ୍ ପ୍ରସ୍ତୁତ ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ଚେରଲାପାଲି – ଶାଲିମାର ରୁଟ୍‌ରେ ସାପ୍ତାହିକ ପାର୍ବଣ ସ୍ପେଶାଲ ଟ୍ରେନ ଘୋଷଣା

ଭୁବନେଶ୍ୱର,୩।୯(ନି.ପ୍ର.): ଆରାମଦାୟକ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା ଏବଂ ପାର୍ବଣ ଋତୁରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼ ପରିଚାଳନା କରିବା ପାଇଁ, ଭାରତୀୟ ରେଳବାଇ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସାପ୍ତାହିକ ସ୍ପେଶାଲ ଟ୍ରେନର ପରିଚାଳନା କରିବ: ଟ୍ରେନ୍ ବିବରଣୀ-ଟ୍ରେନ୍ ନମ୍ବର ୦୭୨୨୫/୦୭୨୨୬ ଚେରଲାପାଲି – ଶାଲିମାର



– ଚେରଲାପାଲି ସାପ୍ତାହିକ ସ୍ପେଶାଲ, ଚେରଲାପାଲିରୁ: ୧୩ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ପ୍ରତି ସୋମବାର ୦୪:୩୦ ଘଣ୍ଟାରେ ଛାଡିବ। ଶାଲିମାରରୁ: ୧୪ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ୧୦:୦୦ ଘଣ୍ଟାରେ ଛାଡିବ। ରହଣିସ୍ଥଳ (ଉଭୟ ପଟୁ)-ଟ୍ରେନ୍ ନିମ୍ନଲିଖିତ ଷ୍ଟେସନଗୁଡ଼ିକରେ ରହଣି କରିବ: କାଜିପେଟ୍, ୱାରାଙ୍ଗଲ୍, ମହବୁବାବାଦ, ଖମାମ୍, ରାୟନାପାଡୁ, ଏଲୁରୁ, ରାଜମଣ୍ଡ୍ରି, ସମଲକୋଟ, ତୁନି, ଦୁଭଡାଡା, ବିଜୟନଗରମ୍, ଶ୍ରୀକାକୁଲମ୍ ରୋଡ୍, ପଲାସା, ବ୍ରହ୍ମପୁର, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ, ବାଲେଶ୍ୱର, ଖଡ଼ଗପୁର, ଏବଂ ସାନ୍ତରାଗାଛି। କୋଚ୍ ସଂରଚନା:୦୨ ଟି ଦ୍ୱିତୀୟ ଶ୍ରେଣୀ ଏସି କୋଚ୍, ୦୪ ଟି ତୃତୀୟ ଶ୍ରେଣୀ ଏସି କୋଚ୍, ୧୩ ଟି ସ୍ଲିପର ଶ୍ରେଣୀ କୋଚ୍, ୦୩ ଟି ଦ୍ୱିତୀୟ ଶ୍ରେଣୀ ସିଟିଂ କୋଚ୍, ୦୨ ଟି ଲଗେଜ୍ ଭ୍ୟାନ୍-କମ୍-ଦ୍ୱିତୀୟ ଶ୍ରେଣୀ କୋଚ୍ (ଦିବ୍ୟାଙ୍ଗଜନ-ଅନୁକୂଳ ସୁବିଧା ସହିତ) ।

# ଜିଲ୍ଲା ପରିଷଦର ୬୦ତମ ସାଧାରଣ ବୈଠକ ଅନୁଷ୍ଠିତ



ଅନୁଗୋଳ,୩।୯(ନି.ପ୍ର.): ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପରିଷଦର ୬୦ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦିପ ଗଡନାୟକ, ମାନ୍ୟବର ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ରାଜେନ୍ଦ୍ର ସିଂଙ୍କ ସମେତ ଜିଲ୍ଲା ପରିଷଦରସଦସ୍ୟା ଓ ସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଅଧ୍ୟକ୍ଷ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ବୈଠକରେ ଯୋଗ ଦେଇଥିଲେ । ପ୍ରଥମେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ

ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ତା.୦୯.୦୪.୨୦୨୫ ରିଖରେ ଅନୁଷ୍ଠିତ ହୋଇଥିବା ପୂର୍ବ ସଭାର ବିବରଣୀ ପାଠ କରିଥିଲେ । କାର୍ଯ୍ୟସୂଚୀ ମୁତାବକ ବୈଠକରେ ପୂର୍ବ ସଭାରେ ନିଆଯାଇଥିବା ନିଷ୍ପତ୍ତି ଅନୁପାଳନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ବୈଠକରେ ପ୍ରଥମେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଏହି ଅବସରରେ ଉପସ୍ଥିତ ସଭ୍ୟାଛସଭ୍ୟଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ପ୍ରସ୍ତାବକୁ ମଧ୍ୟ ଗ୍ରହଣ କରାଯାଇଥିଲା। ଏହି ବୈଠକରେ ପଞ୍ଚାୟତିରାଜ, କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉନ୍ନୟନ, ପାନୀୟ ଜଳ ଓ ପରିମଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଜଙ୍ଗଲ, ପରିବେଶ ଓ ପ୍ରଦୂଷଣ, ଶକ୍ତି, ବିଦ୍ୟାଳୟ ଓ ଗଣ ଶିକ୍ଷା, ଜଳ ସମ୍ପଦ ଇତ୍ୟାଦି ବିଭାଗ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନ ମୋହନ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନାରାୟଣମହାପାତ୍ର ଓ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# କବାଡ଼ିଆ ଦୋକାନରୁ ଚୋରି ସାମଗ୍ରୀ ଜବତ ୪ ଗିରଫ

ଅନୁଗୋଳ : ଅନୁଗୋଳ ସହର ଶିମିଳିପଡାରେ ଥକିବା କବାଡି ଦୋକାନ ଉପରେ ପୁଲିସ ଅତର୍କିତ ଚଢ଼ାଉ କରି ବିଭିନ୍ନ ଚୋରି ସାମଗ୍ରୀ ଜବତ କରିବା ସହ ଦୁଇ କବାଡିଆଙ୍କ ସମେତ ୪ଜଣଙ୍କୁ ପୁଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗତ ମାସରେ ଏକ ରେଷ୍ଟୁରାଣ୍ଟରୁ ଗ୍ୟାସ ଚୁଲା, ୪ଟି ନୂଆ ସିଲଭର




ହଣ୍ଡା, ବାସନ କୁସନ ଚୋରୀ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ପଞ୍ଚମୁଖୀ ମାର୍କେଟରୁ ଏକ ଦୋକାନର ଏସି ପାଇପ ଚୋରି ଏବଂ ଅନ୍ୟ ଏକ ଘଟଣାରେ ଗୋଟିଏ କମର୍ସିୟାଲ ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବା ଥାନାରେ ଅଭିଯୋଗ ହେବାସହ ପୁଲିସ ତଦନ୍ତ ଜାରି ରଖିଥିଲା। ଶିମିଳିପଡା ଏକ କବାଡ଼ିଆ ଦୋକାନ ଉପରେ ଚଢାଉ କରି ଉପରୋକ୍ତ ଚୋରି ସାମଗ୍ରୀକୁ ଜବତ କରିବା ସହିତ ଅମଲାପଡାର ସେଖ ଇସଲାମ , ସେଖ ମୁନା ଓରଫ କାଳିଆ , ଶିମିଳିପଡାର କବାଡି ଦୋକାନୀ ରିଙ୍କୁ ଓରଫ ଶୁଭ୍ରଜ୍ୟୋତି ଜେନା ଏବଂ କବାଡି ଦୋକାନୀ ବାବୁ ବେହେରା ଙ୍କୁ ପୁଲିସ ଗିରଫ କରିଛି।

# ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ 'ରାଜଭାଷା ହିନ୍ଦୀ ଏବଂ ପୋଷଣ ମାସ' କର୍ମଶାଳା

ଭୁବନେଶ୍ୱର,୩।୯(ନି.ପ୍ର.): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଂଚାର ବ୍ୟୁରୋ, (ସିବିସି) ପ୍ରାଦେଶିକ କାର୍ଯ୍ୟାଳୟ ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆଜି "ରାଜଭାଷା ହିନ୍ଦୀ କର୍ମଶାଳା ସହ ପୋଷଣ ମାସ" କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଛି। ପିଆଇବି ଓ ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ବିଶେଷ



ଅତିଥିଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସହାୟକ ପ୍ରଫେସର ଡକ୍ଟର ସ୍ନେହଲତା ଦାଶ, ସ୍ୱତନ୍ତ୍ର ଅତିଥି ଭାବେ ମହିଳା ଏବଂ ଶିଶୁ ବିକାଶ ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀମତୀ ସ୍ୱୟଂପ୍ରଭା ମହାନ୍ତି, ରାଜଭାଷା ବିଭାଗର ସହାୟକ ନିର୍ଦ୍ଦେଶକ ସୁଶ୍ରୀ କିର୍ତ୍ତୀ ସିଂଙ୍କ ସମେତ ବହୁ ସରକାରୀ ଅଧିକାରୀ ଓ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ରାଜଭାଷା ହିନ୍ଦୀର ପ୍ରଚାର ପ୍ରସାର ସହିତ ସରକାରୀ କାର୍ଯ୍ୟରେ ଏହାର ପ୍ରୟୋଗକୁ ପ୍ରୋତ୍ସାହିତ କରିବା ଏବଂ ପୋଷଣ ମାସ ପରିପ୍ରେକ୍ଷୀରେ ସାମାଜିକ ସଚେତନତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମରେ ଆମନ୍ତ୍ରିତ ବିଶେଷଜ୍ଞମାନେ ରାଜଭାଷା ହିନ୍ଦୀର ଗୁରୁତ୍ୱ, ସରକାରୀ କାମରେ ଏହାର ପ୍ରୟୋଗ ଓ ପୋଷଣ ସମ୍ବନ୍ଧୀୟ ବିଭିନ୍ନ ପ୍ରାସଙ୍ଗିକ ବିଷୟରେ ଆଲୋକପାତ କରିଥିଲେ। ଭାଷା ଓ ପୋଷଣ ଉଭୟକୁ ସମାନ ଗୁରୁତ୍ୱ ଦେଇ ସମୃଦ୍ଧିର ପଥରେ ବଢିବା ଆବଶ୍ୟକ ବୋଲି ସେମାନେ ମତ ଦେଇଥିଲେ।

କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପିଆଇବି ଏଡିଜି ଶ୍ରୀ ମିଶ୍ର କହିଥିଲେ, ରାଜଭାଷା ହିନ୍ଦୀ କେବଳ ଏକ ମାଧ୍ୟମ ନୁହେଁ, ବରଂ ଦେଶର ସାମାଜିକ ଏବଂ ସାଂସ୍କୃତିକ ଏକତାର ପ୍ରତୀକ। ସରକାରୀ କାର୍ଯ୍ୟକଳାପରେ ରାଜଭାଷାର ସୁଚିନ୍ତିତ ପ୍ରୟୋଗ ଦ୍ୱାରା ସାଧାରଣ ନାଗରିକଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପିତ ହୁଏ। ସେ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, ପ୍ରକଳ୍ପ ଏବଂ ସଚେତନତା କାର୍ଯ୍ୟକ୍ରମକୁ ହିନ୍ଦୀ ସହିତ ସ୍ଥାନୀୟ ଭାଷାରେ ଉପସ୍ଥାପନ କରିଲେ, ସାଧାରଣ ଲୋକଙ୍କ ପାଇଁ ଏହା ଅଧିକ ବୋଧଗମ୍ୟ ହୁଏ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପ୍ରତ୍ୟେକ କାର୍ଯ୍ୟରେ ଭାଷାର ସମନ୍ୱୟକୁ ସୁନିଶ୍ଚିତ କରାଯାଉଛି ।ପୋଷଣ ମାସ ବିଷୟରେ ସେ କହିଥିଲେ ଯେ, ପୋଷଣ ସମ୍ପର୍କୀୟ ସଚେତନତା ମହିଳା, ଶିଶୁ ଓ ପରିବାର ପାଇଁ ସବୁଠାରୁ ଆବଶ୍ୟକ। ସୁସ୍ଥ ପରିବାର ହେଉଛି ସୁସ୍ଥ ସମାଜର ଆଧାର, ଏବଂ ସୁସ୍ଥ ସମାଜ ବିନା ଜାତୀୟ ଉନ୍ନତି ସମ୍ଭବ ନୁହେଁ। ସେ ଜୋର ଦେଇ କହିଥିଲେ, "ସୁସ୍ଥ ଜୀବନ ପାଇଁ ସମସ୍ତେ "ସଚେତନ ଓ ଉତ୍ତମ ଖାଦ୍ୟାଭ୍ୟାସ" ମନ୍ତ୍ରକୁ ଅନୁସରଣ କରିବା ଆବଶ୍ୟକ।

# ଉଚ୍ଚ ଶିକ୍ଷା ଅନୁଷ୍ଠାନମାନଙ୍କରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ତନଖି ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ



ଭୁବନେଶ୍ୱର,୩।୯(ନି.ପ୍ର.): ରାଜ୍ୟର ଉଚ୍ଚ ଶିକ୍ଷା ଅନୁଷ୍ଠାନମାନଙ୍କରେ ବିଶେଷ କରି ବଡ ସମ୍ମିଳନୀ କକ୍ଷ ଥିବା ଅନୁଷ୍ଠାନମାନଙ୍କରେ ଅଗ୍ନି ନିରାପତା ବ୍ୟବସ୍ଥାର ପ୍ରତିଷେଧକମୂଳକ ତନଖି ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି। ଚଳିତ ସେପ୍ଟେମ୍ବର ୩ ତାରିଖ ଦିନ ରାଜ ଭବନରେ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ବିଭାଗ ଦ୍ୱାରା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ମୁକାବିଲା ସଂପର୍କିତ ଉପସ୍ଥାପନା ଦେଖିବା ଅବସରରେ ରାଜ୍ୟପାଳ ଏପରି ଗୁରୁତ୍ୱାରୋପ କରିଛନ୍ତି। ବିଭାଗର ଉପକରଣ, କର୍ମଚାରୀ, ତାଲିମ କାର୍ଯ୍ୟକ୍ରମ ଏବଂ ଭବିଷ୍ୟତ ଯୋଜନା ସଂପର୍କରେ ଅବଗତ ହେବା ପରେ ରାଜ୍ୟପାଳ କହିଥିଲେ ଯେ ଅଗ୍ନି ନିରାପତା ବ୍ୟବସ୍ଥାର ପ୍ରତିଷେଧମୂଳକ ଯାଂଚ ସମ୍ଭାବ୍ୟ ବିପଦ ଚିହ୍ନଟ କରିବାରେ ଏବଂ ସମୟୋଚିତ ସଂଶୋଧନମୂଳକ ପଦକ୍ଷେପ ନେବାରେ ସାହାଯ୍ୟ କରିଥାଏ। ଏତଦ୍‌ବ୍ୟତୀତ ଏହାଦ୍ୱାରା ଆପଦକାଳୀନ ସମୟରେ ସୁରକ୍ଷିତ ସ୍ଥାନାନ୍ତର ପଥ ସୁନିଶ୍ଚିତ ହୋଇଥାଏ, ଆଘାତ କିମ୍ବା ଅଘଟଣ ସମ୍ଭାବନା ହ୍ରାସ ହୁଏ, କ୍ଷୟ କ୍ଷତିକୁ ହ୍ରାସ କରାଯାଇପାରେ ଏବଂ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରାଯାଇଥାଏ ବୋଲି ରାଜ୍ୟପାଳ କହିଥିଲେ।

ଉପସ୍ଥାପନା ସମୟରେ ରୋବଟିକ ମନିଟର, ଉନ୍ନତ ଉଦ୍ଧାର ଟେଣ୍ଡର, କମାଣ୍ଡ ଭେଇକିଲ, ହାଇଡ୍ରୋଲିକ ପ୍ଲାଟ ଫର୍ମ ଏବଂ ଅନ୍ୟାନ୍ୟ ଉନ୍ନତ ଉପକରଣ ଓ ଯନ୍ତ୍ରପାତି ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ଅତିରିକ୍ତ ଯନ୍ତ୍ରପାତି କ୍ରୟ ସଂପର୍କିତ ସ୍ଥିତି ଓ ଭବିଷ୍ୟତରେ ବ୍ୟବସ୍ଥାର ଉନ୍ନତି ପାଇଁ ଯୋଜନା ବିଷୟରେ ରାଜ୍ୟପାଳ ପଚାରି ବୁଝିଥିଲେ। ପୁରୀ ଜିଲ୍ଲା ରାମଚଣ୍ଡୀରେ ଥିବା ଦେଶର ପ୍ରଥମ ନ୍ୟାସନାଲ ୱାଟର ରେସ୍କ୍ୟୁ ଆଣ୍ଡ ୱାଟରମ୍ୟାନସିପ୍ କେନ୍ଦ୍ର, କ-୯ ସ୍କ୍ୱାଡ ନିୟୋଜନ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ବିଭାଗର ଦକ୍ଷତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ସଂପୂର୍ଣ୍ଣ ଅନ୍‌ଲାଇନ୍ ଫାୟାର ଲାଇସେନ୍ସିଂ ପ୍ରକ୍ରିୟା, ତୃତୀୟ ପକ୍ଷ ଏଜେନ୍ସି ନିୟୋଜନ ଭଳି ପଦକ୍ଷେପ ତଥା ଓଡ଼ିଶାର ସାମଗ୍ରିକ ବିପର୍ଯ୍ୟୟ ପ୍ରସ୍ତୁତି ଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ ଏ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ମଡେଲ ପାଲଟିଛି ବୋଲି କହିଥିଲେ। ଏହାପରେ ରାଜ୍ୟପାଳ କମାଣ୍ଡ ଭେଇକିଲ୍ ଦେଖିଥିଲେ ଏବଂ ଏହାର ଉନ୍ନତ ବୈଶିଷ୍ଟ୍ୟଗୁଡ଼ିକ ପର୍ଯ୍ୟବେକ୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡି.ଜି. ଅଗ୍ନିଶମ ଓ ଆପତକାଳୀନ ସେବା, କମାଣ୍ଡାଂଟ୍ ଜେନେରାଲ ହୋମଗାର୍ଡସ ଏବଂ ନିର୍ଦ୍ଦେଶକ ସିଭିଲ ଡିଫେନ୍ସ ଡ. ସୁଧାଂଶୁ ଷଡଙ୍ଗୀ, ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁ, ଡି.ଆଇ.ଜି. ଫାୟାର ଆଣ୍ଡ ଇମରଜେନ୍ସି ସର୍ଭିସ୍ ଆଣ୍ଡ ହୋମଗାର୍ଡସ୍ ଡ. ଉମାଶଙ୍କର ଦାଶ ଏବଂ ବିଭାଗୀୟ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 8895060520, 8178826522 (ବାର୍ତ୍ତା ସମ୍ପାଦକ), Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ